# ସକାଳ THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-330 ◆BHUBANESWAR ◆THURSDAY ◆29 MAY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୩୦ ◆ଭୁବନେଶ୍ୱର ◆ଗୁରୁବାର ◆୨୯ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




'ସବୁ କଳା ଜାଣିଛି'

▸ପୃଷ୍ଠା ୧୧ ଦେଖନ୍ତୁ...

## କମିଲା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କେନ୍ଦ୍ରୀୟ ସହାୟତା

# ଓଡ଼ିଶାକୁ ୫୦୦ କୋଟି ଟଙ୍କା କମ୍ ଅନୁଦାନ

■ ଭୁବନେଶ୍ୱର, ୨୮।୫ (ସମିସ): ରାଜ୍ୟର ୮୩୦୦ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏଯାଏଁ ସଡ଼କ ସଂଯୋଗ ହୋଇପାରି ନାହିଁ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଗତ ଅଧିବେଶନରେ ବିଧାନସଭାରେ ଏହି ତଥ୍ୟ ପ୍ରଦାନ କରିବା ସହ ୧୦୦ ଜନସଂଖ୍ୟା ବିଶିଷ୍ଟ ଗାଁକୁ ସବୁଦିନିଆ ରାସ୍ତା କରିବାକୁ ଘୋଷଣା କରିଥିଲେ। ମାତ୍ର କେନ୍ଦ୍ର ସରକାର ଓଡ଼ିଶାକୁ ଅନୁଦାନ ହ୍ରାସ କରିବା ପରେ ରାଜ୍ୟ ସରକାରଙ୍କ ଏହି ଘୋଷଣାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି।

ବିଡ଼ମ୍ବନା ହେଉଛି ନବୀନ ପଟ୍ଟନାୟକ ସରକାରଙ୍କ ଶେଷ ଆର୍ଥିକ ବର୍ଷରେ ଓଡ଼ିଶାକୁ କେନ୍ଦ୍ର ସରକାର ଯେତିକି ଅନୁଦାନ ପ୍ରଦାନ କରିଥିଲେ, ଏବେ ବିଜେପି ସରକାରଙ୍କ ସମୟରେ ତା'ଠାରୁ ଓଡ଼ିଶା ୫୦୦ କୋଟି ଟଙ୍କା କମ୍ ପାଇଛି। ଓଡ଼ିଶାରେ ବିଜେପି କ୍ଷମତାକୁ ଆସିଲେ କେନ୍ଦ୍ରରୁ ବିପୁଳ ଅର୍ଥ ରାଶି ମିଳିବ ବୋଲି ଦଳୀୟ ନେତାମାନେ ମାରିଥିବା ବାହାଦୂରୀ ଏବେ ଛଳନା ବୋଲି ପ୍ରମାଣିତ ହୋଇଛି।




୨୦୨୩-୨୪ ଆର୍ଥିକ ବର୍ଷରେ ତତ୍କାଳୀନ ବିଜେଡି ସରକାର ସମୟରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ଓଡ଼ିଶାକୁ କେନ୍ଦ୍ର ସରକାର ୧୨୬୧ କୋଟି ଟଙ୍କା ପ୍ରଦାନ କରିଥିଲେ। ଏହି ଅର୍ଥରେ ଗ୍ରାମାଞ୍ଚଳକୁ ସଡ଼କ ନିର୍ମାଣ କରାଯାଉଥିଲା ଏବଂ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ କରୁଥିଲେ। ୨୦୨୪-୨୫ରେ ରାଜ୍ୟରେ ବିଜେପି ସରକାର କେନ୍ଦ୍ରରୁ ଏହି ଯୋଜନାରେ ମାତ୍ର ୭୧୨ କୋଟି ଟଙ୍କା ଆଣିବାରେ ସକ୍ଷମ ହୋଇଛନ୍ତି। ଫଳରେ ଓଡ଼ିଶା ଡବଲ୍ ଇଞ୍ଜିନ୍ ସରକାରରେ ଉପେକ୍ଷିତ ହୋଇଛି।

ବିଜେଡି ଶାସନରେ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଓଡ଼ିଶାର ଅବହେଳାର ତୀବ୍ର ପ୍ରତିବାଦ କରିବା ସହ ଅଧିକ ଅନୁଦାନ ଦାବି କରୁଥିଲା। ବିଜେଡି ସାଂସଦମାନେ ଦିଲ୍ଲୀରେ ବିଭିନ୍ନ ମନ୍ତ୍ରୀଙ୍କ ନିକଟରେ ରାଜ୍ୟର ଦାବି ଉଠାଉଥିଲେ। ମାତ୍ର ସମ୍ପ୍ରତି ଓଡ଼ିଶାରୁ ୨୦ ଜଣ ବିଜେପି ସାଂସଦ ▸ପୃଷ୍ଠା-୭

# ଓଡ଼ିଶାରେ ମୌସୁମୀ

## ଲଘୁଚାପ ଘନୀଭୂତ । ୨୪ ଘଣ୍ଟାରେ ଅବପାତ । ଆହୁରି ୨ ଦିନ ବର୍ଷା

■ ଭୁବନେଶ୍ୱର, ୨୮।୫ (ସମିସ): ଓଡ଼ିଶା ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ସ୍ୱାଭାବିକ ତାରିଖ ଜୁନ୍ ୧୦ ତୁଳନାରେ ୧୪ ଦିନ ଆଗରୁ ଆଜି(ବୁଧବାର) ମୌସୁମୀ ଓଡ଼ିଶାରେ ପ୍ରବେଶ କରିଛି। ସାଧାରଣ ଭାବେ ମୌସୁମୀ ଜୁନ୍ ୧ ରେ କେରଳ ଛୁଇଁବା ପରେ ଜୁନ୍ ୧୦ ବେଳକୁ ଓଡ଼ିଶା ଛୁଇଁଥାଏ। ଚଳିତବର୍ଷ ମୌସୁମୀ ମେ' ୨୪ରେ କେରଳ ଛୁଇଁଥିବା ବେଳେ ମାତ୍ର ୪ ଦିନ ମଧ୍ୟରେ ଓଡ଼ିଶା ପ୍ରବେଶ କରିଛି। ▸ପୃଷ୍ଠା-୭

## ରାଜ୍ୟ କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ମୋହର

# ନିଯୁକ୍ତି ବୟସ ସୀମା ୪୨କୁ ବୃଦ୍ଧି

- ରାଜ୍ୟରେ ପ୍ରତିଷ୍ଠା ହେବ କୃତ୍ରିମ ବୁଦ୍ଧିମତା (ଏଆଇ) ଉତ୍କର୍ଷ କେନ୍ଦ୍ର
- ଯୋରନ୍ଦା ମହିମା ଗାଦିର ଉନ୍ନତି ସହ ଭବ୍ୟ ଶୂନ୍ୟମଣ୍ଡପ ନିର୍ମାଣ ପାଇଁ ୧୭୧ କୋଟି ୧୧ ଲକ୍ଷ ଟଙ୍କାର ଟେଣ୍ଡରକୁ ଅନୁମୋଦନ
- ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା ନିୟମାବଳୀ-୨୦୨୫କୁ ଅନୁମୋଦନ
- ଜଟାଧାର ମୁହାଣରେ ଜେଏସଡବ୍ଲ୍ୟୁର ଜେଟି ନିର୍ମାଣ ପାଇଁ ରିଆତି ଚୁକ୍ତିନାମା ସ୍ୱାକ୍ଷରକୁ ଅନୁମୋଦନ ଦେଲେ ସରକାର

■ ଭୁବନେଶ୍ୱର, ୨୮।୫ (ସମିସ): ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସର୍ବୋଚ୍ଚ ବୟସ ସୀମାକୁ ରାଜ୍ୟ ସରକାର ୩୨ରୁ ୪୨ ବର୍ଷକୁ ବୃଦ୍ଧି କରିଛନ୍ତି। ଏଥିପାଇଁ ଓଡ଼ିଶା ବେସାମରିକ ସେବା(ସର୍ବୋଚ୍ଚ ବୟସ ସୀମା ସ୍ଥିରୀକରଣ) ନିୟମାବଳୀ ୧୯୮୯ରେ ସଂଶୋଧନ ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଏଥିସହ କ୍ୟାବିନେଟରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ରାଜ୍ୟରେ କୃତ୍ରିମ ବୁଦ୍ଧିମତାକୁ ପ୍ରୋତ୍ସାହନ ଦେବାକୁ ମୋହର ମାରିଛି ରାଜ୍ୟ କ୍ୟାବିନେଟ। ଓଡ଼ିଶା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନୀତି, ୨୦୨୫କୁ ଅନୁମୋଦନ ମିଳିଥିବା ବେଳେ, ଏହି ନୀତି ଓଡ଼ିଶାରେ ଶ୍ରେଷ୍ଠ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ଅଂଶବିଶେଷ ହେବ। ଏହାସହ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଦ୍ୱାରା ରାଜ୍ୟ ପ୍ରଶାସନିକ କ୍ଷେତ୍ରରେ ଅପରିସୀମ ସୁଫଳ ମିଳିବ ▸ପୃଷ୍ଠା-୭


Vikash Degree College
+3 Final Sambalpur University Result 2025 !!!
They were determined, We were Committed.
No. 1 University Rank

Arpita Choudhury, Zoology Hons. 9.71 CGPA
Itishree Mishra, Botany Hons. 9.64 CGPA
Sibraj Behera, Psychology Hons. 9.35 CGPA

2nd Rank, Zoology Hons, 9.52 CGPA, BIPUL
3rd Rank, Physics Hons, 9.35 CGPA, HITESH
4th Rank, Botany Hons, 9.31 CGPA, RAHUL
4th Rank, Psychology Hons, 8.95 CGPA, KIRAN
4th Rank, Mathematics Hons, 8.90 CGPA, SONALI
5th Rank, Physics Hons, 9.27 CGPA, RITESH
5th Rank, English Hons, 8.11 CGPA, AMITARANI
6th Rank, Commerce Hons, 8.86 CGPA, BODDU
6th Rank, Economics Hons, 8.70 CGPA, JAGMOHAN
7th Rank, Botany Hons, 9.17 CGPA, ANWESHA
7th Rank, Mathematics Hons, 8.84 CGPA, HITESWARI
8th Rank, Botany Hons, 9.16 CGPA, SUBHASHREE
9th Rank, Botany Hons, 9.15 CGPA, SUPRITI
9th Rank, Physics Hons, 9.07 CGPA, ANKITA
9th Rank, Commerce Hons, 8.79 CGPA, ASHIRBAD
9th Rank, English Hons, 7.97 CGPA, BHABATMAK
10th Rank, Commerce Hons, 8.75 CGPA, AUROBIND
CGPA 9 & Above 14
CGPA 8 & Above 67
172 First Class Hons Out of 192

Courses Offered: UG / PG
Hearty Congratulations !!!
+3 Sc. (Hons.) Phy., Chem., Maths.,Comp.Sc., Bot, Zool. Call: 70080 41847
+3 Com. (Hons.) Accountancy Call: 96583 19707
+3 Arts (Hons.) Eco., Edu.,Eng., Pol. Sc.,Psy. Call: 93376 73978
P.G. M.Sc. Chemistry, M.A. English, M.Com. Call: 92372 70045 / 91788 66561
Join the Genius Club: CHOOSE VIKASH !!!
https://vdcbargarh.ac.in/ principalvdc1@gmail.com
ADMISSION OPEN
For Academic Session 2025-26
Contact for Queries:
70080 41847 | 96583 19707
93376 73978 | 94372 10555
Grooming Talent
Vikash Degree College
Bargarh: Vikash Knowledge Hub, Barahaguda Canal Chowk, Mob: 94393 49333. www.odishavikash.com



A Residential School with Difference
ଭିନ୍ନ ଏକ ଅନୁଷ୍ଠାନ - ଭିନ୍ନ ଏକ ପ୍ରତିବଦ୍ଧତା
KIIT HIGHER SECONDARY SCHOOL
(Recognised by Government of Odisha and Affiliated to C.H.S.E., Odisha)
KIITHSS No.1 SCHOOL OF ODISHA

ADMISSION OPEN
for XI & XII Class (+2 Science)

COURSE OFFERED
2 yr. full time + 2 Science programme
2 yr. Classroom Course (JEE/NEET)
1 yr. Achiever Batch (NEET) (Free Education for all)

HURRY UP!
BOOKING GOING ON

APPEARED - 237
1st Div. - 218 (92%)
Result - 100%
90% above - 8
Highest mark - 566
500 above - 49




CHSE RESULTS 2025
SASMITA(94.33%) SUKRU(93.5%) SATYAJYOTI(92%) SRUTIPRANGYA(91.33%) SHRADHANJAN(90.67%) ANSHUMAN(90.5%)
KOUSIK(90.5%) SAMBIT(90.17%) AYUSHMAN(89.83%) SURYASNATA(89.83%) SUBHAM(89.67%) JASASMINI(89.17%)
MANY MORE STUDENTS GETTING MORE THAN 500 MARKS

JEE (MAIN)
KSHETRA (95.647) SUKRU (92.789) JAGANNATH (88.681) ASHIS (IIT) SHAKTI (IIT) IPSITA(NIT)

NEET
ABHIPSIT(CTC) ANINDYA(MKCG) JEET(SJMC)Puri SNEHA(MKCG)
Getting many more in IIT, NEET & NIT

Admission Helpline 24x7
9090091591
06746607062

ADD-ON FACILITIES
- Cent percent Result since inception
- Permanent Campus having 1.5 lakhs sq.ft of building
- Permanent 36 No. of Faculties
- Permanent clean, hygienic and spacious separate in-campus Ladies & Boys Hostel
- Well equipped Laboratories
- Air Conditioned Classroom, Computer Lab & Reading Room
- Value based Education
- 24x7 Proctorial Support
- "HARD TALK" for Personality development
- GD/JAM/SOS for Better Speaking Ability
- Well-Stocked Library
- Salubrious Study Atmosphere

Visit us at : Kiit Science College, Campus-8, KIIT, Patia, BBSR-24, www.kiitsciencecollege.org



# ଦେଶ ବିଦେଶ



# ଇରାନରେ ୩ ଭାରତୀୟଙ୍କୁ ଅପହରଣ; କୋଟିଏ ମାଗୁଛନ୍ତି ଦଲାଲ୍




ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଇରାନ ଯାଇଥିବା ତିନି ଜଣ ଭାରତୀୟ ନାଗରିକ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କୁ ଠାବ କରିବା ଲାଗି ଉଦ୍ୟମ ଚାଲିଥିବା ବେଳେ ପରିବାର ଲୋକ ଅଭିଯୋଗ କରିଛନ୍ତି ଏହି ତିନି ଜଣଙ୍କୁ ଦଲାଲମାନେ ମୁଣ୍ଡଜାମିନ କରି ରଖିଛନ୍ତି। ସେମାନେ ବିପୁଳ ଟଙ୍କା ଦାବି କରୁଛନ୍ତି, ନହେଲେ ଛାଡ଼ିବେ ନାହିଁ ବୋଲି ଧମକ ଦେଉଛନ୍ତି।

ନିଖୋଜ ଥିବା ତିନି ଜଣ ବ୍ୟକ୍ତି ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ସେମାନେ ହେଲେ ପଞ୍ଜାବର ହୁସନପ୍ରୀତ ସିଂହ, ଯଶପାଲ ସିଂହ ଏବଂ ଅମୃତପାଲ ସିଂହ। ଅମୃତପାଲଙ୍କ ମାତା ପୁଲିସରେ କରିଥିବା ଅଭିଯୋଗ ଅନୁଯାୟୀ ମେ ୨ ତାରିଖରେ ତାଙ୍କ ପୁଅ ଓ ଅନ୍ୟ ଦୁଇ ଜଣ ଇରାନରେ ପହଞ୍ଚିଥିଲେ। ଇରାନରୁ ସେମାନେ ଅଷ୍ଟ୍ରେଲିଆ ଯିବେ ବୋଲି ତାଙ୍କ ପୁଅ ଫୋନ କରି ତାଙ୍କୁ ଜଣାଇଥିଲା। ଏହାର କିଛି ସମୟ ପରେ ପୁଅ ତାଙ୍କୁ ପୁଣି ଫୋନ୍ କରିଥିଲେ। ସେ ଜଣାଇଥିଲେ ଯେ ସେମାନଙ୍କୁ କିଛି ଲୋକ ମୁଣ୍ଡଜାମିନ କରି ରଖିଛନ୍ତି। ଟ୍ରାଭେଲ ଏଜେଣ୍ଟମାନେ ଟଙ୍କା ଦେଇନଥିବାରୁ ସେମାନେ ଟଙ୍କା ଦାବି କରୁଛନ୍ତି। ତିନି ଜଣ ୧୮ ଲକ୍ଷ ଲେଖାଏଁ ପଠାଇବାକୁ ସେମାନେ ଦାବି କରିଥିଲେ। ଏହି ଖବର ମିଳିବା ପରେ ଅମୃତପାଲଙ୍କ ମା' ଟ୍ରାଭେଲ ଏଜେଣ୍ଟମାନଙ୍କ ସହିତ ସଂପର୍କ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହି ଏଜେଣ୍ଟମାନେ ଫେରାର ହେବା ସହିତ ସେମାନଙ୍କର ମୋବାଇଲ ଫୋନକୁ ସୁଇଚ୍ ଅଫ୍ କରିଦେଇଥିଲେ।

ଭାରତ ସରକାର ଏସଂପର୍କରେ ଇରାନ ସରକାରଙ୍କୁ ଜଣାଇଛନ୍ତି। ତେହରାନରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ନିଖୋଜ ଭାରତୀୟଙ୍କୁ ତୁରନ୍ତ ଠାବ କରିବା ଲାଗି ପ୍ରଶାସନ ଉପରେ ଚାପ ପକାଯାଉଛି। ସେମାନଙ୍କର ନିରାପତ୍ତାକୁ ସୁନିଶ୍ଚିତ କରିବା ଲାଗି ଅନୁରୋଧ କରାଯାଇଛି। ଯାହା ସୂଚନା ମିଳିବ ସେସଂପର୍କରେ ନିଖୋଜ ବ୍ୟକ୍ତିଙ୍କ ପରିବାରକୁ ଜଣାଇ ଦିଆଯିବ ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି।

ମିଳିଥିବା ଖବର ଅନୁଯାୟୀ ପଞ୍ଜାବରେ ଏଜେଣ୍ଟମାନେ ଏହି ତିନି ଜଣଙ୍କୁ ଦୁବାଇ ଓ ଇରାନ ରାସ୍ତା ଦେଇ ଅଷ୍ଟ୍ରେଲିଆ ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ମେ ୨ ତାରିଖରେ ସେମାନେ ଇରାନରେ ପହଞ୍ଚିବା ମାତ୍ରେ ସେମାନଙ୍କୁ ଅପହରଣ କରିନିଆଯାଇଥିଲା। ଏକ କୋଟି ଟଙ୍କା ନଦେଲେ ସେମାନଙ୍କୁ ମାରି ଦିଆଯିବ ବୋଲି ଅପହର୍ତ୍ତାମାନେ ଧମକ ଦେଉଛନ୍ତି। ଅପହର୍ତ୍ତାମାନେ ଏକ ଭିଡିଓ ପଠାଇଛନ୍ତି ଯେଉଁଥିରେ ଦେଖାଯାଇଛି ଯେ ତିନି ଭାରତୀୟଙ୍କୁ ବାନ୍ଧି ରଖାଯାଇଛି ଏବଂ ସେମାନଙ୍କ ଦେହରେ କ୍ଷତ ଚିହ୍ନ ଥିବା ସହିତ ରକ୍ତ ବହୁଛି।

## ■ ଗାଜାରେ ଖାଦ୍ୟ ପାଇଁ ଦଳାଚକଟା
# ୩ ମୃତ, ୪୬ ଆହତ

ରାଫା, ୨୮।୫ (ଏଜେନ୍ସି): ଗାଜା ସହର ରାଫାରେ ମଙ୍ଗଳବାର ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଛି। ଖାଦ୍ୟ ପାଇଁ ଯାଇଥିବାବେଳେ ଦଳାଚକଟା ହୋଇଛି। ଏହି ଅଘଟଣରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ୪୬ ଜଣ ଆହତ ହୋଇଛନ୍ତି। ୭ ଜଣ ଲୋକ ମଧ୍ୟ ନିଖୋଜ ଅଛନ୍ତି। ରିପୋର୍ଟ ଅନୁଯାୟୀ ଇସ୍ରାଏଲ ସୈନିକଙ୍କ ପାଇଁ ଏପରି ହୋଇଥିଲା। ଏହାର ଯବାନ ଫାଙ୍କା ଗୁଳିଚାଳନା କରିବାରୁ ଦଳାଚକଟା ହୋଇଥିଲା। ଇସ୍ରାଏଲୀ ସେନା ପକ୍ଷରୁ କୁହାଯାଇଛି ଯେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ସତର୍କତାମୂଳକ ପଦକ୍ଷେପ ଭାବେ ଯବାନ ଗୁଳି ଚଳାଇ ଥିଲେ। ରିପୋର୍ଟ ଅନୁଯାୟୀ ଗାଜାରେ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଅନେକ କେନ୍ଦ୍ର ଆରମ୍ଭ କରାଯାଉଛି। ମଙ୍ଗଳବାର ଦିନ, ରାଫା ସହରର ଏପରି ଏକ କେନ୍ଦ୍ରରେ ହଜାର ହଜାର ଲୋକଙ୍କ ଭିଡ଼ ଲାଗିଥିଲା। ଇସ୍ରାଏଲୀ ଗୁଳି ଚଳାଇବା ପରେ ପାଲେଷ୍ଟିନୀୟ ନାଗରିକ ଖାଦ୍ୟ ପାଇଁ ଦୌଡିଥିଲେ। ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ରାଫାରେ ଯାହା ଘଟିଲା ତାହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ଏବଂ ସମ୍ପୂର୍ଣ୍ଣ ଯୁଦ୍ଧ ଅପରାଧ ଥିଲା।

# ଘୋଷଣା ପରେ ମକ୍‌ଡ୍ରିଲ୍ ସ୍ଥଗିତ ରଖିଲେ ସରକାର

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଆତଙ୍କବାଦୀ ବିରୋଧରେ ଭାରତ ଆରମ୍ଭ କରିଥିବା 'ଅପରେସନ ସିନ୍ଦୂର' ଏବେ ଶେଷ ହୋଇନାହିଁ। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଏହା ପୂର୍ବରୁ ଘୋଷଣା କରିଥିଲେ। ପାକିସ୍ତାନ ଏବଂ ପିଓକେରେ ଆକ୍ରମଣ ପୂର୍ବରୁ ଭାରତ ଯେଉଁ ଭଳି ଭାବେ ମକଡ୍ରିଲ କରିଥିଲା ଏବେ ପୁଣି ସେହି ଭଳି ଜମ୍ମୁ-କଶ୍ମୀର, ଗୁଜରାଟ, ପଞ୍ଜାବ ଏବଂ ରାଜସ୍ଥାନର ପାକିସ୍ତାନ ସୀମାରେ ଭାରତ ଗୁରୁବାର ମକ୍‌ଡ୍ରିଲ୍ ଅପରେସନ ସିଲ୍ଡ କରିବାକୁ ଭାରତ ସରକାର ଘୋଷଣା କରିଥିଲେ। ମାତ୍ର ଶେଷ ସମୟରେ ଏହାକୁ ବାତିଲ କରିଦିଆଯାଇଛି। ଏଥିପାଇଁ ପୂର୍ବରୁ ଲୋକଙ୍କୁ ସତର୍କ ରହିବାକୁ ନିବେଦନ କରାଯାଥିଲା। ଶତ୍ରୁର ଆକ୍ରମଣ ସମୟରେ କେମିତି ଜୀବନ ବଞ୍ଚାଇବାକୁ ହୁଏ ଏଥିରେ ତାର ଶିକ୍ଷା ଦିଆଯାଇଥାନ୍ତା। କିନ୍ତୁ ଏବେ ପ୍ରାଶାସନିକ କାରଣ ଦର୍ଶାଇ ଏହାକୁ ସ୍ଥଗିତ କରିଦିଆଯାଇଛି। ଗୁଜରାଟ, ରାଜସ୍ଥାନ ଏବଂ ଚଣ୍ଡିଗଡରେ ଏହାକୁ ବାତିଲ କରିଦିଆଯାଇଥିବାବେଳେ ହରିୟାଣାରେ ଜାରି ରଖିବା ପାଇଁ ରାଜ୍ୟ ସରକାର ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି।

ଏହା ପୂର୍ବରୁ ପହଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ଗତ ୭ ତାରିଖରେରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଏହାପରେ ପାକିସ୍ତାନ ସହ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଭାରତୀୟ ସେନାର ପ୍ରଚଣ୍ଡ ଆକ୍ରମଣର ସାମ୍ନା କରି ନ ପାରି ପାକିସ୍ତାନ ଯୁଦ୍ଧବିରତି ପାଇଁ ଭାରତକୁ ଅନୁରୋଧ କରିଥିଲେ। ଏବେ ଯୁଦ୍ଧବିରତି ଜାରି ରହିଥିବା ସତ୍ତ୍ୱେ କୁଟୀଳ ପାକିସ୍ତାନ ଉପରେ କୌଣସି ପ୍ରକାରର ଭରସା ନାହିଁ। ତେଣୁ ଭାରତ ସରକାର ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।

ଭାରତ ସହ ସଂଘର୍ଷବେଳେ ଏହି ସୀମାନ୍ତ ରାଜ୍ୟଗୁଡ଼ିକରେ ପାକିସ୍ତାନ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା। କିନ୍ତୁ ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ ଏହାକୁ ଧ୍ୱଂସ କରି ଦେଇଥିଲା।

# ସୋସିଆଲ ମିଡିଆରେ ଆମେରିକୀୟଙ୍କୁ ଆକ୍ଷେପ କଲେ ମିଳିବନି ଭିସା

ୱାଶିଂଟନ, ୨୮।୫ (ଏଜେନ୍ସି): ଆମେରିକା ନିଜର ଭିସା ନୀତିକୁ ପୂର୍ବାପେକ୍ଷା ଆହୁରି କଡ଼ାକଡ଼ି କରିଛି। ସୋସିଆଲ ମିଡିଆରେ ଆମେରିକୀୟ ଏବଂ ଆମେରିକାକୁ ତାଚ୍ଛଲ୍ୟ, ଆକ୍ଷେପ, ସମାଲୋଚନା କରୁଥିବା ଓ ଧମକ ଦେଉଥିବା ବ୍ୟକ୍ତିଙ୍କୁ ଆଉ ଆମେରିକା ଭିସା ମିଳିବ ନାହିଁ। ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ବୁଧବାର ଏହି ଘୋଷଣା କରିଛନ୍ତି। ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଆମେରିକା ଏଭଳି ନିୟମ ଆଣିଛି।

ରୁବିଓ କହିଛନ୍ତି ଯେ ଯଦି କୌଣସି ବିଦେଶୀ ଅଧିକାରୀ ନିଜ ଦେଶରେ ଆମେରିକୀୟଙ୍କୁ ଗିରଫ କିମ୍ବା ଅନ୍ୟ କୌଣସି ଧମକ ଦେଇ ପୋଷ୍ଟ ସେନ୍‌ସର କରେ ତେବେ ଏହାକୁ କଦାପି ସ୍ୱୀକାର କରାଯିବ ନାହିଁ। ଆମେରିକା ଟେକ୍ ପ୍ଲାଟଫର୍ମରେ ବିଷୟବସ୍ତୁକୁ ହଟାଇବା କିମ୍ବା ନିୟନ୍ତ୍ରଣ କରିବାକୁ ଦାବି କରୁଥିବା ବିଦେଶୀ ଅଧିକାରୀଙ୍କ ଭିସା ଉପରେ କଟକଣା ଲଗାଇ ଦିଆଯିବ। କିଛି ବିଦେଶୀ ନାଗରିକ ଆମେରିକାରେ ରହି ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଆମେରିକୀୟଙ୍କୁ ଗିରଫ ଧମକ ଦେଉଛନ୍ତି। ତେବେ ଏହି ନିୟମରେ କେଉଁ ଦେଶ କିମ୍ବା ଅଧିକାରୀ ପ୍ରଭାବିତ ହେବେ ତାହାର କୌଣସି ସୂଚନା ରୁବିଓ ଦେଇ ନ ଥିଲେ। କିନ୍ତୁ ସେ କହିଛନ୍ତି ଯେ କିଛି ବିଦେଶୀ ନାଗରିକ ପଦରେ ରହି ଆମେରିକା ଟେକ୍ କମ୍ପାନୀ ଏବଂ ଆମେରିକୀୟଙ୍କ ବିରୋଧରେ ସେନ୍‌ସରସିପ୍ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। କିନ୍ତୁ ଏପରି କରିବାରେ ତାଙ୍କର କୌଣସି ଅଧିକାର ନ ଥିଲା।

# ତିନି ସେନାର ଯବାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ ଜଣେ ଅଧିକାରୀ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଏବେ ଦେଶର ତିନି ସେନାର ଯବାନଙ୍କ ଉପରେ ଜଣେ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଇପାରିବେ। 'ଇଣ୍ଟର ସର୍ଭିସ ଅର୍ଗାନାଇଜେସନ ନିୟମ' ଅଧିନରେ ଏହି କ୍ଷମତା ଦିଆଯାଇଛି। ଏହି ନିୟମ ମଙ୍ଗଳବାରଠାରୁ ଦେଶରେ ଲାଗୁ କରାଯାଇଛି। କେନ୍ଦ୍ର ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ଏହି ନିୟମ ଅଧିନରେ ଜଣେ କମାଣ୍ଡର-ଇନ୍-ଚିଫ୍/ ଅଫିସର-ଇନ-କମାଣ୍ଡଙ୍କୁ ନିଯୁକ୍ତ କରାଯିବ। ଏହି କମାଣ୍ଡର ସୈନିକଙ୍କୁ ନିୟନ୍ତ୍ରଣ ଏବଂ କାର୍ଯ୍ୟାନୁଷ୍ଠାନ ନେଇପାରିବେ। 'ଇଣ୍ଟର ସର୍ଭିସ ଅର୍ଗାନାଇଜେସନ ନିୟମ' ଦୁଇ ବର୍ଷ ତଳେ ମୌସୁମୀ ଅଧିବେଶନରେ ପାରିତ କରାଯାଇଥିଲା। ୨୦୨୩ ଅଗଷ୍ଟ ୧୫ରେ ରାଷ୍ଟ୍ରପତି ଏହାକୁ ମଞ୍ଜୁରୀ ଦେଇଥିଲେ। ପରେ ୨୦୨୪ ମେ' ୧୦ରୁ ଏହା କାର୍ଯ୍ୟକାରୀ ହୋଇଥିଲା। କିନ୍ତୁ ସରକାର ବୁଧବାର ଆନୁଷ୍ଠାନିକ ଭାବେ ଗେଜେଟ ବିଜ୍ଞପ୍ତି ଜାରି କରିଥିଲେ।

# 'ଅପରେସନ ସିନ୍ଦୂର' ଲାଗି ୫ ବର୍ଷ ପଛକୁ ପଳାଇଛି ପାକିସ୍ତାନ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଆତଙ୍କବାଦ ବିରୋଧରେ ଭାରତ ଚଳାଇଥିବା ଅପରେସନ ସିନ୍ଦୂରରେ ପାକିସ୍ତାନର ବିପୁଳ କ୍ଷୟକ୍ଷତି ହୋଇଛି। ଏଥିରେ ପାକିସ୍ତାନ ବାୟୁସେନା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଭାରତ ଆକ୍ରମଣରେ ପାକ୍ ବାୟୁସେନା ଅସହାୟ ହୋଇ ପଡିଥିଲା। ଆକ୍ରମଣରୁ କିପରି ରକ୍ଷା କରିବ ତାହା ବୁଝିପାରି ନ ଥିଲା। ଏଥିରେ ହୋଇଥିବା କ୍ଷତି ଯୋଗୁଁ ପାକିସ୍ତାନ ସେନା ୫ ବର୍ଷ ପଛକୁ ପଳାଇଛି ବୋଲି ଅପରେସନ ସିନ୍ଦୂର ସହ ଜଡ଼ିତ ଅଧିକାରୀ କହିଛନ୍ତି। ଅପରେସନ ସିନ୍ଦୂରରେ ଭାରତୀୟ ବାୟୁସେନା କ୍ରୁଜ୍ ମିସାଇଲ୍, ଦୀର୍ଘ ଦୂରଗାମୀ ଅସ୍ତ୍ରଶସ୍ତ୍ର ଏବଂ ବିଭିନ୍ନ ପ୍ରକାରର ଘୂର୍ଣ୍ଣୟମାନ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲା। ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ବାୟୁସେନା ଲଗାତାର ଚାରି ଦିନ ପର୍ଯ୍ୟନ୍ତ ପାକିସ୍ତାନରେ ଅତି ସଠିକ୍ ଭାବରେ ଆକ୍ରମଣ କରିଥିଲା। ଏହି ଆକ୍ରମଣ ଦ୍ୱାରା ପାକିସ୍ତାନକୁ ହୋଇଥିବା କ୍ଷତି ଏତେ ଅଧିକ ଯେ ଏହାକୁ ପୂରଣ କରିବାକୁ ଅତି କମରେ ୫ ବର୍ଷ ସମୟ ଲାଗିବ।

# ଅସ୍ତ୍ରବିରତି ପାଇଁ ୨ ଥର ଅନୁରୋଧ କରିଥିଲା ପାକିସ୍ତାନ


ନୂଆଦିଲ୍ଲୀ: ଭାରତର ସଠିକ ଆକ୍ରମଣରେ ପାକିସ୍ତାନ ଘାଇଲା ହୋଇଯାଇଥିଲା। ଏହା ଦେଖି ପାକିସ୍ତାନ ଏତେ ମାତ୍ରାରେ ଭୟଭୀତ ହୋଇ ଯାଇଥିଲା ଯେ ଅସ୍ତ୍ରବିରତି ପାଇଁ ୨ ଥର ଅନୁରୋଧ କରିଥିଲା। ଏହି ଦେଶର ମିଲିଟାରୀ ଅପରେସନ ମହାନିର୍ଦ୍ଦେଶକ (ଡିଜିଏମଓ) ଏଥିପାଇଁ ବାର୍ତ୍ତା ମଧ୍ୟ ପ୍ରେରଣ କରିଥିଲେ। ଏହା ସତ୍ତ୍ୱେ ପାକିସ୍ତାନର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିଥିଲା। ଗୋଟିଏ ପଟେ ଭାରତକୁ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିବାବେଳେ ଅନ୍ୟପଟେ ସାମରିକ ଠିକଣାରେ ଆକ୍ରମଣ କରିଥିଲା। ଏହାର ତିନି ଦିନ ପରେ ମେ ୧୦ରେ ଅପରାହ୍ନ ୩:୩୫ ସମୟରେ ଦୁଇ ଦେଶ ମଧ୍ୟରେ ଡିଜିଏମଓ ସ୍ତରୀୟ ଆଲୋଚନା ହୋଇଥିଲା। ଏଥିରେ ଅସ୍ତ୍ରବିରତି ଉପରେ ଆଲୋଚନା ହୋଇଥିଲା। ଆମେରିକାର ମଧ୍ୟସ୍ଥତା ପରିବର୍ତ୍ତେ ପ୍ରତିଷ୍ଠିତ ସାମରିକ ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଏହି ଯୁଦ୍ଧବିରତି ହୋଇଥିଲା। ଦୁଇ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ପଡ଼ୋଶୀଙ୍କ ମଧ୍ୟରେ ଉତ୍ତେଜନା ହ୍ରାସ ଏହାର ଲକ୍ଷ୍ୟ ଥିଲା।

ପୂର୍ବରୁ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଥିଲେ ଯେ ପାକିସ୍ତାନୀ ଘାଟି ଉପରେ ଭାରତୀୟ ବାୟୁସେନା ସଠିକ୍ ଆକ୍ରମଣ କରିଥିଲା। ଏଥିଯୋଗୁଁ ପାକିସ୍ତାନର ଡିଜିଏମଓ ଆଲୋଚନା କରିବାକୁ ଅନୁରୋଧ କରି ଯୁଦ୍ଧବିରତି ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ଅପରେସନ ସିନ୍ଦୂର ଜନିତ ମୃତ୍ୟୁ ସଂଖ୍ୟା ପାକିସ୍ତାନରେ ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ୧୭୦ ରୁ ଅଧିକ ଆତଙ୍କବାଦୀ, ସେମାନଙ୍କ ସହାୟକ ଏବଂ ପାକିସ୍ତାନୀ ସାମରିକ କର୍ମଚାରୀ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରେ ବହାବଲପୁର ସ୍ଥିତ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ୨୦ରୁ ଅଧିକ ସଦସ୍ୟ ସାମିଲ ଅଛନ୍ତି।

# ହମାସ୍ ମୁଖ୍ୟ ଶିନାୱରକୁ ହତ୍ୟା

ତେଲ ଆଭିଭ, ୨୮।୫ (ଏଜେନ୍ସି): ଆତଙ୍କବାଦୀ ସଂଗଠନ ହମାସ୍‌ର ଗାଜା ମୁଖ୍ୟ ମହମ୍ମଦ ସିନାୱରକୁ ଇସ୍ରାଏଲ ସେନା (ଆଇଡିଏଫ୍) ହତ୍ୟା କରିଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ବୁଧବାର ଏହି ଘୋଷଣା କରିଛନ୍ତି। ଗତ ୧୪ ତାରିଖରେ ଆଇଡିଏଫ୍ କରିଥିବା ବଡ଼ଧରଣର ଆକ୍ରମଣରେ ହମାସ୍ ମୁଖ୍ୟ ଗୁରୁତର ଆହତ ହୋଇଥିଲା। ସେତେବେଳେ ସିନାୱର ପ୍ରାଣ ହରାଇଛି କି ନାହିଁ ତାହା ଆଇଡିଏଫ୍ ସ୍ୱଷ୍ଟ କରିପାରି ନ ଥିଲା। ମହମ୍ମଦ ସିନାୱରର ଭାଇ ତଥା ହମାସର୍ ପୂର୍ବତନ ମୁଖ୍ୟ ୟାହା ସିନାୱାରକୁ ଆଇଡିଏଫ୍ ୨୦୨୪ ଅକ୍ଟୋବରେ ନିହତ କରିଥିଲା। ସେ ୨୦୨୩ ଅକ୍ଟୋବର ୭ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା। ତା' ପାଇଁ ହିଁ ଗାଜାରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଇରାନ୍‌ରେ ବିସ୍ଫୋରଣ କରି ହମାସର ପୂର୍ବତନ ମୁଖ୍ୟ ଇସ୍‌ମାଇଲ ହାନିଏକୁ ମାରିବା ପରେ ୟାହା ଏହି ଆତଙ୍କବାଦୀ ସଂଗଠନର ଦାୟିତ୍ୱ ନେଇଥିଲା।

## ଉପଗ୍ରହର ଚିତ୍ରରୁ ଖୁଲାସା
# ପାକିସ୍ତାନ ମୁରିଦ ଏୟାରବେସ୍‌ର ଭୂତଳ ଠିକଣାକୁ ନିଶାଣ କରିଥିଲା ଭାରତ




ଇସଲାମାବାଦ, ୨୮।୫ (ଏଜେନ୍ସି): ଅପରସେନ ସିନ୍ଦୂର ଅଧିନରେ ପାକିସ୍ତାନର ମୁରିଦ ଏୟାର ବେସ୍‌ର ଭୂତଳ କେନ୍ଦ୍ର ଉପରେ ଭାରତ ଆକ୍ରମଣ କରିଥିଲା। ନୂଆ ଜାରି ହୋଇଥିବା ଉପଗ୍ରହ ଚିତ୍ରରେ ଏହି ଦାବି କରାଯାଇଛି। ମାକ୍ସାର ଟେକ୍ନୋଲୋଜି ପକ୍ଷରୁ ଜାରି ଏହି ଫଟୋରେ ଭାରତର କ୍ଷେପଣାସ୍ତ୍ର ମାଡ଼ ଦ୍ୱାରା ୩ ମିଟର ଓସାରର ଖାତ ହୋଇ ଯାଇଥିବା ଦେଖାଯାଉଛି। କଡ଼ା ସୁରକ୍ଷା ବଳୟରେ ଥିବା ଏହି ଏୟାରବେସ୍‌ର ଏକ କୋଠାର ପ୍ରମୁଖ ପ୍ରବେଶ ପଥ ନିକଟରେ ଏହି ଖାତ ହୋଇଛି। ଏଥିରେ ଭୂତଳ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବା ସନ୍ଦେହ କରାଯାଉଛି। ଏହା କମାଣ୍ଡ ଓ କଣ୍ଟ୍ରୋଲ କିମ୍ବା ଡ୍ରୋନ ଅପରେସନ ପାଇଁ ବ୍ୟବହାର କରାଯାଉଥିଲା ବୋଲି ଆଶଙ୍କା ରହିଛି। ଭୂ-ଗୁଇନ୍ଦା ଗବେଷକ ଡାମିଏନ ସିମନଙ୍କ ଅନୁଯାୟୀ ଏୟାର ବେସ୍ ମଧ୍ୟରେ ଥିବା ଏକ ଅତ୍ୟନ୍ତ ସୁରକ୍ଷିତ କୋଠା (ସବ୍-କମ୍ପ୍ଲେକ୍ସ) କୁ ଭାରତ ନିଶାଣ କରିଥିଲା। ଏଠାରେ ଅନେକ ସୁରକ୍ଷା ସ୍ତର ରହିଛି। ଡବଲ୍ ଫେନ୍ସିଂ ଏବଂ ୱାଚଟାୱାର୍ ସହିତ ଅନେକ ସୁରକ୍ଷାକର୍ମୀ ଜଗି ରହୁଛନ୍ତି। ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ସ୍ଥାନକୁ ଆକ୍ରମଣ କରି ଭାରତ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଦେଇଛି। ଏହା ଅସ୍ତ୍ରଶସ୍ତ୍ରର ସଠିକ୍ ଲକ୍ଷ୍ୟଭେଦ ଏବଂ ବିଧ୍ୱଂସକ କ୍ଷମତାକୁ ପ୍ରଦର୍ଶିତ କରିଛି। ପ୍ରଥମ ଥର ପାଇଁ ପାକିସ୍ତାନରେ ଥିବା ସାମରିକ ଭିତ୍ତିଭୂମି ଉପରେ ଏଭଳି ଆକ୍ରମଣ କରିଥିଲା।

# କମଲ ହାସନଙ୍କୁ ରାଜ୍ୟସଭା ପଠାଇବ ଡିଏମ୍‌କେ



ଚେନ୍ନଇ, ୨୮।୫ (ଏଜେନ୍ସି): କନ୍ନଡ ଭାଷା ଉପରେ ମନ୍ତବ୍ୟ ଦେଇ ବିବାଦରେ ଫସିଥିବା ଅଭିନେତା କମଲ ହାସନଙ୍କୁ ତାମିଲନାଡୁର କ୍ଷମତାସୀନ ଡିଏମ୍‌କେ ସରକାର ରାଜ୍ୟସଭାକୁ ପଠାଇବାକୁ ଯାଉଛନ୍ତି। ଜୁନ୍ ୧୯ରେ ରାଜ୍ୟସଭା ନିର୍ବାଚନ ହେବାକୁ ଥିବାବେଳେ ଡିଏମ୍‌କେ ନିଜ ଦଳର ତିନି ଜଣ ଏବଂ ଏମଏନଏମ ମୁଖ୍ୟ କମଲ ହାସନଙ୍କୁ ପ୍ରାର୍ଥୀ କରିଛି। ଏହାକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ କହିଛନ୍ତି ଯେ ଆସନ ବଣ୍ଟନ ଫର୍ମୁଲା ପୂର୍ବରୁ ସ୍ଥିର ହୋଇସାରିଛି। ଡିଏମକେ ରାଜ୍ୟସଭା ପ୍ରାର୍ଥୀ ଭାବରେ ବର୍ତ୍ତମାନର ସାଂସଦ ପି ୱିଲସନ, ପୂର୍ବତନ ବିଧାୟକ ଏସଆର ଶିବଲିଙ୍ଗ ଏବଂ ଦଳର ମୁଖପାତ୍ର ରୁକୈୟା ମଲିକଙ୍କୁ ପ୍ରାର୍ଥୀ କରାଯାଇଛି। ଅନ୍ୟପକ୍ଷରେ ତାମିଲରୁ କନ୍ନଡ ସୃଷ୍ଟି ହୋଇଥିବା ମନ୍ତବ୍ୟ ଦେଇ କମଲ ହାସନ ବିବାଦରେ ପଡ଼ିଛନ୍ତି। ଏହାକୁ ନେଇ କର୍ଣ୍ଣାଟକରେ ତାଙ୍କୁ ତୀବ୍ର ବିରୋଧ କରାଯାଉଛି। ବିଭିନ୍ନ ସ୍ଥାନରେ ଏତଲା ମଧ୍ୟ ରୁଜୁ କରାଯାଇଛି। ବିଜେପି ଏବଂ କଂଗ୍ରେସ ନେତା ମଧ୍ୟ କମଲ ହାସନଙ୍କୁ ସମାଲୋଚନା କରିଛନ୍ତି। ବିବାଦ ବଢ଼ିବା ପରେ ନିଜ ମନ୍ତବ୍ୟକୁ ନେଇ ଅଭିନେତା ପଛଘୁଞ୍ଚା ଦେଇଛନ୍ତି। ସ୍ପଷ୍ଟୀକରଣ ଦେଇ ସେ କହିଛନ୍ତି ଯେ ଭଲ ପାଇବା ଯୋଗୁଁ ଏପରି କହିଥିଲେ। ଅନେକ ଐତିହାସିକ ମୋତେ ଭାଷା ଇତିହାସ ଶିଖାଇଛନ୍ତି। ମୋର କିଛି କହିବାର ନ ଥିଲା। ତାମିଲନାଡୁ ଏପରି ଏକ ରାଜ୍ୟ ଯେଉଁଠାରେ ଜଣେ ମେନନ୍, ରେଡ୍ଡି, ତାମିଲ, କନ୍ନଡିଗା ଆୟେଙ୍ଗାର ଆମର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତେଣୁ ଭାଷା ଉପରେ ମନ୍ତବ୍ୟ ଦେବାକୁ ଅଭିନେତା ଯୋଗ୍ୟ ନୁହେଁ।

## ■ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ଜାମିନ
# ଗୋଟେ ହାତରେ ତାଳି ବାଜେନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଏକ ଦୁଷ୍କର୍ମ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ବୁଧବାର ୨୩ ବର୍ଷୀୟ ଅଭିଯୁକ୍ତକୁ ଜାମିନ ଦେଇଛନ୍ତି। ଦୀର୍ଘ ୯ ମାସ ହେଲା ଜେଲ୍‌ରେ ଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ ଆରୋପପତ୍ର ଧାର୍ଯ୍ୟ କରାଯାଇ ନାହିଁ ବୋଲି କହିଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ପୀଡ଼ିତା ମହିଳାଙ୍କୁ କଠୋର ଭାଷାରେ ସମାଲୋଚନା କରିଛନ୍ତି। ଗୋଟେ ହାତରେ ତାଳି ମଧ୍ୟ ବାଜେ ନାହିଁ। ଏହି ମହିଳା କୌଣସି ଶିଶୁ ନୁହଁନ୍ତି। ତାଙ୍କୁ ୪୦ ବର୍ଷ ହେଲାଣି ବୋଲି ଜଷ୍ଟିସ ବିଭି ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି। ଏହି ମାମଲାରେ ଦିଲ୍ଲୀ ପୁଲିସର ଆଭିମୁଖ୍ୟ ଉପରେ ମଧ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଅଭିଯୁକ୍ତ (ସୋସିଆଲ ମିଡିଆ ଇନଫ୍ଲୁଏନ୍ସର)ଙ୍କ ସହ ମହିଳା ନିଜ ଇଚ୍ଛାରେ ୭ ଥର ଜମ୍ମୁ ଯାଇଥିଲେ। ଏହାକୁ ନେଇ ତାଙ୍କ ସ୍ୱାମୀ ମଧ୍ୟ ଚିନ୍ତିତ ନ ଥିଲେ। ଏହା ସତ୍ତ୍ୱେ ପୁଲିସ କାହିଁକି ଧାରା ୩୭୬ ଲଗାଇଲ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଖଣ୍ଡପୀଠ ଯୁବକକୁ ମଧ୍ୟ ଭର୍ତ୍ସନା କରିଛନ୍ତି। ଏଭଳି ଲୋକଙ୍କ ଦ୍ୱାରା କିଏ ପ୍ରଭାବିତ ହେଉଛି ବୋଲି ପଚାରିଛନ୍ତି।

# ମୋ ଲାଗି ଏ ଯାଏଁ ତିଷ୍ଠିଛି ରୁଷ୍: ଟ୍ରମ୍ପ

ୱାଶିଂଟନ, ୨୮।୫ (ଏଜେନ୍ସି): ଏ ପର୍ଯ୍ୟନ୍ତ ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାରେ ବିଫଳ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସମକକ୍ଷ ଭ୍ଲାଦିମିର ପୁଟିନଙ୍କୁ ଚେତାବନୀ ଦେଇଛନ୍ତି। ପୁଟିନ ନିଆଁ ସହ ଖେଳୁଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ୟୁକ୍ରେନରେ ରୁଷ୍ ଜୋରଦାର ଆକ୍ରମଣ ଜାରି ରଖିଥିବାବେଳେ ଆମେରିକା ରାଷ୍ଟ୍ରପତି ଏହି ମନ୍ତବ୍ୟ ଦେଇଛନ୍ତି। ଯଦି ସେ ନ ଥାଆନ୍ତେ ତେବେ ରୁଷ୍ ସହ ବହୁତ ଖରାପ ହୋଇଥାନ୍ତା। କେବଳ ମୋ ଲାଗି ରୁଷ୍ ଏ ପର୍ଯ୍ୟନ୍ତ ତିଷ୍ଠିଛି ବୋଲି ଟ୍ରମ୍ପ କହିଛନ୍ତି। ତେବେ ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଉପରେ ପୁଟିନଙ୍କ ଘନିଷ୍ଠ ସହଯୋଗୀ ଦିମିତ୍ରି ମେଦଭେଦବ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆମେ କେବଳ ଗୋଟିଏ ଖରାପ ଜିନିଷ ବିଷୟରେ ଜାଣିଛୁ, ତାହା ହେଉଛି ତୃତୀୟ ବିଶ୍ୱଯୁଦ୍ଧ। ଆଶା କରୁଛୁ ଟ୍ରମ୍ପ ଏହା ବୁଝିପାରିବେ। ଏହା ପୂର୍ବରୁ ପୁଟିନ ସମ୍ପୂର୍ଣ୍ଣ ପାଗଳ ହୋଇଯାଇଛନ୍ତି ବୋଲି ଟ୍ରମ୍ପ କହିଥିଲେ।


# ମନ୍ତ୍ରୀ ବିଜୟ ଶାହାଙ୍କ ଗିରଫ ଉପରେ ସୁପ୍ରିମକୋର୍ଟ କଟକଣା



ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): କର୍ଣ୍ଣେଲ ସୋଫିଆ କ୍ୟୁରେସିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ ବୁଧବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ଶାହାଙ୍କୁ ନେଇ ମଧ୍ୟପ୍ରଦେଶ ହାଇକୋର୍ଟ ଜାରି କରିଥିବା ନୋଟିସ ଉପରେ ସର୍ବୋଚ୍ଚ ନ୍ୟାୟାଳୟ କଟକଣା ଲଗାଇ ଦେଇଛନ୍ତି। ମନ୍ତ୍ରୀଙ୍କୁ ଗିରଫଦାରୀରୁ ସୁରକ୍ଷା ଦେଇଛନ୍ତି। ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ଚାଲିଥିବାବେଳେ ହାଇକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ। ତେଣୁ ମାମଲାର ଶୁଣାଣିକୁ ବନ୍ଦ କରିବା ପାଇଁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଦୀପାଙ୍କର ଦତ୍ତାଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ବନ୍ଧିତ ସବୁ ମାମଲାର ଶୁଣାଣି ଏଥର ସର୍ବୋଚ୍ଚ ନ୍ୟାୟାଳୟରେ ହେବ। ଏହା ମଧ୍ୟରେ ଏସ୍‌ଆଇଟି ସୁପ୍ରିମକୋର୍ଟରେ ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଦାଖଲ କରିଛି। ଏହାକୁ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ମନ୍ତ୍ରୀ ଯେଉଁଠି ଏହି ଟିପ୍ପଣୀ ଦେଇଥିଲେ ସେଠାକୁ ଏସଆଇଟି ଯାଇଥିଲା। ମୋବାଇଲ ତଥ୍ୟ ସଂଗ୍ରହ କରି ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏବେ ଯାଞ୍ଚ ପ୍ରାରମ୍ଭିକ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ଯାଞ୍ଚକୁ ନେଇ ଏସ୍‌ଆଇଟି ଆଉ କିଛି ସମୟ ମାଗିଛି। ତେଣୁ ଜୁଲାଇ ପ୍ରଥମ ସପ୍ତାହରେ ଏହି ମାମଲାର ଶୁଣାଣି ହେବ। ପୂର୍ବ ଶୁଣାଣିରେ ମନ୍ତ୍ରୀ ଶାହାଙ୍କୁ ସୁପ୍ରିମକୋର୍ଟ ତୀବ୍ର ଭର୍ତ୍ସନା କରୁଛି। ତାଙ୍କ ବୟାନକୁ ନେଇ ସାରା ଦେଶ ଲଜ୍ଜା ଅନୁଭବ କରୁଛି ବୋଲି କହିଥିଲେ। ଏହା ବିରୋଧରେ ମଧ୍ୟପ୍ରଦେଶ ହାଇକୋର୍ଟଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଅନେକ ଅଭିଯୋଗ ହୋଇଛି। ହାଇକୋର୍ଟରେ ହୋଇଥିବା ମାମଲାକୁ ଚ୍ୟାଲେଞ୍ଜ କରି ମନ୍ତ୍ରୀ ବିଜୟ ଶାହ ସୁପ୍ରିମକୋର୍ଟ ପହଞ୍ଚି ଥିଲେ। ଏହି ମାମଲାର ଯାଞ୍ଚ ଲାଗି ଶୀର୍ଷ ଅଦାଲତ ୩ ଜଣ ଆଇପିଏସଙ୍କୁ ନେଇ ଏକ କମିଟି ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

## ହରିୟାଣା ପରେ କେରଳ
# ଋଣଭାରରେ ବାପାମାଆ ଓ ୨ ପୁଅଙ୍କ ଆତ୍ମହତ୍ୟା

ତିରୁଅନନ୍ତପୁରମ, ୨୮।୫ (ଏଜେନ୍ସି): ହରିୟାଣା ପରେ ଏବେ କେରଳ। ପୁଣି ସେହି ସମାନ ଘଟଣାର ପୁନରାବୃତ୍ତି। କାଳ ସାଜିଲା ଋଣ। ଉଜୁଡ଼ି ଗଲା ସୁନାର ସଂସାର। ଆଉ ନେଇଗଲା ଗୋଟିଏ ପରିବାରର ଚାରି ଜଣଙ୍କ ଜୀବନ। ଋଣଭାରର ଅସହ୍ୟ ଯନ୍ତ୍ରଣା ସହି ନ ପାରି ଦଉଡି ଦେଇ ଆତ୍ମହତ୍ୟା କଲେ ବାପା,ମାଆ ଏବଂ ୨ ଭେଣ୍ଡା ପୁଅ। କେରଳ ଭକ୍କମର ଭେଭିଲାକୋମରେ ଘଟିଛି ଏହି ହୃଦୟ ବିଦାରକ ଘଟଣା। ମୃତକଙ୍କ ମଧ୍ୟରେ ଅନୀଲ କୁମାର (୫୫), ତାଙ୍କ ସ୍ତ୍ରୀ ପତ୍ନୀ ଶିଜା (୫୦), ପୁଅ ଅଶ୍ୱିନ (୨୦) ଏବଂ ଆକାଶ (୨୫)। ପୁଲିସ ସୂଚନା ଅନୁଯାୟୀ ଅନୀଲ କୁମାର ଆର୍ଥିକ ସ୍ଥିତି ଠିକ୍ ନ ଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ଘଟଣାସ୍ଥଳରୁ କୌଣସି ସୁଇସାଇଡ ନୋଟ୍ ମିଳିନାହିଁ। ମାମଲାର ତଦନ୍ତ ଜାରି ରହିଛି। ଏହି



ପରିବାରର କୌଣସି ସଦସ୍ୟ ଘରୁ ନ ବାହାରିବାରୁ ପଡୋଶୀଙ୍କ ସନ୍ଦେହ ବଢ଼ିଥିଲା। ସେମାନେ ମଙ୍ଗଳବାର ସକାଳେ ଯାଇ ଘର ଦେଖିବାରୁ ଏହି ଘଟଣା ସାମ୍ନାକୁ ଆସିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ପଡୋଶୀଙ୍କ ସୂଚନା ଅନୁଯାୟୀ ମୃତ ପରିବାର ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲେ। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ପରିବାର ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। କାରଣ ଘର ଭିତର ପଟୁ ବନ୍ଦ ହୋଇଥିଲା। ଡ୍ରଇଁ ରୁମ୍‌ର ସିଲିଂରେ ସମସ୍ତେ ଆତ୍ମହତ୍ୟା କରିଥିଲେ। ଏହା ଦେଖି ସେମାନେ କଡାକବୋର ପୁଲିସକୁ ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ ଅନିଲ କୁମାର ଚାଷୀ ସମବାୟ ବ୍ୟାଙ୍କର ବରିଷ୍ଠ କିରାଣୀ ଭାବେ କାମ କରୁଥିଲେ। ତାଙ୍କ ପତ୍ନୀ ସିଜା ବିଧାନସଭାରେ ଠିକା କର୍ମଚାରୀ ଥିଲେ।

# ଗୁଳି ମାରି ମୋତେ ପୋତି ଦିଅ: ଶେଖ୍ ହାସିନା

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ମୋତେ ଗୁଳି କରିଦିଅ। ଗଣଭବନରେ ମୋତେ ପୋତି ଦିଅ। ମୁଁ କେଉଁଆଡେ ଯିବାକୁ ଚାହୁଁନାହିଁ। ଉଗ୍ର ହିଂସାକୁ ଦେଖି ବାଂଲାଦେଶ ଛାଡ଼ିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କର ଏହା ଥିଲା ଶେଷ ଉକ୍ତି। ବାଂଲାଦେଶ ଖବରକାଗଜ 'ପ୍ରୋଥୋମ ଆଲୋ'ରେ ଏହି ରିପୋର୍ଟ ପ୍ରକାଶ ପାଇଛି। ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବ୍ୟୁନାଲରେ ଶୁଣାଣି ସମୟରେ ଓକିଲ ମହମ୍ମଦ ତାଜୁଲ ଇସଲାମ ଏହି ସୂଚନା ଦେଇଥିଲେ। ହିଂସା ସମୟରେ ଢାକାର ଚଙ୍ଖରପୁଲରେ ହୋଇଥିବା ମାନବାଧିକାର ଉଲ୍ଲଙ୍ଘନ ମାମଲା ବିଷୟରେ ମଧ୍ୟ ସେ କୋର୍ଟଙ୍କୁ ସୂଚନା ଦେଇଥିଲେ।

■ ଓଡ଼ିଶାକୁ ଉପେକ୍ଷା, ଚାଷୀକୁଳ ହତାଶ

## ଧାନ ଏମ୍ଏସ୍ପି ବଢ଼ିଲା ମାତ୍ର ୬୯ ଟଙ୍କା

ଭୁବନେଶ୍ୱର, ୨୮।୫ (ସମିସ): କେନ୍ଦ୍ର ସରକାର ୨୦୨୫-୨୬ ଖରିଫ୍ ଋତୁ ପାଇଁ ବୁଧବାର ଧାନ ସମେତ ୧୪ଟି କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍ପି) ବୃଦ୍ଧି କରିଛନ୍ତି। କଳାରାଶି, କପା, ହରଡ଼, ବାଜରା ଭଳି ଶସ୍ୟର ଏମ୍ଏସ୍ପି ଯଥେଷ୍ଟ ବୃଦ୍ଧି କରାଯାଇଥିବା ବେଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ମାତ୍ର ୬୯ ଟଙ୍କା ବୃଦ୍ଧି କରାଯାଇଛି; ଯାହାକୁ ନେଇ ରାଜ୍ୟର ଚାଷୀ ନେତା ଏବଂ କୃଷି ବିଶେଷଜ୍ଞ ନିରାଶା ଓ କ୍ଷୋଭ ବ୍ୟକ୍ତ କରିଛନ୍ତି।

ଧାନର ଏମ୍ଏସ୍ପି ଅତିକମ୍‌ରେ ୨୯୩୦ ଟଙ୍କା କରିବାକୁ ଓଡ଼ିଶା ଗତ ୮ ବର୍ଷ ହେଲାଣି ଦାବି କରିଆସୁଛି। ଏନେଇ ରାଜ୍ୟ ବିଧାନସଭାରେ ମଧ୍ୟ ଏକ ସର୍ବଦଳୀୟ ସଂକଳ୍ପପତ୍ର ପାରିତ ହୋଇ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଛି। ମାତ୍ର କେନ୍ଦ୍ର ସରକାର ଓଡ଼ିଶାର ଏହି ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ଅପରପକ୍ଷେ ରାଜ୍ୟ ସରକାର ସମୃଦ୍ଧ କୃଷକ ଯୋଜନାରେ ଗତ ଖରିଫ୍ ଋତୁଠାରୁ ଧାନର ଏମ୍ଏସ୍ପି ବାବଦରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ଆରମ୍ଭ କରିଛନ୍ତି। ଏଥିରେ ଧାନର ଏମ୍ଏସ୍ପି ବାବଦରେ ୨୩୦୦ ଏବଂ ଇନ୍‌ପୁଟ ସହାୟତା ବାବଦରେ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି। ଯାହାଫଳରେ ଓଡ଼ିଶା ରାଜକୋଷକୁ ଏଥିପାଇଁ ପ୍ରାୟ ଅତିରିକ୍ତ ୫୮୬୨ କୋଟି ଟଙ୍କାର ଅତିରିକ୍ତ ବୋଝ ମୁଣ୍ଡାଇବାକୁ ପଡ଼ିଛି। ଯଦି କେନ୍ଦ୍ର ସରକାର ଧାନର ଏମ୍ଏସ୍ପି ଅଧିକ ବୃଦ୍ଧି କରିଥା’ନ୍ତେ, ତାହେଲେ ରାଜ୍ୟ ସରକାର ଇନ୍‌ପୁଟ ସହାୟତା ବାବଦରେ ଯେଉଁ ଅତିରିକ୍ତ ଅର୍ଥ ବୋଝ ମୁଣ୍ଡାଉଛନ୍ତି, ସେଥିରୁ ଅନେକାଂଶରେ ମୁକ୍ତି ପାଇଥା’ନ୍ତେ। ମାତ୍ର ଚିରାଚରିତ ଭାବେ ସରକାର ମାତ୍ର କିଛି ଟଙ୍କା ବଢ଼ାଇ ଓଡ଼ିଶା ପରି କୃଷିପ୍ରଧାନ ରାଜ୍ୟଗୁଡ଼ିକୁ ଆଉଥରେ ଲଲିପପ୍ ଧରାଇ ଦେଲେ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

> କଳାରାଶି ୮୨୦, କପା ୫୮୯ ଟଙ୍କା ବଢ଼ିଲା; ଧାନ ବେଳକୁ କୁଣ୍ଠକୁଣ୍ଠ
>
> ୮ ବର୍ଷ ତଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ଦାବି କରିଥିଲା ଓଡ଼ିଶା
>
> କେନ୍ଦ୍ର ସରକାରଙ୍କୁ ଦିଆଯାଇଥିଲା ରାଜ୍ୟ ବିଧାନସଭାରେ ପାରିତ ସର୍ବଦଳୀୟ ସଂକଳ୍ପ

ସୂଚନାଯୋଗ୍ୟ ଯେ ୨୦୧୭ ମସିହା ମାର୍ଚ୍ଚ ୨୫ ତାରିଖଠାରୁ ଓଡ଼ିଶା ବିଧାନସଭାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ୨୯୩୦ ଟଙ୍କା କରିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ଏଥିରେ ବିଜେପି ମଧ୍ୟ ନିଜର ସମ୍ମତି ପ୍ରଦାନ କରିଥିଲା। ଇତିମଧ୍ୟରେ ୮ ବର୍ଷ ବିତିଯାଇଥିବା ବେଳେ ଧାନ ଉତ୍ପାଦନରେ ଖର୍ଚ୍ଚ ଏବଂ ଆନୁଷଙ୍ଗିକ ଅର୍ଥ ବହୁଗୁଣରେ ବୃଦ୍ଧି ପାଇଛି। ସେସବୁକୁ ବିଚାରକୁ ନେଲେ ଧାନର ଏମ୍ଏସ୍ପି ସର୍ବନିମ୍ନ ୩୫୦୦ ଟଙ୍କା ହେବା ଆବଶ୍ୟକ ବୋଲି ଚାଷୀକୁଳ ଦାବି କରୁଛନ୍ତି।

ଅପରପକ୍ଷେ ଧାନ ବ୍ୟତୀତ ଅନ୍ୟ ଖରିଫ ଫସଲର ଏମ୍ଏସ୍ପିରେ ଆଖିଦୃଶିଆ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। କଳାରାଶି କ୍ୱିଣ୍ଟାଲ ପ୍ରତି ୮୨୦ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ କପା ୫୮୯ ଟଙ୍କା, ରାଶି ୫୭୯ ଟଙ୍କା, ମାଣ୍ଡିଆ ୫୯୬ ଟଙ୍କା, ଚିନାବାଦାମ ୪୮୦ ଟଙ୍କା, ସୂର୍ଯ୍ୟମୁଖୀ ୪୪୧ ଟଙ୍କା, ସୋୟାବିନ୍ ୪୩୬ ଟଙ୍କା, ହରଡ଼ ୪୫୦ ଟଙ୍କା, ବିରି ୪୦୦ ଟଙ୍କା ଆଦି ବୃଦ୍ଧି କରାଯାଇଛି। ମାତ୍ର ଧାନ ପ୍ରତି ଏତେ ଅବିଚାର କାହିଁକି ବୋଲି ଚାଷୀ ନେତାଏ ପ୍ରଶ୍ନ କରିଛନ୍ତି। ପ୍ରତିବର୍ଷ ମଜୁରି ସହ ପେଟ୍ରୋଲ, ଡିଜେଲ ଏବଂ ସାର , କୀଟନାଶକ ଦର ବୃଦ୍ଧି ହେଉଛି। ମାତ୍ର ସେହି ଅନୁସାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହେଉନାହିଁ। ଯାହା ଚାଷୀକୁଳ ପ୍ରତି କେବଳ ଉପହାସ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ଓଡ଼ିଶା ପୁଲିସର ଚିନ୍ତା ବଢ଼ିଲା

## ‘୨୦୦ ପେଟି ବିସ୍ଫୋରକ ଲୁଟିଛନ୍ତି ମାଓବାଦୀ’

ରାଉରକେଲା,୨୮।୫(ସମିସ): ମିଳିତ ସୁରକ୍ଷା ବାହିନୀର ସ୍ୱତନ୍ତ୍ର ଅଭିଯାନ ଯୋଗୁଁ ଛତିଶଗଡ଼ରେ ମାଓଗଡ଼ ଭୁଶୁଡ଼ି ପଡୁଥିବା ବେଳେ ମାଓବାଦୀମାନେ ଏବେ ଓଡ଼ିଶା ମୁହାଁ ହୋଇଛନ୍ତି। ଗତକାଲି ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଲଙ୍ଗଲକଟା ଜଙ୍ଗଲରେ ୩୦ରୁ ୪୦ ସଶସ୍ତ୍ର ମାଓବାଦୀ ଏକ ବାରୁଦ ବୋଝେଇ ଟ୍ରକ୍ ଲୁଟ୍ କରିବା ଘଟଣା ଏଭଳି ସୂଚନା ଦେଉଛି। ସେମାନେ ୨୦୦ ପେଟି ବିସ୍ଫୋରକ ଲୁଟିନେଇଥିଲେ। ଏହି ଘଟଣା ରାଜ୍ୟ ପୁଲିସ ବିଭାଗର ନିଦ ହଜାଇ ଦେଇଛି। ମାଓବାଦୀ କେଉଁଠୁ ଆସିଲେ, କେମିତି ଲୁଟିଲେ ଏବଂ ବିସ୍ଫୋରକ ନେଇ ଗୁଆଡ଼େ ଗଲେ? ଏହାର ଖୋଳତାଡ଼ କରିବାକୁ ଏଠାରେ ଆସି ପହଞ୍ଚିଛନ୍ତି ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ। ତାଙ୍କ ସହ ଅଛନ୍ତି ପୁଲିସ୍ ଆଇଜି ଅପରେସନ୍ ଡ. ଦୀପକ କୁମାର। ଏହି ଘଟଣା ପରେ ବଡ଼ଗାଁ ଅନ୍ତର୍ଗତ ଇତମାସ୍ଥିତ ବାରୁଦ ଗୋଦାମକୁ ବୁଧବାର ସଂଧ୍ୟାରେ ପୁଲିସ୍ ସିଲ୍ କରିଦେଇଛି। ବିସ୍ଫୋରକ ଲୁଟିଥିବା ମାଓବାଦୀମାନେ ବଡ଼ଧରଣର ଅଘଟଣ ଘଟାଇବାର ଆଶଙ୍କା ଥିବାରୁ ସଂପୃକ୍ତ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ତେବେ ଏହି ମାଓବାଦୀଙ୍କୁ ଧରିବା ଲାଗି କମ୍ବିଂ ଅପରେସନ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

ଛତିଶଗଡ଼ରେ ପୁଲିସ୍‌ର ମାଓଦମନ ଅଭିଯାନ ଯୋଗୁଁ ମାଓବାଦୀମାନେ ଓଡ଼ିଶାମୁହାଁ ହୋଇଛନ୍ତି। ପ୍ରତିହିଂସା ପରାୟଣ ହୋଇ ସେମାନେ ରାଉରକେଲାର କେ. ବଲାଙ୍ଗ ଥାନା ସାରଣ୍ଡା ଜଙ୍ଗଲରେ ମଙ୍ଗଳବାର ବାରୁଦ ବୋଝେଇ ଟ୍ରକ୍ ଲୁଟ୍ କରିଛନ୍ତି। ଡିଜିପି ଶ୍ରୀ ଖୁରାନିଆ ଓ ଆଇଜି ଅପରେସନ୍ ଦୀପକ ବୁଧବାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ରାଉରକେଲାରେ ପହଞ୍ଚିଥିଲେ। ସେମାନେ କେ. ବଲାଙ୍ଗ ଥାନାକୁ ଯାଇ ବିସ୍ଫୋରକ ଭର୍ତ୍ତି ଟ୍ରକ୍‌ର ଚାଳକ ଓ ବଡ଼ଗାଁ ବିସ୍ଫୋରକ ଗୋଦାମର ମାଲିକକୁ ପଚରାଉଚରା କରିଛନ୍ତି। ସେପଟେ ସୁନ୍ଦରଗଡ଼ ଜିଲ୍ଲା ବଡଗାଁସ୍ଥିତ ଇତମାଠାରେ ଥିବା ବାରୁଦ ଗୋଦାମକୁ ସିଲ କରି ଗୋଦାମରେ ଗଚ୍ଛିତ ଥିବା ବିସ୍ଫୋରକ ସାମଗ୍ରୀର ବୈଧତା, ଗୋଦାମର ଲାଇସେନ୍ସ ଥିଲା କି ନାହିଁ; ତାହା ପୁଲିସ ଯାଞ୍ଚ କରୁଛି।

ଗତକାଲି ଦିନ ୧୦ଟାରେ ସୁନ୍ଦରଗଡ଼ ବଡଗାଁ ନିକଟରେ ଥିବା ଏକ ବିସ୍ଫୋରକ ଗୋଦାମରୁ ୨୦୦ ପେଟି ବିସ୍ଫୋରକ ଧରି ଚାଳକ



ଦେଓନାଥ ଟପ୍ପୋ ଏକ ମିନି ଟ୍ରକ୍ (ଓଡି ୧୪ଡି ୧୯୮୭)ରେ କେ. ବଲାଙ୍ଗ ଥାନା ଝାଡ଼ଖଣ୍ଡ-ଓଡ଼ିଶା ସୀମା ନିକଟବର୍ତ୍ତୀ ବାଙ୍କୋ ପଥର ଖାଦାନକୁ ଯାଉଥିଲେ। ବାଙ୍କୋ କ୍ୱାରୀ ନିକଟରେ ହଠାତ୍ ପ୍ରାୟ ୩୦ରୁ ୪୦ଜଣ ସଶସ୍ତ୍ର ଅଜ୍ଞାତ ବ୍ୟକ୍ତି ବନ୍ଧୁକ ମୁନରେ ଟ୍ରକ୍ ଚାଳକ ଦେଓନାଥଙ୍କୁ ଟ୍ରକ୍‌କୁ ଜଙ୍ଗଲର ଅନ୍ୟ ଦିଗକୁ ନେବାକୁ କହିଥିଲେ। ଦେଓନାଥ ଜଙ୍ଗଲ ଭିତରେ କିଛି ବାଟ ଗଲା ପରେ ଚାଳକ ଓ ଗାଡ଼ିକୁ ଛାଡ଼ି ସେମାନେ ଅନ୍ୟ ଏକ ଗାଡ଼ିରେ ବିସ୍ଫୋରକ ସାମଗ୍ରୀକୁ ନେଇଯାଇଥିଲେ। ସେମାନଙ୍କ କବଳରୁ ମୁକୁଳିବା ପରେ ଦେଓନାଥ ପଥର ଖଣି ମାଲିକ ନିରଜ ପାଣ୍ଡେଙ୍କୁ ଏ ସଂପର୍କରେ ସୂଚନା ଦେଇଥିଲେ। ନିରଜଙ୍କଠାରୁ ଖବର ପାଇ କେ.ବଲାଙ୍ଗ ପୁଲିସ୍‌ର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲା। କିନ୍ତୁ, ସେଠାରେ ଖାଲି ଗାଡ଼ି ଓ ଚାଳକ ଛଡ଼ା ଆଉ କିଛି ପାଇ ନଥିଲେ।

ପୁଲିସ୍ ଘଟଣାର ଛାନ୍‌ଭିନ୍ ଜାରି ରଖିଥିବା ବେଳେ ବୁଧବାର କେ. ବଲାଙ୍ଗ ଥାନାରେ ବଣାଇ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳ ପହଞ୍ଚି ମାଲିକ ଓ ଚାଳକଙ୍କୁ ପଚରାଉଚରା ଜାରି ରଖିଛନ୍ତି। ଅପରାହ୍ଣରେ ଡିଜିପି ପହଞ୍ଚି ଘଟଣାର ସମୀକ୍ଷା କରିଥିଲେ।। ଡିଆଇଜି ବ୍ରିଜେଶ କୁମାର ରାୟ, ଗୁଇନ୍ଦା ସଂସ୍ଥା ଡିଏସ୍‌ପି ପ୍ରଦୀପ ବାର୍ଲାଙ୍କ ସମେତ ଡିଭିଏଫ୍ (ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରୀ ଫୋର୍ସ), ଆଇଆରବି (ଇଣ୍ଡିଆନ ରିଜର୍ଭ ବାଟାଲିୟନ)ର ୨୦୦ରୁ ଊର୍ଦ୍ଧ୍ୱ ଯବାନ ବାଇକ୍ ଯୋଗେ

> ■ ଛତିଶଗଡ଼ ଛାଡ଼ି ଓଡ଼ିଶା ମୁହାଁ ହେଉଛନ୍ତି
> ■ ଖୋଳତାଡ଼ କରିବାକୁ ଆସିଲେ ଡିଜି, ଆଇଜି

ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ୫ ଟନ୍‌ରୁ ଊର୍ଦ୍ଧ୍ୱ ବିସ୍ଫୋରକ (ଜିଲେଟିନ) ଲୁଟ୍ ହୋଇଥିବାରୁ ସୁନ୍ଦରଗଡ଼ ଜିଲ୍ଲା ସମେତ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଇଲାକାରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହା ପୁଲିସ୍ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ବୁଧବାର ରାତ୍ର କିମ୍ବା ଗୁରୁବାରଠାରୁ କେ.ବଲାଙ୍ଗ ଥାନା ଅନ୍ତର୍ଗତ ଝାରବେଡ଼ୋ, ଲଙ୍ଗଲକଟା, ଝିରପାଣି ଆଦି ମାଓ ଉପଦ୍ରୁତ ସରଣ୍ଡା ଜଙ୍ଗଲରେ କମ୍ବିଂ ଅପରେସନ ଆରମ୍ଭ ହେବାର ସମ୍ଭାବନା ରହିଛି।

ନିଜେ ଡିଜିପି ଶ୍ରୀ ଖୁରାନିଆ ଓ ଆଇଜି ଅପରେସନ୍ ଦୀପକ କୁମାର ରାଉରକେଲାରେ କ୍ୟାମ୍ପ କରି ଘଟଣାର ତଦାରଖ କରୁଛନ୍ତି। ପଶ୍ଚିମାଞ୍ଚଳ ପୁଲିସ୍ ଡିଆଇଜି ବ୍ରିଜେଶ କୁମାର ରାୟ କହିଛନ୍ତି, ଏହା ମାଓବାଦୀଙ୍କ କାର୍ଯ୍ୟ ବୋଲି ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନି, ତଦନ୍ତ ପରେ ହିଁ ଘଟଣାର ପର୍ଦ୍ଦାଫାସ ହେବ। ତେବେ ଏହା ମାଓବାଦୀଙ୍କ ଦ୍ୱାରା ଲୁଟ ହୋଇଥିବା ସଂଦେହକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁନାହିଁ ବୋଲି ସେ ଆଶଙ୍କା କରିଛନ୍ତି।

ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ଖଣ୍ଡଗିରିରେ ଖଣ୍ଡଯୁଦ୍ଧ

## ‘ଆମ ବସ୍’: ଯୋଉଠି ଦେଖିଲେ, ଭାଙ୍ଗିଲେ



ଭୁବନେଶ୍ୱର,୨୮।୫(ସମିସ): ବୁଧବାର ସଂଧ୍ୟାରେ କୋଳଥିଆ ଛକରେ ‘ଆମ ବସ୍’ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ତୁମୂଳକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଲୋକେ ଆଜି ୧୦ରୁ ଊର୍ଦ୍ଧ୍ୱ ‘ଆମ ବସ୍’କୁ ଗୋଡ଼େଇ ଗୋଡ଼େଇ ଭାଙ୍ଗିଛନ୍ତି। ଯେଉଁ ‘ଆମ ବସ୍’ ହାବୁଡ଼େ ପଡ଼ିଲା, ସେଥିରୁ ଲୋକ ଓହ୍ଲାଇଦେବା ପରେ ବାଡ଼େଇ ଚୂନା କରିଦେଇଛନ୍ତି। ଖଣ୍ଡଗିରି ଛକଠାରୁ ଆରମ୍ଭ କରି ଜାଗମରା ନୂଆରୋଡ୍ ପର୍ଯ୍ୟନ୍ତ ଆଜି ଏମିତି ହିଂସାକାଣ୍ଡ ଦେଖିବାକୁ ମିଳିଛି। ଏପରିକି, ଅଟକାଇବାକୁ ଆସି ପୁଲିସ୍ ମଧ୍ୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଛି। ପୁଲିସ୍-ଜନତା ଧସ୍ତାଧସ୍ତି ଭଳି ପରିସ୍ଥିତି ଉପୁଜିଛି। ପ୍ରାୟ ଏକ ଘଣ୍ଟା ଧରି ଉତ୍ତେଜନା ଲାଗି ରହିବା ପରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଦୁର୍ଘଟଣା ଘଟାଇଥିବା ‘ଆମ ବସ୍’ ଚାଳକଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



ମିଳିଥିବା ସୂଚନାନୁସାରେ, ଭୀମଟାଙ୍ଗି ଅଞ୍ଚଳର ଜଣେ ବରିଷ୍ଠ ନାଗରିକ ତ୍ରିନାଥ ବାରିକ ଆଇଗିଣିଆ ଅଞ୍ଚଳରେ ଥିବା ଏକ ବାଇକ୍ ସୋ’ ରୁମ୍‌ରେ ସୁରକ୍ଷା କର୍ମୀ ଭାବେ କାମ କରୁଥିଲେ। ଡ୍ୟୁଟି ସରିବା ପରେ ସବୁଦିନ ଭଳି ଆଜି ସନ୍ଧ୍ୟାରେ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ସେ କୋଳଥିଆ ଛକରେ ହୋଇଥିବା ବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ‘ଆମ ବସ୍’ ତାଙ୍କୁ ଧକ୍କା ଦେଇ ୭ ମାଇଲ୍ସ ବାର୍ ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତ୍ରିନାଥଙ୍କର ମୃତ୍ୟୁ ଘଟିଥିଲା। ଲୋକମାନେ ଏକାଠି ହୋଇଯିବାରୁ ଦୁର୍ଘଟଣା ଘଟାଇଥିବା ‘ଆମ ବସ୍’ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ୭ ମାଇଲ୍ସ ବାର୍ ନିକଟରେ ତ୍ରିନାଥ ମୃତଦେହ ପଡ଼ିଥିବା ବେଳେ ଖଣ୍ଡଗିରି ଛକରୁ ତାଙ୍କ ପାଦ ମିଳିଥିଲା। ଦୁର୍ଘଟଣା ପରେ ଖଣ୍ଡଗିରି ଛକରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାରଲୋକେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ରଖି ଖଣ୍ଡଗିରି-ବରମୁଣ୍ଡା ସର୍ଭିସ୍ ରୋଡ୍ ଅବରୋଧ କରିଥିଲେ। ଖବର ପାଇ ଖଣ୍ଡଗିରି ଥାନା ଅଧିକାରୀ ଓ ଜୋନ୍- ୩ ଏସିପି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ଏକାଠି ହୋଇ ‘ଆମ ବସ୍’ ଭଙ୍ଗାରୁଜା କରିଥିଲେ।

ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିବା ‘ଆମ ବସ୍’ଗୁଡ଼ିକୁ ବାଡ଼େଇ ଭାଙ୍ଗିଥିଲେ। କେବଳ ସେହି ରୁଟ୍ ନୁହଁ, ଜାଗମରା ନୂଆରୋଡ୍ ପଟରେ ମଧ୍ୟ ଆମ ବସ୍ ଭଙ୍ଗାରୁଜା ହୋଇଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ ଡ୍ରାଇଭର୍ ସମେତ ଯାତ୍ରୀମାନେ ମଧ୍ୟ ବସ୍‌ରୁ ଓହ୍ଲାଇ ଦୌଡ଼ିଥିଲେ। ଉତ୍ତେଜନା ମଧ୍ୟରେ ପୁଲିସ ଓ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପ୍ରାୟ ଏକ ଘଣ୍ଟା ଧରି ଉତ୍ତେଜନା ଲାଗି ରହିବା ପରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଆମ ବସ୍ ଡ୍ରାଇଭରକୁ ଗିରଫ କରିବାର ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା। ପୁଲିସ୍ ତ୍ରିନାଥଙ୍କ ମୃତଦେହ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା।

## ଚଢ଼ିଗଲା ଆମ ବସ୍; ୩ ବାଇକ୍ ଚୂରମାର୍

ପୁରୀ, ୨୯ ।୫ (ସମିସ): ସାକ୍ଷୀଗୋପାଳ ରେଳଫାଟକ ନିକଟରେ ଆଜି ଏକ ‘ଆମ ବସ୍’ ବଡ଼ଧରଣର ଦୁର୍ଘଟଣା ଘଟାଇଛି। ଏକାବେଳକେ ତିନି ତିନିଟି ବାଇକ୍ ଉପରେ ମାଡ଼ି ଯାଇଛି। ଏଥିରେ ୩ଜଣ ଗୁରୁତର ହୋଇଥିବା ବେଳେ ୩ଟି ବାଇକ୍ ଭାଙ୍ଗିରୁଜି ଚୂରମାର୍ ହୋଇଯାଇଛି। ସୌଭାଗ୍ୟକୁ ୧୧ବର୍ଷର ଜଣେ ନାବାଳକ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛି। ଆହତଙ୍କ ମଧ୍ୟରେ ଜଣେ ଦମ୍ପତି ମଧ୍ୟ ରହିଛନ୍ତି। ଆଜି ସଂଧ୍ୟାରେ ଏହି ଅଘଟଣ ଘଟିଛି। ସତ୍ୟବାଦୀ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆମ ବସ୍ ଚାଳକକୁ ଅଟକ ରଖିବା ସହ ବସ୍‌କୁ ଜବତ କରିଛି।

## ଟ୍ରକ ଧକ୍କାରେ ଟ୍ରାକ୍ଟର୍ ୩ ଖଣ୍ଡ, ୨ ମୃତ

ବୈଶିଙ୍ଗା, ୨୮ ।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନଂ. ଜାତୀୟ ରାଜପଥର ଛୁରୁଣୀ ଛକ-ଆଗ୍ରିଆ ବଡ଼ପୋଲ ନିକଟରେ ଆଜି ଭୋର୍‌ରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଉତ୍ତରପ୍ରଦେଶ ମେରଟ ଅଞ୍ଚଳର ବିଜେନ୍ଦ୍ର ଭାରତୀଙ୍କ ପୁଅ ଅତୁଲ ଏବଂ ହରିୟାଣା କର୍ଣ୍ଣାଲ ଜିଲ୍ଲା ଅଧୀନ ପଡ଼ାଗାଁ ଅଞ୍ଚଳର ଜଗଦେବ ଦୋଡ଼ଙ୍କ ପୁଅ ସୁନ୍ଦର। ଟ୍ରାକ୍ଟରକୁ ଏକ ଟ୍ରକ୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ଏହାଦସହ ଅନ୍ୟ ୩ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ହରିୟାଣା କର୍ଣ୍ଣାଲ ଜିଲ୍ଲା ଅଧୀନ ରାମଜୋର କଟାବାଗ ସେକ୍ଟର ୩୨ ଥାନା ଅଞ୍ଚଳର ପ୍ରଦୀପ ରଞ୍ଜନ, ହେରିଟେଜ୍ ଅଞ୍ଚଳର ବିକାଶ କଲ୍ୟାଣ ଓ ଇନ୍ଦିରା କଲୋନୀ ଜୁନ୍ଦାଲା ଗେଟ ସଦର ଥାନା ଅଞ୍ଚଳର କରନ ଭଟନାଗର। ସେମାନଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ମୃତାହତମାନେ ଏଠାକାର ଜଣେ ଠିକାଦାରଙ୍କ ଅଧୀନରେ କାମ କରୁଥିବା ବେଳେ ବାଲେଶ୍ୱରରେ ରହୁଥିଲେ। ସେମାନେ ଆଜି ଭୋର୍‌ରେ ଏକ ଟ୍ରାକ୍ଟର୍‌ରେ ବାରିପଦାରୁ ଫେରୁଥିବା ବେଳେ ଛୁରୁଣୀ ଛକ-ଆଗ୍ରିଆ ବଡ଼ପୋଲ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ସେମାନଙ୍କୁ ପଛରୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ରାକ୍ଟରଟି ତିନି ଖଣ୍ଡ ହୋଇଯାଇଥିଲା ଏବଂ ଘଟଣାସ୍ଥଳରେ ହିଁ ଅତୁଲ ଓ ସୁନ୍ଦରଙ୍କ ମୃତ୍ୟୁ ହୋଇଯାଇଥିଲା।

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

## ପୁଞ୍ଜିଲାଲ୍‌ଙ୍କୁ ଆଜୀବନ ଜେଲ୍‌ଦଣ୍ଡ

ପାଟଣାଗଡ଼, ୨୮।୫(ସମିସ): ଦୀର୍ଘ ସାତ ବର୍ଷ ଅପେକ୍ଷାର ଅନ୍ତ ଘଟିଛି। ବହୁଚର୍ଚ୍ଚିତ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଚୂଡ଼ାନ୍ତ ରାୟ ଆଜି ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୋନାଲି ପଟ୍ଟନାୟକ ଅଭିଯୁକ୍ତ ପୁଞ୍ଜିଲାଲ ମେହେରକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ସେ ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍‌ରେ ରହିବ। ଏହାସହିତ ୫୦ ହଜାର ଟଙ୍କା ଦଣ୍ଡରେ ଦଣ୍ଡିତ କରିଛନ୍ତି।

ଆଇପିସିର ଧାରା ୩୦୨, ୩୦୭, ୨୦୧ ଓ ଉପଧାରା ୩ ଓ ୪ ଅନୁଯାୟୀ କୋର୍ଟ ପୁଞ୍ଜିଲାଲକୁ ଦୋଷୀ ସାବ୍ୟସ୍ତ କରିବା ସହିତ ମୃତ୍ୟୁ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ତଦନ୍ତ ପରେ ୨ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଥିଲା ଏବଂ ୬୦ରୁ ଅଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ୧୦୦ଟି ଦସ୍ତାବିଜ ଓ ପୁଞ୍ଜିଲାଲଠାରୁ ଜବତ କରାଯାଇଥିବା ଲାପ୍‌ଟପ୍, ପେନ୍‌ଡ୍ରାଇଭ୍, ଡାଏରୀ, ମେମୋରୀ କାର୍ଡ ସହ ଅନ୍ୟାନ୍ୟ ଉପକରଣ କୋର୍ଟରେ ଦାଖଲ କରାଯାଇଥିଲା।

ଆଜି ସକାଳ ପ୍ରାୟ ୮ ସମୟରେ ପୁଞ୍ଜିଲାଲ ମେହେରକୁ କଡ଼ା ସୁରକ୍ଷା ମଧ୍ୟରେ ବଲାଙ୍ଗିର ଜେଲରୁ ପାଟଣାଗଡ଼ କୋର୍ଟକୁ ଅଣାଯାଇଥିଲା। ରାୟ ସମୟରେ ପୁଞ୍ଜିଲାଲ ଆଖିରୁ ଲୁହ ବାହାରିଥିଲା। କୋର୍ଟ ପରିସରରୁ ବାହାରିବା ସମୟରେ ପୁଞ୍ଜିଲାଲ ଗଣମାଧ୍ୟମକୁ କହିଥିଲା, ମୋତେ ଫସାଇ ଦିଆଯାଇଛି। ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ଗଣମାଧ୍ୟମ ଉପରେ ଦୋଷ ଦେଇ ନାଲି ଆଖି



ଦଣ୍ଡାଦେଶ ପରେ ପୁଞ୍ଜିଲାଲ୍‌ଙ୍କୁ ବଲାଙ୍ଗିର ଜେଲ୍‌କୁ ନିଆଯାଉଛି

ଦେଖାଇଥିଲା। ଏହି ମାମଲାର ଚୂଡ଼ାନ୍ତ ରାୟ ଆଜି ପ୍ରକାଶ ପାଇବା ଜାଣି କୋର୍ଟ ପରିସର ଲୋକାରଣ୍ୟ ହୋଇପଡ଼ିଥିଲା।। ପୁଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ମୃତ ସୌମ୍ୟଶେଖରଙ୍କ ଘରେ ମଧ୍ୟ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା।

ସୂଚନାଯୋଗ୍ୟ ଯେ ୨୦୧୮ ଫେବୃଆରୀ ୧୮ ତାରିଖରେ ପାଟଣାଗଡ଼ରେ ୨୬ ବର୍ଷୀୟ ଇଞ୍ଜିନିୟର ସୌମ୍ୟଶେଖର ସାହୁ ଓ ରିମାଙ୍କର ବିବାହ ହୋଇଥିଲା। ୨୩ ତାରିଖରେ ରିସେପସନ୍ ହୋଇଥିଲା। ରିସେପସନରେ ମିଳିଥିବା ଉପହାରକୁ ଖୋଲୁଥିବା ବେଳେ ଗୋଟିଏ ପାର୍ସଲରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏଥିରେ ସୌମ୍ୟଶେଖରଙ୍କର ମୃତ୍ୟୁ ଘଟିଥିବା ବେଳେ ରିମା ଗୁରୁତର ଆହତ ହୋଇଥିଲେ। ସେତେବେଳେ ଏହି ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିଲା। ଏହି ବିସ୍ଫୋରଣ ପଛରେ ଭଇଁଷା କଲେଜର ଅଧ୍ୟାପକ ପୁଞ୍ଜିଲାଲର ହାତ ରହିଥିଲା। କଲେଜ ଅଧକ୍ଷା ତଥା ସୌମ୍ୟଶେଖରଙ୍କ ମା’ ସଂଯୁକ୍ତା ସାହୁଙ୍କ ସହିତ ବୃତ୍ତିଗତ ଶତ୍ରୁତାକୁ କେନ୍ଦ୍ର କରି ପୁଞ୍ଜିଲାଲ ଏଭଳି ବିସ୍ଫୋରଣ କରାଇଥିଲା। ସେ ବୋମା ନିଜେ ତିଆରି କରି ଏକ ଉପହାର ପ୍ୟାକେଟ କରିଥିଲା। ପରେ ଏହାକୁ ପାର୍ସଲ କରି ସଂଯୁକ୍ତାଙ୍କ ଘରକୁ ପଠାଇଥିଲା। ପାର୍ସଲ ଖୋଲିବା ମାତ୍ରେ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଏଥିରେ ସୌମ୍ୟ ଏବଂ ତାଙ୍କ ଆଇମା’ଙ୍କ ଜୀବନ ଚାଲିଯାଇଥିଲା। ଘଟଣାର ତଦନ୍ତ କରି କ୍ରାଇମବ୍ରାଞ୍ଚ ପୁଞ୍ଜିଲାଲକୁ ଗିରଫ କରିଥିଲା। ଏହା ଦେଶରେ ପ୍ରଥମ ପାର୍ସଲ ବୋମା ବିସ୍ଫୋରଣ ଥିଲା ବୋଲି କୁହାଯାଉଛି। ବିସ୍ଫୋରଣ କରି ସମଗ୍ର ପରିବାରକୁ ମୂଳପୋଛ କରିବାକୁ ଷଡ଼ଯନ୍ତ୍ର କରିଥିଲା ପୁଞ୍ଜିଲାଲ। ବୋମା କିପରି ତିଆରି ହୁଏ ତାହା ସେ ଅନଲାଇନରେ ଶିଖିଥିଲା।

ଆଜିର ରାୟରେ ପ୍ରତିକ୍ରିୟା ପ୍ରକାଶ କରି ମୃତ ସୌମ୍ୟଶେଖରଙ୍କ ବାପା ରବୀନ୍ଦ୍ର ସାହୁ କହିଲେ, ଆମକୁ ନ୍ୟାୟ ମିଳିଛି। ତଥାପି ମୋ ପୁଅକୁ ଆଉ କେହି ଫେରାଇ ଆଣି ପାରିବେନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି। ତଥାପି ଏଭଳି ଅପରାଧ ପାଇଁ ଯେତେ ଦଣ୍ଡ ଦେଲେ ମଧ୍ୟ କମ ହେବ। ମୁଁ ବାପା ହିସାବରେ ତାକୁ ଫାଶୀ ମିଳୁ ବୋଲି ଚାହୁଁଥିଲି। କିନ୍ତୁ ଆଇନକୁ ସମ୍ମାନ ଜଣାଇ ଅଦାଲତ ଯେଉଁ ରାୟ ଶୁଣାଇଛନ୍ତି ମୁଁ ସନ୍ତୁଷ୍ଟ। ପୁଞ୍ଜିଲାଲ ମୃତ୍ୟୁ ପର୍ଯ୍ୟନ୍ତ ଜେଲରେ ଥାଇ ନିଜ କର୍ମଫଳ ଭୋଗିବ ବୋଲି କହିଛନ୍ତି।

ଏଏସ୍ଆଇର ଅବହେଳା

## ଲିଭିଯାଉଛି ଶ୍ରୀମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ

ପୁରୀ,୨୮।୫(ସମିସ): ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)ର ଅବହେଳା ଯୋଗୁଁ ଲିଭିଯାଉଛି ଶ୍ରୀମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ। ମୁଖ୍ୟ ମନ୍ଦିର ବ୍ୟତୀତ ବଡ଼ଦେଉଳ ବେଢ଼ା ପରିସରରେ ଅନେକ ଦେବଦେବୀଙ୍କ ମନ୍ଦିର ରହିଛି। ବହୁ ପାର୍ଶ୍ୱ ଦେବଦେବୀ ବି ରହିଛନ୍ତି। ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଏହି ମୂର୍ତ୍ତି ମଧ୍ୟରୁ ଯଦି କୌଣସି ମୂର୍ତ୍ତି ଭାଙ୍ଗିପଡୁଛି କିମ୍ବା ଅନ୍ୟ କୌଣସି କାରଣ ପାଇଁ ନଷ୍ଟ ହୋଇଯାଇଛି ତାହାର ପୁନଃସ୍ଥାପନ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉ ନାହିଁ। ଯଦି ବି ପୁନଃସ୍ଥାପନ କରାଯାଉଛି, ପୂର୍ବପରି ସେହି ସୂକ୍ଷ୍ମ କାରୁକାର୍ଯ୍ୟ ରହୁନାହିଁ। ଏଏସ୍ଆଇ ଏଭଳି ଅବହେଳାକୁ ନେଇ ଅନେକ ସମୟରେ ଅସନ୍ତୋଷ ପ୍ରକାଶ ପାଉଛି। କିନ୍ତୁ ଏ ଦିଗରେ ସଚେତନ ହେଉନି ଏଏସ୍ଆଇ। କୌଣସି ପାର୍ଶ୍ୱ ମୂର୍ତ୍ତି ଭାଙ୍ଗିଗଲେ ବି ବର୍ଷ ବର୍ଷ ଧରି ତା’ର ମରାମତି କରାଯାଉନାହିଁ।



ଶ୍ରୀମନ୍ଦିରର ପ୍ରତିଟି ଜାଗାରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜି ରହିଛି। ଗୁମୁଟ ହେଉ କି ମେଘନାଦ ପାଚେରି ଏ ସବୁର କଳା, ସ୍ଥାପତ୍ୟ ଦର୍ଶନାର୍ଥୀଙ୍କୁ ବେଶ୍ ଆକର୍ଷିତ କରିଥାଏ। ହେଲେ ଧୀରେଧୀରେ କୀର୍ତ୍ତିରାଜିଗୁଡ଼ିକ ନଷ୍ଟ ହେଉଥିଲେ ମଧ୍ୟ ଏହାର ଉପଯୁକ୍ତ ସଂରକ୍ଷଣ କରାଯାଉନାହିଁ। ଠିକଣା ସମୟରେ ମରାମତି କିମ୍ବା ପୁନଃସ୍ଥାପନ ହେଲେ କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜିର ସୁରକ୍ଷା ଏବଂ ସଂରକ୍ଷଣ ହୋଇପାରନ୍ତା। ମାତ୍ର ଦାୟିତ୍ୱରେ ଥିବା ଏଏସ୍ଆଇ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

୧୯୭୪ ମସିହାରୁ ଏଏସ୍ଆଇ ବଡ଼ଦେଉଳର ସଂରକ୍ଷଣ ଦାୟିତ୍ୱ ନେଇଛି। ଦ୍ୱାଦଶ ଶତାବ୍ଦୀର ଶ୍ରୀମନ୍ଦିରର କୌଣସି ମରାମତି କିମ୍ବା ପୁନଃସ୍ଥାପନ ଆବଶ୍ୟକ ପଡ଼େ, ତେବେ ଏ ସଂକ୍ରାନ୍ତରେ ମନ୍ଦିର ପ୍ରଶାସନ ସହ ଆଲୋଚନା କରି ଏଏସ୍ଆଇ ଏହା କରିବା କଥା। କିନ୍ତୁ ଅନେକ ସମୟରେ ଏଏସ୍ଆଇ ତା’ କାମରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ତୁରନ୍ତ ମରାମତି ଆବଶ୍ୟକ ଥିବା କେତେକ କାମକୁ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଏକାଧିକ ସୂକ୍ଷ୍ମ କାରୁକାର୍ଯ୍ୟ ନଷ୍ଟ ହେଉଛି ନଚେତ୍ ସମ୍ପୂର୍ଣ୍ଣ ଭାବେ ଲିଭିଯାଉଛି। ଏଥିମଧ୍ୟରୁ ସିଂହଦ୍ୱାର ଦଶାବତାର ମୂର୍ତ୍ତି ଅନ୍ୟତମ। ସଂରକ୍ଷଣ ଆଳରେ ୨୦୧୨ରେ ଦଶାବତାର ମୂର୍ତ୍ତି ସିଂହଦ୍ୱାର ଗୁମୁଟରୁ ହଟାଇ ଦେଇଥିଲା ଏଏସ୍ଆଇ। ଯାହା ଶ୍ରୀମନ୍ଦିର ଶ୍ରୀକୁ ନଷ୍ଟ କରିବା ସହ ଭକ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଥିଲା। ସେ ସମୟରେ ଦଶାବତାର ମୂର୍ତ୍ତି ହଟାଯିବାକୁ ନେଇ ତୀବ୍ର ବିବାଦ, ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପୁନର୍ବାର ପୂର୍ବ ସ୍ଥାନରେ ଦଶାବତାର ମୂର୍ତ୍ତି ଲଗାଇବା ପାଇଁ ଭକ୍ତ ଓ ବିଭିନ୍ନ ସଂଗଠନ ଦାବି କରିଥିଲେ। ଶେଷରେ ଶ୍ରୀମନ୍ଦିର ପ୍ରଶାସନ ଏଠାରେ ଦଶାବତାର ମୂର୍ତ୍ତି ଲଗାଇବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନବମ ଅବତାରରେ କିଏ ରହିବେ, ତାହାକୁ ନେଇ ବାଦବିବାଦ ଛିଡ଼ା ହେବାରୁ ଏ ପର୍ଯ୍ୟନ୍ତ ସିଂହଦ୍ୱାର ଗୁମୁଟରେ ଦଶାବତାର ମୂର୍ତ୍ତି ଲାଗିପାରି ନାହିଁ। ସେହି ସ୍ଥାନରେ ସାଦାପଥର ଖଞ୍ଜି ଦିଆଯାଇଛି।

ସେହିପରି ଏଏସ୍ଆଇ ପକ୍ଷରୁ ମରାମତି ବେଳେ ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରତି ଯେଉଁଭଳି ଭାବେ ଗୁରୁତ୍ୱ ଦିଆଯିବା କଥା, ତାହା ଦିଆଯାଉନଥିବା ଅନେକ ଶିଳ୍ପୀଙ୍କୁ ବ୍ୟଥିତ କରୁଛି। ଫଳରେ ପୁରୁଣା କଳା କାରିଗରୀ ନଷ୍ଟ ହେଉଛି। କିଛି ବର୍ଷ ପୂର୍ବେ ଶ୍ରୀମନ୍ଦିରରେ ଚୂନ ଛଡ଼ା ଯାଇଥିଲା। ଏଥିପାଇଁ ବିଭିନ୍ନ ଧାତବ ଉପକରଣର ରୁକ୍ଷ ବ୍ୟବହାର କାରଣରୁ ଅନେକ ସ୍ଥାନରେ ସୂକ୍ଷ୍ମ କାରୁକାର୍ଯ୍ୟ କିଛିକାଂଶରେ ନଷ୍ଟ ହେଇଛି। ଅନେକ ସ୍ଥାନରେ ରହିଥିବା ରୂପ ଓ ବିଗ୍ରହର କେତେକ ଅଙ୍ଗ ଅପହୃତ। ଏଣୁ ଏହି ମନ୍ଦିର ଗାତ୍ରରେ ଅନେକ ବିକଳାଙ୍ଗ ମୂର୍ତ୍ତି ଦେଖିବାକୁ ମିଳେ। ଏବେ ବି ସେହି ଧାରା ଚାଲିଛି। କୌଣସି ଦେବଦେବୀଙ୍କ ମୂର୍ତ୍ତି ହେଉ ଅବା ମନ୍ଦିରର କୌଣସି ଅଂଶ କିମ୍ବା ମେଘନାଦ ପାଚେରି ଯଦି କିଛି ବି କାମ ହେଉଛି ସେଠାରେ ସାଦାପଥର ଖଞ୍ଜି ଦିଆଯାଉଛି। ପୂର୍ବପରି ସୂକ୍ଷ୍ମ କାରୁକାର୍ଯ୍ୟ କରାଯାଉନାହିଁ।

### ରୋଗୀ କଲ୍ୟାଣ ସମିତିର ସାଧାରଣ ପରିଷଦ ବୈଠକ

# ବୃଦ୍ଧି ପାଇଛି ପରିବାର ନିୟୋଜନ ଅସ୍ତ୍ରୋପଚାର



- ଖାଲି ପଡ଼ିଛି ଏକାଧିକ ଡାକ୍ତର ଓ ନର୍ସିଂ କର୍ମଚାରୀ ପଦ
- ସକାଳ ୭ରୁ ସନ୍ଧ୍ୟା ୭ ଯାଏ ନିରାମୟ କେନ୍ଦ୍ର ଖୋଲିବାକୁ ଦାବି

କଣାସ,୨୮।୫(ସମିସ): ବୁଧବାର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ସାଧାରଣ ପରିଷଦ ବୈଠକ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଡା. କ୍ଷମାନିଧି ସେଠୀ ସ୍ୱାଗତ ସମ୍ଭାଷଣ ଦେଇଥିବାବେଳେ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଗତ ବର୍ଷରେ ଉନ୍ନତି ହୋଇଥିବା ରୋଗୀ ସେବା ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ। ରିପୋର୍ଟ ଅନୁସାରେ ପୂର୍ବ ବର୍ଷ ତୁଳନାରେ ଗତବର୍ଷ ଓପିଡି ରୋଗୀ ସଂଖ୍ୟା, ଅନ୍ତର୍ବିଭାଗ ରୋଗୀ ସଂଖ୍ୟା, ନିଦାନ ପରୀକ୍ଷା, ପରିବାର ନିୟୋଜନ ଅସ୍ତ୍ରୋପଚାର ସଂଖ୍ୟା ଆଦିରେ ଅଭିବୃଦ୍ଧି ଦେଖାଦେଇଛି। ମାତ୍ର ବିଶେଷଜ୍ଞ ଡାକ୍ତର ଓ ନର୍ସିଂ ଷ୍ଟାଫ୍‌ଙ୍କ ପଦଗୁଡ଼ିକ ଦୀର୍ଘଦିନ ଧରି ଖାଲି ପଡୁଥିବାରୁ ଆନୁଷ୍ଠାନିକ ପ୍ରସବ ସଂଖ୍ୟାରେ ହ୍ରାସ ପରିଲକ୍ଷିତ ହୋଇଛି। ସେହିଭଳି ଦୀର୍ଘ ଦିନ ଧରି ଆୟୁର୍ବେଦିକ ଔଷଧ ଯୋଗାଣ ହେଉ ନ ଥିବାରୁ ଆୟୁଷ ଓପିଡି ସଂଖ୍ୟାରେ ମଧ୍ୟ ହ୍ରାସ ହେଉଛି।

କଣାସ ବ୍ଲକ୍‌ର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉତ୍ତମ ଗୁଣବତ୍ତା ସେବା ଦେଉଥିବାରୁ ଗତବର୍ଷ ସମସ୍ତ ୧୯ଟି ଉପକେନ୍ଦ୍ର, ୫ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଟିଏ ବ୍ଲକ୍ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଥିବା କଥା କମିଟିକୁ ଅବଗତ କରାଯାଇଥିଲା। କଣାସ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବିଶେଷକରି ୧୫ ଜଣ ଡାକ୍ତରଙ୍କ ସ୍ଥାନରେ ୩ ଜଣ କାର୍ଯ୍ୟ କରିବା ଏବଂ ୨୨ ଜଣ ନର୍ସିଂ ଅଫିସରଙ୍କ ସ୍ଥାନରେ ୪ ଜଣ କାର୍ଯ୍ୟ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। କର୍ମଚାରୀ ନିଯୁକ୍ତି ହେବା ପର୍ଯ୍ୟନ୍ତ ବିଧାୟକଙ୍କ କଣାସରେ ବିଶେଷଜ୍ଞ ସ୍ୱାସ୍ଥ୍ୟ ସେବା ଓ ଅସ୍ତ୍ରୋପଚାର ଆରମ୍ଭ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିଲେ। ଫଳରେ ତାଙ୍କ ଉଦ୍ୟମ ଓ ଅନୁରୋଧ କ୍ରମେ ବୈଠକରେ ଭୁବନେଶ୍ୱରର ପ୍ରମୁଖ ଡାକ୍ତରଖାନାରୁ ଯୋଗଦେଇଥିବା ଶଲ୍ୟବିଶେଷଜ୍ଞ ଡାକ୍ତର ପାର୍ଥସାରଥୀ ପଣ୍ଡା ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଗିରିଶ ଚନ୍ଦ୍ର ସାହୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିନା ମୂଲ୍ୟରେ ମାସକୁ ଥରେ ଦୁଇଥର ସେବା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିପାଇଁ ଆବଶ୍ୟକ ହେଉଥିବା ସରଞ୍ଜାମର ତାଲିକା ଶୀଘ୍ର ପ୍ରସ୍ତୁତ କରି ବିଧାୟକଙ୍କୁ ପ୍ରେରଣ କରାଗଲେ ସବୁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ନିରାମୟ ସକାଳ ୭ରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ ଖୋଲିବା ପାଇଁ ଦାବି କରିଥିଲେ। ପାନୀୟଜଳ ପାଇଁ ସରପଞ୍ଚ ଓ ବିଡିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାଙ୍କ କିମ୍ବା ଅନ୍ୟ ଦାତବ୍ୟ ଅନୁଷ୍ଠାନକୁ ଅନୁରୋଧ କରିବା ପାଇଁ ବିଧାୟକ ପ୍ରସ୍ତାବ ଦେଇଥିଲେ। ରୋଗୀଙ୍କ ଅପେକ୍ଷାସ୍ଥଳରେ ଚେୟାର ଓ ପଙ୍ଖାର ବ୍ୟବସ୍ଥା କରିବା ପାଇଁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟଜଳ ସମସ୍ୟା, ବୈଦୁତିକ ସମସ୍ୟା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଜାଗା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କୋଠାବାଡ଼ିଗୁଡ଼ିକର ବାର୍ଷିକ ମରାମତି, ପାଚେରି ଇତ୍ୟାଦି ନିର୍ମାଣ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ରୋଗୀ କଲ୍ୟାଣ ସମିତିର ଗତ ବର୍ଷର ଅନୁଦାନ ଓ ଖର୍ଚ୍ଚ ଦାବି ଉପସ୍ଥାପିତ ତଥା ଗୃହୀତ ହୋଇଥିଲା। ସେହିଭଳି ଚଳିତ ବର୍ଷ ପାଇଁ ପ୍ରସ୍ତାବିତ ବାର୍ଷିକ ଯୋଜନା ଆଲୋଚନା ହୋଇ ଗୃହୀତ ହୋଇଥିଲା। ଏହି ବୈଠକରେ ଏବିଡିଓ ମଙ୍ଗଳ ସିଂ ହେମ୍ବ୍ରମ, ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ, ଥାନା ଅଧିକାରୀ ଯୁଜାରସିଂ, ଶିଶୁ ବିକାଶ ଅଧିକାରିଣୀ ସ୍ମିତା ମହାନ୍ତି, ରୋଗୀ କଲ୍ୟାଣ ସମିତି ମନୋନୀତ ସଭ୍ୟ ସୁଶାନ୍ତ କୁମାର ନରେନ୍ଦ୍ର, ନୀଳାଚଳ ସେବା ପ୍ରତିଷ୍ଠାନର ମୁଖ୍ୟ ସୁବାସ ଚନ୍ଦ୍ର ଗଜେନ୍ଦ୍ର, ଶ୍ରୀକାନ୍ତ ପାଟଯୋଶୀ, ସରପଞ୍ଚ ଭଗବାନ ସୁବୁଦ୍ଧି ଓ ଈଶ୍ୱର ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ।

### ■ ଟାଙ୍ଗୀ ପଞ୍ଚାୟତ ସମିତି ବୈଠକ

# ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ନିର୍ମାଣ ଉପରେ ଗୁରୁତ୍ୱାରୋପ

ଟାଙ୍ଗୀ,୨୮।୫(ସମିସ): ବୁଧବାର ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷା ରିସ୍ମା ମାନ୍ଧାତାଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ବ୍ଲକ୍ ଶିକ୍ଷାଧିକାରୀ ପଦ ଖାଲି ଥିବାରୁ ତାଙ୍କ ସ୍ଥାନରେ ଜଣେ ଅସ୍ଥାୟୀ ବ୍ଲକ୍ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ ଦାୟିତ୍ୱରେ ଥିଲେ ମଧ୍ୟ ସେ ଆସୁନଥିବା ତଥା ଚଳିତ ମାସ ଶେଷରେ ଜଣେ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଅବସର ନେଉଥିବାରୁ ଶିକ୍ଷା ବ୍ୟବସ୍ଥାରେ ଅଚଳାବସ୍ଥାକୁ ଦୃଷ୍ଟିରେ ରଖି ଜଣେ ସ୍ଥାୟୀ ବ୍ଲକ୍ ଶିକ୍ଷାଧିକାରୀ ନିଯୁକ୍ତି ପାଇଁ ଦାବି କରାଯାଇଥିଲା। କୁଞ୍ଜୁରୀ, ରାମଚନ୍ଦ୍ରପୁର, ଡିଆ, ସୁନ୍ଦରପୁର, ଓଳସିଂହ ସମେତ ବିଭିନ୍ନ ପଞ୍ଚାୟତରେ ନୂତନ ଆରଡ଼ି ରାସ୍ତା ନିର୍ମାଣ ପାଇଁ ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଦାବି କରିବା ପରେ ଏହା କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଗୃହିତ ହୋଇଥିବା ଜଣାପଡ଼ିଛି। ଡିଆ ପଞ୍ଚାୟତରେ ନୂତନ ଅଙ୍ଗନବାଡ଼ି ଗୃହ ନିର୍ମାଣ ସମ୍ପର୍କରେ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଜ୍ୟୋସ୍ନାମୟୀ ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମଡ଼କ ଯୋଗୁଁ ତଥା ଏମ୍‌ସ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମେଡିକାଲ ଚାଲୁଥିବା ଅଭିଯୋଗ ପରେ ଟାଙ୍ଗୀରେ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ଏଠାରେ ଏମ୍‌ସ ଡାକ୍ତରଖାନା କ୍ୱାର୍ଟର୍ସ ନିର୍ମାଣ ସମେତ ଆନୁସଙ୍ଗିକ କାର୍ଯ୍ୟ ନିମନ୍ତେ ସାଢ଼େ ୪କୋଟିର ପ୍ରସ୍ତାବ ବିଭାଗୀୟ କାର୍ଯ୍ୟାଳୟକୁ ପଠାଯାଇଥିବା ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଘୋଷଣା କରିଥିଲେ। ମଙ୍ଗଳାଯୋଡ଼ି ଅବବାହିକାରେ ଥିବା ନୀଳାମ୍ବୁ ଚିଲିକାକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ବିଦେଶାଗତ ପକ୍ଷୀଙ୍କର ଆଗମନ ସାଙ୍ଗକୁ ଏହାକୁ ଉପଭୋଗ କରିବାକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବାରୁ ଇକୋଟୁରିଜିମ୍ ନିମନ୍ତେ ଅର୍ଥ ମଞ୍ଜୁର ସମ୍ପର୍କରେ ପ୍ରସ୍ତାବ ଗୃହିତ ହୋଇଥିଲା। ଏହି ବୈଠକରେ ଟାଙ୍ଗୀ ବିଡିଓ ରୁମାନା ଜାଫ୍ରି, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଦୁର୍ଗାପ୍ରସାଦ ନାଥଶର୍ମା, ଜିଲ୍ଲା ପରିଷଦ ବିଜୟ ପାଲଟାସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ବିଇଓଙ୍କ ଦାୟିତ୍ୱ ଗ୍ରହଣ



ନିମାପଡ଼ା,୨୮।୫(ସମିସ): ନିମାପଡ଼ା ମଣ୍ଡଳ ଶିକ୍ଷାଧିକାରୀ ଭାବେ ସତ୍ୟବାଦୀ ବିଇଓ କୈଳାସ ଚନ୍ଦ୍ର ପାଢ଼ୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏଠାରେ ଥିବା ବିଇଓ ଦ୍ୱିତୀକାନ୍ତ ପ୍ରଧାନଙ୍କର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାବେ ପଦୋନ୍ନତି ହେବା ପରେ ଏଠାରେ ବିଇଓ ପଦ ଖାଲିପଡ଼ିଥିଲା। ନୂତନ ବିଇଓ ଯୋଗଦେବା ପର୍ଯ୍ୟନ୍ତ ଶ୍ରୀ ପାଢ଼ୀଙ୍କୁ ନିମାପଡ଼ା ବିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ଶ୍ରୀ ପାଢ଼ୀ ଯୋଗଦେବା ପରେ ଅଫିସ୍‌ର କର୍ମଚାରୀ ଓ ନିମାପଡ଼ା ଶିକ୍ଷକ ସଂଘ ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସ୍ୱାଗତ କରାଯାଇଛି।

# 'ପ୍ରତିଭା ସମ୍ବର୍ଦ୍ଧନା' କାର୍ଯ୍ୟକ୍ରମ



ପିପିଲି,୨୮।୫(ସମିସ): ବୁଧବାର ପିପିଲିସ୍ଥିତ ଜବାହର ବିଦ୍ୟାପୀଠଠାରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର ସଭାପତି ରାମଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପିପିଲି ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ପୀତବାସ ସେଠୀ ଏବଂ ସମ୍ମାନିତ ଅତିଥି ଭାବେ ଉପସଭାପତି ସଚ୍ଚିଦାନନ୍ଦ ନାୟକ ଯୋଗଦେଇ ପ୍ରତିଭା ସମ୍ବର୍ଦ୍ଧନା ଉପରେ ଗୁରୁତ୍ୱ ଦେଇଥିଲେ। ଉତ୍ତମ ପ୍ରତିଭାବାନ୍ ଛାତ୍ରଛାତ୍ରୀଙ୍କର ରାଷ୍ଟ୍ର ଏବଂ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ଅର୍ଜୁନ ଘଡ଼େଇ ସ୍ୱାଗତ ଭାଷଣ ଦେଇଥିବାବେଳେ ରଘୁନାଥ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ୍‌ରୁ ମାଟ୍ରିକ୍ ପରୀକ୍ଷାରେ ଏ-୧ ପାଇଥିବା ୨୨ ଜଣ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଏବଂ ସେମାନଙ୍କ ପ୍ରଧାନଶିକ୍ଷକଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫୁଲ୍ଲ କୁମାର କର୍ଣ୍ଣ, ସତ୍ୟାନନ୍ଦ ଦାଶ, ପ୍ରସନ୍ନ କୁମାର ଦାସ, ଲକ୍ଷ୍ମୀଧର ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ରହ୍ମେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ

ଚାରିଛକ,୨୮।୫(ସମିସ): ଚାରିଛକ ମେଡିକାଲ ଛକସ୍ଥିତ ବ୍ରହ୍ମକୁଣ୍ଡୀ ଗ୍ରାମର ବ୍ରହ୍ମେଶ୍ୱର ମହାଦେବଙ୍କ ପୀଠରେ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅପରାହ୍ଣରେ ଗ୍ରାମର ଶତାଧିକ କଳସଧାରୀ ନିକଟସ୍ଥ ପ୍ରାଚୀ ନଦୀରୁ ଜଳ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ, ଗୁରୁବାର ପ୍ରାତଃରେ ସୂର୍ଯ୍ୟପୂଜା, ଗୋ-ପୂଜା, ମଣ୍ଡଳାଦି ପୂଜା, ଅଗ୍ନିସ୍ଥାପନ ପରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। ବାବା ଶ୍ରୀଧର ଦାସ, ପୂଜକ ରସାନନ୍ଦ ଦାଶ ଯଥା ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ ଆରମ୍ଭ କରିଥିଲେ। ପୂଜାରେ ମୁଖ୍ୟ କର୍ତ୍ତାଭାବେ ବିଜୟ ବେହେରା ଏବଂ ତାଙ୍କ ଧର୍ମ ପତ୍ନୀ ପୂଜାକାର୍ଯ୍ୟରେ ଯୋଗଦେଇଥିଲେ। ଶନିବାର ପୂର୍ଣ୍ଣାହୁତି ହେବା ସହିତ ଶୀତଳ ଷଷ୍ଠୀ ଶିବ ବିବାହ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ଏଥିରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ବ୍ରହ୍ମକୁଣ୍ଡୀ ଗ୍ରାମବାସୀ ଓ ମନ୍ଦିର କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଅଧୀକ୍ଷଣ ଯନ୍ତ୍ରୀଙ୍କ ନଦୀବନ୍ଧ ଓ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସମୀକ୍ଷା

### ସଠିକ୍ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ



ଗୋପ,୨୮।୫(ସମିସ): ବୁଧବାର ପୂର୍ବାହ୍ଣରେ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରିତମ କୁମାର ପୋଥାଳ ଗୋପ ଜଳସମ୍ପଦ ବିଭାଗ ଅଧୀନରେ ଚାଲିଥିବା ନଦୀବନ୍ଧ ସୁଦୃଢ଼ୀକରଣ ଓ ଗୋପ-କୁଶୁପୁର କେନାଲ ବନ୍ଧ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ବୁଲି ଦେଖିଛନ୍ତି। ଏଷ୍ଟିମେଟ୍ ଅନୁଯାୟୀ ସଠିକ୍ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ଗୋପ ଜଳସମ୍ପଦ ବିଭାଗ ଅଧୀନରେ ଥିବା ଷୋଳପୁରଠାରୁ ମଦରଙ୍ଗ ପର୍ଯ୍ୟନ୍ତ ନଦୀବନ୍ଧ ରହିଥିବାବେଳେ ତିନିମୁହାଣୀ ନିକଟରେ ୧୦୦ ମିଟରରୁ ଊର୍ଦ୍ଧ୍ୱ ନଦୀବନ୍ଧ ବିଭିନ୍ନ ସମୟରେ ଦବୁଥିବା ଯୋଗୁଁ ଏହାର ସ୍ଥାୟୀ ପ୍ରତିକାର ଲାଗି ଦାବି ହୋଇ ଆସୁଥିଲା। ପରେ ଜଳସମ୍ପଦ ବିଭାଗ ପକ୍ଷରୁ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇ ଏହି କାର୍ଯ୍ୟ କରାଯାଇଥିବାବେଳେ ଏବେ ଟପ୍ ୱାଲ୍ କାର୍ଯ୍ୟ ଚାଲିଛି। ମାତ୍ର ଏଥିରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିବାବେଳେ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି କାର୍ଯ୍ୟ ବୁଲି ଦେଖିଛନ୍ତି। ସେହିପରି ବିଭିନ୍ନ ସମୟରେ ଗୋପ ବଜାରରେ ଟ୍ରାଫିକ୍ ଜାମ୍ ହେଉଥିବା ଓ ଏହାର ସ୍ଥାୟୀ ସମାଧାନ ଲାଗି ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବି ହେବା ପରେ ଜନସାଧାରଣଙ୍କ ହିତକୁ ଆଖି ଆଗରେ ରଖି ବାଇପାସ୍ ରାସ୍ତା ନିର୍ମାଣ ଲାଗି କାର୍ଯ୍ୟ ହାତକୁ ନିଆଯାଇଥିଲା। ଜଳସମ୍ପଦ ବିଭାଗ ପକ୍ଷରୁ ଗୋପ ବ୍ରାଞ୍ଚ୍ କେନାଲର ବାମପାଶ୍ୱର୍ ନଦୀବନ୍ଧ ସମ୍ପ୍ରସାରଣ କରାଯିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ପାଖାପାଖି ୮ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ତହସିଲ୍ ଛକଠାରୁ ଏହି ରାସ୍ତା ବାହାରି କୁଶୁପୁର ନିକଟରେ ପହଞ୍ଚିବା ଲାଗି କାର୍ଯ୍ୟ ଜାରି ରହିଥିବାବେଳେ ଏହି ରାସ୍ତା କାର୍ଯ୍ୟକୁ ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ପୋଥାଳ ବୁଲି ଦେଖିବା ସହ ସଠିକ୍ ଭାବେ କାର୍ଯ୍ୟ ହେଉଥିବା ଓ କିଛି ସ୍ଥାନରେ ତ୍ରୁଟି ଥିବା ଦେଖିବାକୁ ପାଇଥିଲେ। ତେବେ ତୁରନ୍ତ ତ୍ରୁଟି ସଂଶୋଧନ କରିବା ସହ ଏଷ୍ଟିମେଟ୍ ଅନୁଯାୟୀ କାର୍ଯ୍ୟ କରିବାକୁ ଯନ୍ତ୍ରୀ ମହେଶ୍ୱର ବେହେରାଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ସହକାରୀ ଯନ୍ତ୍ରୀ ସଞ୍ଜିବ ନାରାୟଣ ସାହୁ, ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣା ଘଟାଇ ଫେରାର୍ ଥିବା ଗାଡ଼ି ଚାଳକ ଗିରଫ

ଚାରିଛକ,୨୮।୫(ସମିସ): ନିମାପଡ଼ା-କାକଟପୁର ରାସ୍ତାର ତୁଳସୀପୁର ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଗତ ୨ ତାରିଖ ଦିନ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଚାରିଛକ ଥାନା ଅନ୍ତର୍ଗତ କାଞ୍ଜିଗରପାଟଣା ଗ୍ରାମର କୈଳାଶ ଚନ୍ଦ୍ର ସାହୁଙ୍କ ପତ୍ନୀ ହୀରାମଣୀ ସାହୁ (୭୦) ତୁଳସୀପୁର ବଜାରରୁ ସଉଦା କିଣି ଘରକୁ ଫେରୁଥିବା ସମୟରେ ତୁଳସୀପୁର ସ୍କୁଲ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେବା ଫଳରେ ସେ ରାସ୍ତାରେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହେବା ଫଳରେ ଘଟଣାସ୍ଥଳରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ପୁଅ ପ୍ରଦିପ୍ତ କୁମାର ସାହୁଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ କରି ସିସିଟିଭି ଆଧାରରେ ଘଟଣାର ତଦନ୍ତ ଚାଲୁ ରଖିଥିଲା। ମଙ୍ଗଳବାର କୌଣସି ସୂତ୍ରରୁ ଖବର ପାଇ ଥାନା ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଏକ ଟିମ୍ ଫୁଲନଖରାଠାରୁ ଦୁର୍ଘଟଣା ଘଟାଇ ଫେରାର୍ ଥିବା ଗାଡ଼ି ଜବତ କରିବା ସହ ଚାଳକ ଗଞ୍ଜାମ ଅଞ୍ଚଳର କାର୍ତ୍ତିକ ନାୟକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଅବହେଳିତ ଅବସ୍ଥାରେ ନୟାହାଟ ଫାଣ୍ଡି

- ଭ୍ୟାନ୍ ତ ଦୂରର କଥା ବାଇକ୍‌ଟିଏ ବି ନାହିଁ
- ଆବଶ୍ୟକୀୟ କର୍ମଚାରୀ ଓ ବାସଗୃହ ନାହିଁ

ନୟାହାଟ,୨୮।୫(ସମିସ): ପୁରୀ ଜିଲ୍ଲା ଗୋପ ଥାନା ଅଧୀନରେ ଥିବା ନୟାହାଟ ଫାଣ୍ଡିକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସବୁରି କ୍ଷେତ୍ରରେ ଅଣଦେଖା କରୁଥିବା ନୟାହାଟର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ବିଭିନ୍ନ ଅପରାଧୀଙ୍କୁ ଗୋଡ଼େଇ ଧରିବା ପାଇଁ ନୟାହାଟ ଫାଣ୍ଡିରେ ଭ୍ୟାନ୍ ତ ଦୂରର କଥା ବାଇକ୍‌ଟିଏ ମଧ୍ୟ ନାହିଁ। ଗ୍ରାମାଞ୍ଚଳରେ ଘଟୁଥିବା ଛୋଟ ବଡ଼ ଘଟଣାରେ ଜଡ଼ିତ ଥିବା ଏତଲାକାରୀମାନଙ୍କୁ ଫାଣ୍ଡିକୁ ଡାକିବା ଓ ଘଟଣାର ତଦନ୍ତ ପାଇଁ ପୁଲିସକୁ ଅଟୋ ଭଡ଼ା କରି ଯିବାକୁ ପଡୁଛି। ନୟାହାଟ ଫାଣ୍ଡିରେ ଆବଶ୍ୟକ କର୍ମଚାରୀ ଓ ଅଫିସର ନ ଥିବାବେଳେ ଭ୍ୟାନ୍‌ଟି ମଧ୍ୟ ନାହିଁ। ଫାଣ୍ଡିକୁ ଜଣେ ଦକ୍ଷ ସବ୍‌ଇନ୍ସପେକ୍ଟର ଦରକାର ଥିବାବେଳେ ଏନେଇ ପୁରୀ ଏସ୍‌ପିଙ୍କ ନିକଟରେ ନୟାହାଟ ମଣ୍ଡଳ ସଭାପତି ରକ୍ତ ପୋଳ ନାୟକ, କେଦାର ସାହୁ, ଅନନ୍ତ ସାହୁ, ସାମ୍ବାଦିକ ରଶ୍ମି ରଞ୍ଜନ ସାହୁ ଏସ୍‌ପି ବିନୀତ୍ ଅଗ୍ରୱାଲଙ୍କୁ ପୁରୀରେ ଭେଟିଥିଲେ। ଖୁବ୍‌ଶୀଘ୍ର ଫାଣ୍ଡିକୁ ଭ୍ୟାନ୍ ଓ କର୍ମଚାରୀ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତିକୁ ଦୁଇମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଫାଣ୍ଡିକୁ ଗାଡ଼ି ଓ ସବ୍‌ଇନ୍ସପେକ୍ଟର ଯୋଗାଇ ପାରିଲେନି। ନୟାହାଟ ଅଞ୍ଚଳରେ ୬ଟି ପଞ୍ଚାୟତର ୭୫ଟି ଗ୍ରାମ ଥିବାବେଳେ ଏଠାରେ ଜଣେ ଫାଣ୍ଡି ଅଧିକାରୀ ଫାଣ୍ଡି ଚଳାଇବା ଓ ଲୋକଙ୍କୁ ନ୍ୟାୟ ଦେବାରେ କଷ୍ଟକର ହୋଇପଡ଼ିଛି। ୬ ଜଣ କନେଷ୍ଟବଳ ପରିବର୍ତ୍ତେ ୫ଜଣ ଥିବାବେଳେ ଜଣେ ଦୀର୍ଘ ଦିନ ହେଲା ସ୍ୱାସ୍ଥ୍ୟଗତ କାରଣରୁ ଛୁଟିରେ ଅଛନ୍ତି। ଫାଣ୍ଡି ମଧ୍ୟରେ ଆବଶ୍ୟକ ଜାଗା ଥିଲେ ମଧ୍ୟ କର୍ମଚାରୀମାନଙ୍କ ପାଇଁ ବାସଗୃହ ନାହିଁ। ଏ ଦିଗରେ ପୁଲିସ ବିଭାଗର ଉଚ୍ଚକର୍ତ୍ତୃପକ୍ଷ ଓ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେଇ ଆବଶ୍ୟକ ସମସ୍ୟା ପୂରଣ ପାଇଁ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ ବିଟି, କୃଷ୍ଣ ଚନ୍ଦ୍ର ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି।

# ୮ ଲକ୍ଷର ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ନିମାପଡ଼ା,୨୮।୫(ସମିସ): ନିମାପଡ଼ା ଥାନା ଅଧୀନ ପାଟପୁର ତ୍ରିନାଥ ମନ୍ଦିର ସାମ୍ନାରୁ ବିପ୍ଳବ ନାୟକ ନାମକ ଜଣେ ଯୁବକକୁ ଗିରଫ କରିବା ସହ ତାଙ୍କ ନିକଟରୁ ୮୦ ଗ୍ରାମ୍ ବ୍ରାଉନ୍‌ସୁଗର୍ ଜବତ କରିଛି ନିମାପଡ଼ା ପୁଲିସ। ଏନେଇ ନିମାପଡ଼ା ଅବକାରୀ ଥାନା ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ନିମାପଡ଼ା ଉପ କାରାଗାରକୁ ପଠାଯାଇଛି। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ପ୍ରାୟ ୮ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ଉରେ ଅବକାରୀ ବିଭାଗ ଏଏସ୍‌ଆଇ ସନ୍ତୋଷ କୁମାର ମହାରଣା, ତପନ ପ୍ରଧାନ, ଶେଖ୍ ୱାରିସ, ସବିତା ସାହୁ ପ୍ରମୁଖ ସାମିଲ ଥିଲେ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଭେଣ୍ଡିଂ ଜୋନ୍ ଆବଣ୍ଟନ



ନିମାପଡ଼ା,୨୮।୫(ସମିସ): ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ନିମାପଡ଼ାରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ଏନ୍‌ଏସିରେ ଭେଣ୍ଡିଂଜୋନ୍ ଆବଣ୍ଟନ ହେବା ସହିତ ଲୋକମାତା ଅହଲ୍ୟା ବାଈଙ୍କ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ଇନ୍‌ଡୋର ଷ୍ଟାଡିୟମ୍‌ରେ ଅହଲ୍ୟା ବାଈଙ୍କ ୩୦୦ତମ ଜୟନ୍ତୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଯୋଗଦେଇ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ବ୍ଲକ୍ ଅନ୍ତର୍ଗତ ତେରୁଣ୍ଡିଆ ପଞ୍ଚାୟତ ଧିରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୮ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟରେ ଅତିରିକ୍ତ ଶ୍ରେଣୀଗୃହର ଶିଳାନ୍ୟାସ, ଅରିଷଣ୍ଡ ସିପିସି ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୮ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟରେ ଅତିରିକ୍ତ ଶ୍ରେଣୀଗୃହର ଶିଳାନ୍ୟାସ, ୪ କୋଟି ୮୨ ଲକ୍ଷ ଟଙ୍କା ବ୍ୟୟରେ ଜଳସମ୍ପଦ ବିଭାଗ ପକ୍ଷରୁ ନିମାପଡ଼ା ଜୟଗୁରୁ ଆଶ୍ରମଠାରୁ ଅମଲାପଡ଼ା ଛକ ପର୍ଯ୍ୟନ୍ତ କଂକ୍ରିଟ ନାଳ ନିର୍ମାଣର ଶିଳାନ୍ୟାସ କରାଯାଇଛି। ସେହିପରି ନିମାପଡ଼ା ଏନ୍‌ଏସିରେ ନିର୍ମିତ ଭେଣ୍ଡିଂଜୋନ୍‌ଗୁଡ଼ିକ ବ୍ୟବସାୟୀଙ୍କୁ ବଣ୍ଟନ କରାଯିବା ସହିତ ୧୨ ବଖରା ମାର୍କେଟ୍ କମ୍ପ୍ଲେକ୍ସ ଗୃହର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, କାଉନ୍‌ସିଲର ଧନୁର୍ଦ୍ଧର ଦାସ, କାଉନସିଲର ନିରଞ୍ଜନ ନାୟକ, ପୂର୍ବତନ କାଉନ୍‌ସିଲର ବ୍ରଜେନ୍ଦ୍ର ପ୍ରଧାନ, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ସରପଞ୍ଚ ନିରୂପମା ପ୍ରଧାନ, ସମିତିସଭ୍ୟା ତିଳୋତ୍ତମା ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତନୁପ୍ରଭା ବେହେରା, ସିଡିପିଓ ମାଧବୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୫ଟି ନୂଆ ରାଜସ୍ୱ ଗାଁ ପାଇଁ ଜନଶୁଣାଣି

ନିମାପଡ଼ା,୨୮।୫(ସମିସ): ନିମାପଡ଼ା ତହସିଲ୍ ଅଧୀନରେ ଥିବା ଯେଉଁ ସବୁ ପଡ଼ା ଗ୍ରାମର ଜନସଂଖ୍ୟା ୩୦୦ରୁ ଅଧିକ ଓ ରାଜସ୍ୱ ଗ୍ରାମଠାରୁ ୫ଶହ ମିଟରରୁ ଅଧିକ ଦୂରତା ହୋଇଥିବା ସହିତ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଅନ୍ୟାନ୍ୟ ମାନଦଣ୍ଡ ପରିସରଭୁକ୍ତ ହୋଇଥିବ ତେବେ ସେହି ଗ୍ରାମକୁ ରାଜସ୍ୱ ବିଭାଗ ପକ୍ଷରୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯିବ ବୋଲି ସରକାର ନୀତି ନିର୍ଦ୍ଧାରଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ୨୦୧୮ରୁ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ନିମାପଡ଼ା ତହସିଲ୍‌ଦାରଙ୍କ ନିକଟରେ ଅନେକ ପଡ଼ା ଗ୍ରାମ ପକ୍ଷରୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇବା ପାଇଁ ଲିଖିତ ଅଭିଯୋଗ ଫର୍ଦ୍ଦ ଦାଖଲ କରାଯାଇଛି। ତଦନୁଯାୟୀ, ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନହନ୍ତରା, ଉଛୁପୁର, ବଳଙ୍ଗା, ଖେଲାର, ମଣିଜଙ୍ଗ ଓ ଭିଲିଦେଉଳି ଆଦି ରାଜସ୍ୱ ସର୍କଲ ଅଧୀନରେ ଥିବା ୨୫ଟି ନୂଆ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ତହସିଲ୍‌ଦାର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲ୍‌ଦାର, ଆର୍‌ଆଇ, ସୁପରଭାଇଜରଙ୍କ ସମେତ ଗ୍ରାମବାସୀଙ୍କ ଉପସ୍ଥିତିରେ ଭିନ୍ନ ଭିନ୍ନ ସ୍ଥାନରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା।

# ସରୁନି ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ

### ଛାତ୍ରଛାତ୍ରୀ ବସିବାକୁ ହନ୍ତସନ୍ତ; ଅଭିଯୋଗ ଆଣିଲେ ଅଭିଭାବକ




ଡେଲାଙ୍ଗ,୨୮।୫(ସମିସ): ଡେଲାଙ୍ଗ ବ୍ଲକ୍‌ର ରେଞ୍ଚ ଗ୍ରାମ ପଞ୍ଚାୟତ ଅଧୀନ ପ୍ରହରାଜପୁରସ୍ଥିତ ବାନାମ୍ବର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ କରାଯାଉଥିବା ଅତିରିକ୍ତ ଶ୍ରେଣୀଗୃହର ନିର୍ମାଣ କାର୍ଯ୍ୟ ସରିପାରୁନି। ଫଳରେ ପିଲାମାନେ ବସିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଭାବକମାନେ ପ୍ରଧାନଶିକ୍ଷକଙ୍କୁ ଫେରାଦ ଦେବା ସହିତ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ପୂର୍ବରୁ ବିଦ୍ୟାଳୟଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବା ସମୟରେ ୧ମ ରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ୭ଟି ଶ୍ରେଣୀଗୃହରେ ପାଠ ପଢୁଥିଲେ। ପାଖାପାଖି ଅଞ୍ଚଳରେ ଉଚ୍ଚ ବିଦ୍ୟାଳୟ ନ ଥିବାରୁ ଏହି ବିଦ୍ୟାଳୟଟିକୁ ଉଚ୍ଚ ବିଦ୍ୟାଳୟରେ ପରିଣତ କରାଯିବା ପରେ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଆଉ ଗୋଟିଏ ଶ୍ରେଣୀଗୃହ ନିର୍ମାଣ କରାଯାଇଥିଲା। ହେଲେ ପିଲାଙ୍କ ସଂଖ୍ୟା ବଢ଼ିବାରୁ ୮ଟି ଶ୍ରେଣୀଗୃହରେ ୧୦ଟି ଶ୍ରେଣୀର ପିଲା ପାଠ ପଢ଼ିବାକୁ ଅସୁବିଧା ହେବାରୁ ବିଦ୍ୟାଳୟ ପରିଚାଳନା କମିଟି ସହିତ ଶିକ୍ଷକମାନଙ୍କ ଉଦ୍ୟମରେ ବିଦ୍ୟାଳୟ ପରିସରରେ ଆଉ ଗୋଟିଏ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କରାଯିବା ନିମନ୍ତେ ଡେଲାଙ୍ଗ ବ୍ଲକ୍ ପ୍ରଶାସନ ପକ୍ଷରୁ ଟେଣ୍ଡର ଡକାଯାଇଥିଲା। ଟେଣ୍ଡର ମୁତାବକ କାର୍ଯ୍ୟ ସମାପ୍ତିର ଅବଧି ଗତ ବର୍ଷ ଡିସେମ୍ବର ୩୧ ତାରିଖ ମଧ୍ୟରେ ରହିଥିଲା। ହେଲେ ଏଥି ମଧ୍ୟରେ ୫ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଶ୍ରେଣୀଗୃହ କାର୍ଯ୍ୟ ସମାପ୍ତ ହୋଇନାହିଁ। ପିଲାମାନେ ପାଠ ପଢ଼ିବା ନିମନ୍ତେ ହଇରାଣ ହରକତ ହେଉଥିବା ନେଇ ଅଭିଭାବକ କାହ୍ନୁଚରଣ ପ୍ରଧାନ, ପଞ୍ଚାନନ ପ୍ରଧାନ, କୃଷ୍ଣଚନ୍ଦ୍ର ମହାପାତ୍ର, ରବିନ୍ଦ୍ର ମହାପାତ୍ର, ଚନ୍ଦନ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ କାର୍ଯ୍ୟର ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀ ଲୋପାମୁଦ୍ରା ପତିଙ୍କୁ ପଚାରିବାରେ ପିଲାମାନେ ବସିବା ପାଇଁ ହଇରାଣ ହେଉଥିବା କଥା ମୁଁ ଜାଣିଛି, ଏ ସମ୍ପର୍କରେ ଠିକଦାରଙ୍କ ସହିତ ମୁଁ ବାରମ୍ବାର ଆଲୋଚନା କରିବା ସହିତ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ତାଗିଦ୍ କରିଛି। ମାସେ ମଧ୍ୟରେ ଠିକାଦାର କାର୍ଯ୍ୟ ସମାପ୍ତ କରି ବିଦ୍ୟାଳୟକୁ ହସ୍ତାନ୍ତର କରିବେ ବୋଲି କନିଷ୍ଠ ଯନ୍ତ୍ରୀ ଶ୍ରୀମତୀ ପତି ସୂଚନା ଦେଇଛନ୍ତି।

୨୮/୫/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୮୦,୪୩୬/- ସୁନା: ୦୭.୬୦୦ ଗ୍ରାମ୍ ରୁପା: ୭୦.୯୦୦ ଗ୍ରାମ୍





# ଡକାୟତି ଯୋଜନା ବେଳେ ମାଡ଼ିବସିଲା ପୁଲିସ

## ୫ ଗିରଫ, ମାରଣାସ୍ତ୍ର ଜବତ

**ପୁରୀ,୨୮।୫(ସମିସ):** ବାସେଳିସାହି ଥାନା ପୁଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। ୫ ଜଣ ଯୁବକ ଏକ ନିଛାଟିଆ ସ୍ଥାନରେ ବସି ଡକାୟତି ଯୋଜନା କରୁଥିବାବେଳେ ଅଚାନକ ପୁଲିସ ସେଠାରେ ଚଢ଼ଉ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା କଣ୍ଡପୁରର ତପନ ପ୍ରଧାନ, ବାସେଳିସାହି ଜଗନ୍ନାଥ ବସ୍ତିରେ ରହୁଥିବା ଚନ୍ଦନପୁର ଖଣ୍ଡିଘରର ଦିବାକର ସ୍ୱାଇଁ, କୁମ୍ଭାରପଡ଼ା ଥାନା ବାଲିଉପର ସଞ୍ଜୟଜୀ କଲୋନୀର ସୋନୁ ନାୟକ, ବାସେଳିସାହି ଥାନା ଗୋଖାସାହିର ବାବୁନ ଭୋଇ ଓ ବଳିଆପଣ୍ଡା ଫାଦର ସ୍କୁଲ ନିକଟର ପ୍ରଶାନ୍ତ ବଳବନ୍ତରାୟ। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ମଙ୍ଗଳବାର ରାତିରେ ଶାହ କଲେଜ ନିକଟ ଏକ ନିଛାଟିଆ ଜାଗାରେ ବସି ଡକାୟତି ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇବା ପରେ ପୁଲିସ ସେଠାରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ସେମାନେ ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଫଳରେ ପୁଲିସ ୫ ଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ୩ଟି ଖଣ୍ଡା, ଗୋଟିଏ ଲୁହାରଡ୍, ଗୋଟିଏ ଛୁରୀ, ଗୋଟିଏ ଲଙ୍କାଗୁଣ୍ଡ ପ୍ୟାକେଟ୍, ୩ଟି ଖାଲି ବିୟର ବୋତଲ ଏବଂ ଗୋଟିଏ ଦିଆସିଲି ପ୍ୟାକେଟ୍ ଜବତ କରାଯାଇଛି। ଏ ନେଇ ପୁଲିସ ଏକ ମାମଲା (ନଂ. ୧୦୪/୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲଣ କରିଛି।

# ଟ୍ରେନ୍‌ରେ ମୋବାଇଲ ଚୋରି କରି ଗିରଫ

**ପୁରୀ,୨୮।୫(ସମିସ):** ଟ୍ରେନ୍‌ରେ ଯାତ୍ରୀଙ୍କ ମୋବାଇଲ୍ ଚୋରି କରିବା ଅଭିଯୋଗରେ ଜିଆର୍‌ପି ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରାୟଗଡ଼ା ଜିଲ୍ଲା ଜେକେପୁରର ନରସିଂହ ଦୀପ (୪୦)। ପୁରୀ ଜିଆର୍‌ପି ଥାନା ସୂଚନା ଅନୁଯାୟୀ, ମଙ୍ଗଳବାର ଜଗତସିଂହପୁର କୁଜଙ୍ଗର ବିଶ୍ୱଜିତ୍ ପରିଡ଼ା ରାଉରକେଲା-ପୁରୀ ପାସେଞ୍ଜର ଟ୍ରେନ୍‌ରେ ଯାତ୍ରା କରୁଥିଲେ। ଭୋର୍ ପ୍ରାୟ ସାଢ଼େ ୫ଟା ସମୟରେ ମୋଟରୀ ଷ୍ଟେସନ ନିକଟରେ ବିଶ୍ୱଜିତ୍‌ଙ୍କ ମୋବାଇଲ୍ ଚୋରି କରିଥିଲେ ନରସିଂହ। ଏହା ଜାଣିପାରି ବିଶ୍ୱଜିତ ଏବଂ ଅନ୍ୟମାନେ ତାଙ୍କୁ କାବୁ କରି ଭୁବନେଶ୍ୱର ଜିଆର୍‌ପି ପୁଲିସକୁ ହସ୍ତାନ୍ତର କରିଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ଭୁବନେଶ୍ୱର ଜିଆର୍‌ପି ଅଭିଯୁକ୍ତଙ୍କୁ ପୁରୀ ଜିଆର୍‌ପି ଥାନା ଜିମା ଦେଇଥିଲେ। ପୁରୀ ଜିଆର୍‌ପି ପୁଲିସ ଏକ ମାମଲା (ନଂ.୪୪/୨୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେ ଜେଲ୍ ଯାଇଛି।







ଅସ୍ତଗାମୀ ସୂର୍ଯ୍ୟଙ୍କ ରକ୍ତିମ ଆଭାରେ ରଙ୍ଗାୟିତ ବାଦଲ (ଫଟୋ: ଅନୀଲ)

# ଜିଲ୍ଲାରେ ୨୩୦ ମିଲିମିଟର ବର୍ଷା ରେକର୍ଡ


**କାକଟପୁରରେ ସର୍ବାଧିକ ୫୭ ମିଲିମିଟର ବର୍ଷା**

**ପୁରୀ,୨୮।୫(ସମିସ):** ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ପ୍ରଭାବରେ ବୁଧବାର ସକାଳୁ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ମଝିରେ ମଝିରେ ବନ୍ଦ ହେବା ପରେ ପୁଣି ବର୍ଷୁଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ମୋଟ ୨୩୦ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଥିବା ବେଳେ ହାରାହାରି ବର୍ଷାର ପରିମାଣ ରହିଛି ୧୯/୧୭ ମିଲିମିଟର। କାକଟପୁର ବ୍ଲକ୍‌ରେ ସର୍ବାଧିକ ୫୭ ମିଲିମିଟର ବର୍ଷା ହୋଇଥିବା ବେଳେ ଅସ୍ତରଙ୍ଗ ବ୍ଲକ୍‌ରେ ୧୬, ବ୍ରହ୍ମଗିରିରେ ୧୨, ଡେଲାଙ୍ଗରେ ୪, ଗୋପରେ ୩୮, କଣାସରେ ୨, କୃଷ୍ଣପ୍ରସାଦରେ ୭, ନିମାପଡ଼ାରେ ୧୫, ପିପିଲିରେ ୭, ପୁରୀରେ ୩୫, ସତ୍ୟବାଦୀ ବ୍ଲକ୍‌ରେ ୯ ମିଲିମିଟର ବର୍ଷା ହୋଇଛି। ସେହିପରି କୋଣାର୍କ ଏନ୍‌ଏସିରେ ୨୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା ଜିଲ୍ଲା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ନାନଯାତ୍ରା ଓ ରଥଯାତ୍ରା ଶୃଙ୍ଖଳା ଉପରେ ଦୃଷ୍ଟି

# ପହଣ୍ଡିରେ ରହିବେ ଅଧୀକୃତ ସେବକ

**ପୁରୀ,୨୮।୫(ସମିସ):** ଗତବର୍ଷ ରଥଯାତ୍ରରେ ହୋଇଥିଲା ବଡ଼ ବିଶୃଙ୍ଖଳା। ଆଡ଼ପ ପହଣ୍ଡିବେଳେ ବଡ଼ ଠାକୁର ବଳଭଦ୍ର ଚାରମାଳ ଉପରେ ପଡ଼ି ଯାଇଥିଲେ। ତେଣୁ ଚଳିତବର୍ଷ ଯେପରି କୌଣସି ପ୍ରକାର ତ୍ରୁଟି ଓ ବିଶୃଙ୍ଖଳା ନ ହେବ ତା' ଉପରେ ଫୋକସ୍ ରଖିଛି ପ୍ରଶାସନ। ବିଶେଷକରି ସ୍ନାନଯାତ୍ରା ଓ ରଥଯାତ୍ରା ପହଣ୍ଡି ଶୃଙ୍ଖଳକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଗତ କିଛିଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ, ପହଣ୍ଡି ପାଇଁ ସ୍ୱତନ୍ତ୍ର ଦଳ ନିର୍ଦ୍ଧାରଣ ହେବ। କେତେଜଣ ଶ୍ରୀବିଗ୍ରହଙ୍କୁ ପହଣ୍ଡି କରାଇବେ ତାହା ବି ସ୍ଥିରୀକୃତ ହେବ। ସେଥିପାଇଁ ବୁଧବାର ପହଣ୍ଡିରେ ନିୟୋଜିତ ହେବାକୁ ଥିବା ସେବକ ନିଯୋଗର ମୁଖିଆମାନଙ୍କୁ ଡାକି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଲୋଚନା କରିଛନ୍ତି। ପହଣ୍ଡିବେଳେ ଶ୍ରୀମନ୍ଦିର ସ୍ୱତ୍ୱଲିପି ମୁତାବକ, ଅଧୀକୃତ ସେବକଙ୍କ ବ୍ୟତିରେକ କେହି ରହିବେ ନାହିଁ। ସ୍ୱତ୍ୱଲିପି ମୁତାବକ ଦଇତାପତିମାନେ ପହଣ୍ଡି କରାଇବେ। ସିଂହାରୀ ଓ ପୂଜାପଣ୍ଡା ଦଉଡ଼ି ଧରିବେ। ସୁଆର ମହାସୁଆର ପଛ ପାଶ୍ୱର୍ରେ ରହିବେ। ପ୍ରତିହାରୀ ସେବକମାନେ କଡ଼େକଡ଼େ ରହିବେ। ଗୁରୁ ଗୋସେଇଁ ଦଉଡ଼ିର ଶେଷ ଅଂଶ ଧରିବେ ବୋଲି ଆଲୋଚନାରେ ଅଂଶଗ୍ରହଣ କରିଥିବା ଜଣେ ସେବକ କହିଛନ୍ତି। ଶ୍ରୀଅଙ୍ଗରେ ଯେପରି ସାମାନ୍ୟତମ ଆଘାତ ନ ପହଞ୍ଚେ ସେନେଇ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। କେତେଜଣ ସେବକ ରହିବେ ସଂଖ୍ୟା ନିର୍ଦ୍ଧାରିତ ହୋଇନଥିଲେ ହେଁ ଏ ସମ୍ପର୍କରେ ବିଚାର ବିମର୍ଶ ହୋଇଛି। ପରବର୍ତ୍ତୀ ସମୟରେ ଅଭିଜ୍ଞ ଓ ବରିଷ୍ଠ ସେବକମାନଙ୍କ ସହ ଆଲୋଚନା ପରେ ସଂଖ୍ୟା ନିରୂପଣ କରାଯିବ। ତେବେ ସୀମିତ ସଂଖ୍ୟାରେ ସେବକ ହିଁ କେବଳ ପହଣ୍ଡିରେ ସାମିଲ ହେବେ ବୋଲି ଚେତେଇ ଦିଆଯାଇଛି। ଯେଉଁମାନେ ଅଧୀକୃତ ସେବକ ଭାବେ ପହଣ୍ଡି ଦାୟିତ୍ୱରେ ରହିବେ ସେମାନଙ୍କୁ ସ୍ୱତନ୍ତ୍ର ପରିଚୟ ପତ୍ର ଦିଆଯିବ।



ଶ୍ରୀମନ୍ଦିର ଭିତରେ ବର୍ଷାପାଣି

# ଅବହେଳିତ ସିଦ୍ଧମହାବୀର ମନ୍ଦିର

## ପୁଷ୍କରିଣୀ ଅବସ୍ଥା ବିପର୍ଯ୍ୟସ୍ତ; ଦେବୋତ୍ତର ଆୟୁକ୍ତଙ୍କୁ ଆପ୍‌ର ଅଭିଯୋଗ

**ପୁରୀ,୨୮।୫(ସମିସ):** ଶ୍ରୀକ୍ଷେତ୍ରର ଅନ୍ୟତମ ପ୍ରମୁଖ ତୀର୍ଥକ୍ଷେତ୍ର ହେଉଛି ସିଦ୍ଧମହାବୀର ମନ୍ଦିର। ଏହାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। କେବଳ ପୁରୀ ଜିଲ୍ଲା ନୁହେଁ ବାହାରୁ ମଧ୍ୟ ଶ୍ରଦ୍ଧାଳୁ ଏଠାକୁ ଆସିଥା'ନ୍ତି। ସେହିପରି ମନ୍ଦିର ସଂଲଗ୍ନ ଏକ ପୁଷ୍କରିଣୀ ରହିଛି। ହେଲେ ଏହି ମନ୍ଦିର ଏବଂ ପୁଷ୍କରିଣୀର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉନାହିଁ। ମନ୍ଦିର ଟ୍ରଷ୍ଟବୋର୍ଡ ଏକପ୍ରକାର ଅକାମୀ ହୋଇପଡ଼ିଛି। ମନ୍ଦିର ଆୟବ୍ୟୟର ଅଡିଟ୍ ହେଉନାହିଁ। ତେଣୁ ଦୁର୍ନୀତିର ଗନ୍ଧ ବାରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଏ ନେଇ ଦେବୋତ୍ତର ଆୟୋଗଙ୍କୁ ଅଭିଯୋଗ କରିଛି ଆପ୍।

ଆପ୍ ପକ୍ଷରୁ କୁହାଯାଇଛି, ମନ୍ଦିର ମାଲିକାନାରେ କେତେ ଜମି ଅଛି?



ସେଥିରୁ କେତେ ରାଜସ୍ୱ ଆଦାୟ ହେଉଛି ଏ ସମ୍ପର୍କରେ କେହି ଜାଣିପାରୁ ନାହାନ୍ତି। ଏହାର କୌଣସି ହିସାବ ରହୁନାହିଁ। ସିଦ୍ଧ ମହାବୀରଙ୍କ ଜମି ବେଆଇନ ଭାବେ ବିକ୍ରି ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ସେହିପରି ଦୀପ ଦୋକାନ ଓ ଜୋତାଷ୍ଟାଣ୍ଡ ନିଲାମ ଦିଆଯାଇଛି। ଦୀପ ଦୋକାନ ୮ ଲକ୍ଷ ଏବଂ ଦୀପ ଘର ମାସକୁ ୫ ହଜାର ଟଙ୍କା ଭଡ଼ା ଦିଆଯାଇଛି। ଏହି ହିସାବରେ ବର୍ଷକୁ ୮ ଲକ୍ଷ ୬୦ ହଜାର ଆୟ ହେବା କଥା। ହେଲେ ମନ୍ଦିର ଖାତାକୁ କେତେ ଆସୁଛି ତାହା ଜଣାପଡୁ ନାହିଁ। ଏତଦ୍‌ବ୍ୟତୀତ ବିବାହ, ବ୍ରତଘର ଆଦି ଶୁଭ କାର୍ଯ୍ୟରେ ବର୍ଷକୁ ପ୍ରାୟ ୧୨ ଲକ୍ଷ ଟଙ୍କା ଆସୁଥିବା ସମ୍ଭାବନା ରହିଛି। ଏତେ ଟଙ୍କା ଆସିବା ପରେ ମଧ୍ୟ ମନ୍ଦିରର କାହିଁକି ଉନ୍ନତି ହେଉନାହିଁ ବୋଲି ପ୍ରଶ୍ନ କରିଛି ଆପ୍। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, 'ମୁକ୍ତା' ଯୋଜନାରେ ପୂର୍ବ ସରକାର ୭୧ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ ମଧ୍ୟ କେବଳ ୧୪ ଲକ୍ଷ ଖର୍ଚ୍ଚରେ ମନ୍ଦିର ପଛ ପାଚେରି ନିର୍ମାଣ ହୋଇଛି। ଅନ୍ୟ କୌଣସି କାର୍ଯ୍ୟ ହୋଇପାରିନି। ୨୦୧୯ ଜୁଲାଇ ୨୨ରେ ମନ୍ଦିର ହୁଣ୍ଡି ଚୋରି ହୋଇଥିଲା। ୩ ବର୍ଷର ଦାନ ଟଙ୍କା ସେଥିରେ ପଡ଼ିଥିଲା। ହେଲେ ଚୋର ଧରାପଡ଼ିବା ପରେ ତା'ଠାରୁ ମାତ୍ର ୩୦ ହଜାର ଟଙ୍କା ଆଦାୟ ହୋଇଥିଲା। ଏତେ ବଡ଼ ଘଟଣା ପରେ କୌଣସି ପଦକ୍ଷେପ ନିଆ ନ ଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି ଆପ୍ କହିଛି।

ସେହିପରି ମନ୍ଦିର ସଂଲଗ୍ନ ପୋଖରୀର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହାର ପାଣି ସମ୍ପୂର୍ଣ୍ଣ ପ୍ରଦୂଷିତ ହୋଇପଡ଼ିଛି। ଗତ ପଣା ସଂକ୍ରାନ୍ତି ଦିନ ପୋଖରୀରେ ମଲା ମାଛ ଭାସୁଥିବାରୁ ସେହି ଅଞ୍ଚଳ ଦୁର୍ଗନ୍ଧ ହେଉଥିଲା। ପୂର୍ବରୁ ମଧ୍ୟ ପୋଖରୀ ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଉ ନ ଥିବା ଭକ୍ତମାନେ ଅଭିଯୋଗ କରି ଅସନ୍ତୋଷବ୍ୟକ୍ତ କରିଥିଲେ। ହେଲେ ପୌରସଂସ୍ଥାରେ ଆଳ ଦେଖାଇ ଏ ପର୍ଯ୍ୟନ୍ତ ପୋଖରୀର କୌଣସି ପ୍ରକାର କାମ କରାଗଲା ନାହିଁ। ଏବେ କିଛି ସ୍ୱେଚ୍ଛାସେବୀ ଆସି ପୋଖରୀକୁ ସଫା କରୁଛନ୍ତି। ତେଣୁ ଏ ସବୁ ଅଭିଯୋଗର ଉପଯୁକ୍ତ ତଦନ୍ତ ସହ ୧୦ ବର୍ଷର ଅଡିଟ୍ କରିବାକୁ ଦାବି କରିଛନ୍ତି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ।

# ମହାପ୍ରଭୁଙ୍କର ହେଲା ବନକଲାଗି

**ପୁରୀ,୨୮।୫(ସମିସ):** ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

# ପୁରୀ ଜିଲ୍ଲାରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ

**ପୁରୀ,୨୮।୫(ସମିସ):** ସଶକ୍ତ ସମବାୟ, ସୁଦୃଢ଼ ସମାଜ ଓ ସମୃଦ୍ଧ ଜୀବନର ବାର୍ତ୍ତା ନେଇ ବୁଧବାର ସଂସ୍କୃତି ଭବନରେ ଆୟୋଜିତ ହୋଇଥିଲା ଆନ୍ତର୍ଜାତିକ ସମବାୟ ବର୍ଷ। ପୁରୀ ଜିଲ୍ଲାର ଡିଆର୍‌ସିଏସ୍ ସୁନିତା ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମବାୟର ଭୂମିକା ବିଷୟରେ ବିସ୍ତୃତଭାବେ ଆଲୋଚନା ହୋଇଥିଲା। ସମବାୟ କିପରି ସମାଜକୁ ସୁଦୃଢ଼ ଓ ଆର୍ଥିକ ସମୃଦ୍ଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ତାହା ଉପରେ ଆଲୋକପାତ ହୋଇଥିଲା। ବର୍ତ୍ତମାନ ସମବାୟ ଏକ ଜନଆନ୍ଦୋଳନରେ ପରିଣତ ହୋଇ ଆର୍ଥିକ ଅଭିବୃଦ୍ଧିରେ ସହାୟକ ସହ ପରିବାର ମୁହଁରେ ହସ ଫୁଟାଇଛି। ଚଳିତ ମାସର ଥିମ୍ ଭାବରେ ଏଫ୍‌ଏକ୍ୟୁ ଧାନ ଉପରେ ସଚେତନତା ଏବଂ ଚାଷୀମାନଙ୍କୁ ସାର, ଉନ୍ନତ ବିହନ, କୀଟନାଶକର ପ୍ରୟୋଗ ଏବଂ କୃଷି ଉପକରଣ ବ୍ୟବହାର ଉପରେ ଥିଲା। ଏହି ଥିମ୍ ଉପରେ ସମସ୍ତ ମଞ୍ଚାସୀନ ଅତିଥିବୃନ୍ଦ ବିଶେଷ ଭାବେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁପିଏନ୍‌ସିସି ବ୍ୟାଙ୍କର ପୁରୀ ଡିଜିଏମ୍ ତପତୀ ପଟ୍ଟନାୟକ, ବରିଷ୍ଠ ଏଆର୍‌ସିଏସ୍ ସ୍ୱରୂପ କର, ଏଆର୍‌ସିଏସ୍




ସନାତନ ବେହେରା, ଆର୍‌ଏମ୍‌ସି ସାକ୍ଷୀଗୋପାଳର ସମ୍ପାଦକ ଜିତେନ୍ଦ୍ର ଦାସ, ଆର୍‌ଏମ୍‌ସି ନିମାପଡ଼ାର ସମ୍ପାଦକ ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ସମବାୟ ସହଯୋଗ, ସମନ୍ୱୟ ଓ ସହଭାଗିତାର ବନ୍ଧନ ବିଷୟରେ ଆଲୋଚନା କରିଥିଲେ। ଏଥିରେ ଅଧ୍ୟକ୍ଷତା କରି ଡିଆର୍‌ସିଏସ୍ ସୁନିତା ପତି ସମସ୍ତଙ୍କୁ ସ୍ୱାଗତ କରିବା ସହ ସମବାୟ ବର୍ଷ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କୃଷି ସମବାୟ ସମିତି ଗଠନ, ଲ୍ୟାମ୍ପସ ଓ ପ୍ୟାକ୍ସ ମାଧ୍ୟମରେ କୃଷି ଋଣ ପ୍ରଦାନ, ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧୀ କେନ୍ଦ୍ର ଖୋଲିବା, ସମବାୟ ମାଧ୍ୟମରେ କିପରି ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିହେବ ବୋଲି କହିଥିଲେ। ପୁରୀ ଜିଲ୍ଲାରେ ୨୪୫ ପ୍ୟାକ୍ସ କାର୍ଯ୍ୟ କରୁଛି। ବିଗତ ଖରିଫ ବର୍ଷରେ ସମବାୟ ବିଭାଗ ମାଧ୍ୟମରେ ୧୮ ଲକ୍ଷ ୫୨ ହଜାର ୩୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି ଯାହାକି ବିଗତ ବର୍ଷର ୧୫୦%ରୁ ଅଧିକ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଭଲ କାମ କରିଥିବା ସମବାୟ ସମିତିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥି ସହ ଭଲ କାମ କରିଥିବା ସମବାୟ ସମିତିର ସମ୍ପାଦକମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ଖରିଫ ଧାନ ସଂଗ୍ରହରେ ଜିଲ୍ଲାର ଦୁଇ ଆର୍‌ଏମ୍‌ସିର ଅବଦାନ ପାଇଁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦ୍‌ଘୋଷକ ସମବାୟ ନିରୀକ୍ଷକ ସତ୍ୟବ୍ରତ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ**

# ନିରାମୟରେ ରୋଗୀଙ୍କୁ ଦୁର୍ବ୍ୟବହାର

**ପୁରୀ,୨୮।୫(ସମିସ):** ବିପର୍ଯ୍ୟସ୍ତ ରୋଗୀ ସେବାକୁ ନେଇ ବିଭିନ୍ନ ସମୟରେ ଚର୍ଚ୍ଚାରେ ରହି ଆସିଛି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। କେତେବେଳେ ଡାକ୍ତର ଅଭାବ ତ ପୁଣି କେତେବେଳେ ବିଭିନ୍ନ ମେସିନ ଅଚଳ ପାଇଁ ରୋଗୀଙ୍କୁ ହଇରାଣ ହେବାକୁ ପଡ଼ିଥାଏ। ଚିକିତ୍ସାରେ ଅବହେଳା ଅଭିଯୋଗକୁ ନେଇ ଅନେକଥର ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଅଧିକାଂଶ ସମୟରେ ଶିଶୁ ଓ ପ୍ରସୂତି ବିଭାଗର ଲିଫ୍ଟ ଅଚଳ ଶୁଣିବାକୁ ମିଳେ। ଅନେକ ଏହାକୁ ରେଫରାଲ୍ ହସ୍ପିଟାଲ କହୁଥିବାବେଳେ ଏବେ ନିରାମୟରେ ରୋଗୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ ହୋଇଛି। ଏହାକୁ ନେଇ ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଫେରାଦ ହୋଇଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)।

ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ଆପ୍ ନେତ୍ରୀ କିରଣ ଦାସ ଜଣେ ରୋଗୀଙ୍କୁ ନେଇ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ଲେଖିଥିବା ଔଷଧ ଆଣିବା ପାଇଁ ନିରାମୟକୁ ଯାଇଥିଲେ। ସେଠାରେ ଗୋଟିଏ ଔଷଧ ନ ଥିବାବେଳେ ବାକି ମିଳିଥିଲା। କିନ୍ତୁ ଦେଇଥିବା ଔଷଧ ଏକା ଭଳି ଦେଖାଯାଉଥିବାରୁ ମାର୍କରରେ ଟିକେ ଲେଖିଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ଭିତରେ ବସିଥିବା ବାବୁ ମନା କରିଦେଲେ। କହିଲେ ନେଲେ ନିଅ



**ସିଡିଏମ୍‌ଓଙ୍କୁ ଫେରାଦ ହେଲା ଆମ୍ ଆଦ୍‌ମୀ ପାର୍ଟି**

**ପ୍ରେସ୍କ୍ରିପ୍‌ସନ ପଢ଼ିପାରିଲେନି ନିରାମୟ କର୍ମଚାରୀ**


ନ ହେଲେ ନାହିଁ। ରୋଗୀଙ୍କ ସମ୍ପର୍କୀୟଙ୍କୁ ବ୍ୟବହାର ଠିକ୍ ସେ କଲେ ନାହିଁ। କିଛି ସମୟ କଥା କଟାକଟି ହୋଇଥିଲା। ଫଳରେ ସେଠାରେ ଉତ୍ତେଜନା ସୃଷ୍ଟି ହେଇଥିଲା। କଥା ଏତିକିରେ ସୀମିତ ନ ଥିଲା। ଯେଉଁ ଔଷଧ ନିରାମୟରେ ମିଳିଲା ନାହିଁ ତାହାକୁ ସରକାରୀ ଟେଣ୍ଡର ଦିଆଯାଇଥିବା ଘରୋଇ ଔଷଧ ଦୋକାନୀ ମଧ୍ୟ ପଢ଼ି ନ ପାରି ଫେରାଇ ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରୋଗୀ ଯଦି ନିରାମୟରେ ଔଷଧ ନ ପାଇବ ଏପରିକି ଖରାପ ବ୍ୟବହାର ଶୁଣିବ, ତେବେ ସରକାରୀ ଟ୍ୟାକ୍ସରେ ଚାଲୁଥିବା ଏତେ ବଡ଼ ହସ୍ପିଟାଲ କାହା ପାଇଁ ବୋଲି ପ୍ରଶ୍ନ କରିଛନ୍ତି ଆପ୍ ମହିଳା ସଭାପତି ତପସ୍ୱିନୀ ଜଗଦ୍ଦେବ। ନିରାମୟରେ ସରକାର ୧୧୦ ପ୍ରକାର ଔଷଧ ମିଳିବା କଥା କହୁଥିବାବେଳେ ମାତ୍ର ୩୫ ପ୍ରକାର ଔଷଧ କାହିଁକି ମିଳିବ ବୋଲି ପ୍ରଶ୍ନ ଉଠାଇଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି। ସେହିପରି ଡାକ୍ତର ସ୍ପଷ୍ଟ ଭାବେ ସବୁ ଔଷଧ ଲେଖିବାକୁ ସରକାରୀ ନିର୍ଦ୍ଦେଶନାମା ଥିବାବେଳେ ଅନେକ ଡାକ୍ତର ଏହାକୁ ମାନୁନାହାନ୍ତି। ମନଇଚ୍ଛା ଗାରେଇ ପକାଉଛନ୍ତି। ଯାହାଫଳରେ ଔଷଧ କିଣିବାବେଳେ ହଇରାଣରେ ପଡୁଛନ୍ତି ରୋଗୀ।

ଏହି ପରିପ୍ରେକ୍ଷୀରେ ଆପ୍ ସିଡିଏମ୍‌ଓଙ୍କୁ ସାକ୍ଷାତ୍ କରି ଅଭିଯୋଗ କରିବା ସହ ୫ ଦଫା ଦାବିପତ୍ର ପ୍ରଦାନ କରିଥିଲା। ଏହି ଦାବିଗୁଡ଼ିକ ହେଉଛି ନିରାମୟରେ ସମସ୍ତ ଔଷଧ ମିଳୁ, ଯଦି କୌଣସି ରୋଗୀ ଔଷଧ ସେବନ ନେଇ ଲେଖିଦେବାକୁ କହୁଛନ୍ତି ତାହା କରାଯାଉ, ସରକାରୀ ହସ୍ପିଟାଲରେ ରୋଗୀକୁ ଭଲ ବ୍ୟବହାର ପ୍ରଦର୍ଶନ, ମଙ୍ଗଳବାର ଘଟଣା ପାଇଁ ସମ୍ପୃକ୍ତ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ ଓ ନିରାମୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ମୁଖ୍ୟମନ୍ତ୍ରୀଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକ ପୂର୍ବରୁ ନିରାମୟ କର୍ମଚାରୀଙ୍କୁ ଉତ୍ତମ ବ୍ୟବହାର ପାଇଁ ପ୍ରଶିକ୍ଷଣ ଦିଆଯାଉ। ଏହି ଦାବିଗୁଡ଼ିକ ପୂରଣ ନ ହେଲେ ଆପ୍ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି ଆପ୍ ନେତ୍ରୀ ଜୟନ୍ତୀ ଜେନା କହିଛନ୍ତି।

# ସକାଳ

THE SAKALA

# ସମ୍ପାଦକୀୟ



ମାତାଧିକ ଉତ୍ସାହ ଓ ଅନ୍ଧବିଶ୍ୱାସ ଜନିତ ବିଷର ପ୍ରଭାବକୁ ବିଜ୍ଞାନ ହିଁ ପ୍ରତିହତ କରିପାରିବ।

-ଆଦାମ ସ୍ମିଥ୍

## ଶତ୍ରୁ ମରିନି, ଯୁଦ୍ଧ ସରିନି

ଭାରତ ଓ ପାକିସ୍ତାନ ମଧ୍ୟରେ ୭୮ ଘଣ୍ଟାର ଯୁଦ୍ଧ ଓ ବିରାମକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗୁଜରାଟରେ ସଭା ଓ ସମାବେଶ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଦେଶର ଜନସମୁଦାୟକୁ ବିଜୟର ବାର୍ତ୍ତା ଦେବାକୁ ଚାହିଁଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନକୁ ମଧ୍ୟ ଧମକ ଓ ଚମକ ଦେବାକୁ ସେ ପଛେଇ ନାହାନ୍ତି। ଏହି ସୀମିତ ଯୁଦ୍ଧରେ କାହାର ଜିତ୍ ଓ ହାର ହେଲା, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଉଭୟ ଦେଶ ବିଜୟୋତ୍ସବ ପାଳନ କରୁଛନ୍ତି। ପାକିସ୍ତାନ ମଧ୍ୟ ତାର ସେନାଧ୍ୟକ୍ଷ ଜେନେରାଲ ମୁନୀରଙ୍କୁ ଫିଲ୍ଡମାର୍ଶାଲ ପଦବୀକୁ ପଦୋନ୍ନତି ଦେଇ ବିଜୟ ସନ୍ଦେଶ ଦେଇଛି କହିଲେ ଭୁଲ ହେବ ନାହିଁ। ଆମେ ବିଳମ୍ବରେ ହେଲେ ମଧ୍ୟ ଭାରତରେ ତ୍ରିରଙ୍ଗା ଯାତ୍ରା କରିଛୁ। ତାହାହେଲେ କ'ଣ କହିବା ଯୁଦ୍ଧ ଅମୀମାଂସିତ ରହିଛି? ଏପର୍ଯ୍ୟନ୍ତ ଭାରତ ସରକାରଙ୍କ ପକ୍ଷରୁ. ଯେଉଁ ତଥ୍ୟ ପ୍ରଦାନ କରାଯାଇଛି ସେଥିରୁ ସ୍ପଷ୍ଟ ଯେ ପାକିସ୍ତାନର ୯ଟି ଆତଙ୍କୀ ଆଡ୍ଡା ଧ୍ୱଂସ ହୋଇଛି। ସେ ଦେଶର ବାୟୁସେନା ଭିତ୍ତିଭୂମିର ୨ ପ୍ରତିଶତ ଆମ କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି। ଆମ କ୍ଷୟକ୍ଷତି ସମ୍ପର୍କରେ ଏତିକି କୁହାଯାଇପାରେ ଯେ ପୁଞ୍ଚ ଓ ରଜୌରି ନିକଟସ୍ଥ ନିୟନ୍ତ୍ରଣ ରେଖା ସଂଲଗ୍ନ ଗ୍ରାମ ଉପରେ ହୋଇଥିବା ଗୁଳିଗୋଳା ବର୍ଷଣରେ ବେଶ କିଛି ଘରଦ୍ୱାର ଭାଙ୍ଗିଛି ଏବଂ ୨୦ରୁ ଉର୍ଦ୍ଧ୍ୱଙ୍କ ପ୍ରାଣହାନି ଘଟିଛି। ଯୁଦ୍ଧ ବିରତି ଏଥିମଧ୍ୟରେ ୧୫ ଦିନ ଅତିକ୍ରମ କରିଥିଲେ ମଧ୍ୟ ଏ ଯାବତ ସଂପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇନାହିଁ।

ଏକଥା ସତ ଯେ ବ୍ୟୟବହୁଳ ଯୁଦ୍ଧ ଦେଶର ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତଥାପି ଦେଶର ସମ୍ମାନ ଓ ମର୍ଯ୍ୟାଦା ରକ୍ଷା ପାଇଁ ଯୁଦ୍ଧର ବାଧ୍ୟବାଧକତା ରହିଛି। ଦୀର୍ଘ ୩୫ ବର୍ଷ ଧରି ପାକିସ୍ତାନ ଆତଙ୍କବାଦୀଙ୍କ ମାଧ୍ୟମରେ ଭାରତ ବିରୋଧରେ ଯେଉଁ ଛାୟା ଯୁଦ୍ଧ ଚଳାଇଆସିଛି ତାହାର ସଠିକ୍ ଜବାବ ଦେବାର ଅଛି। ଉରି ଓ ପୁଲୱାମା ଘଟଣାର ଯଥାର୍ଥ ଉତ୍ତର ଦିଆଯାଇଥିଲେ ମଧ୍ୟ ପହଲଗାମ୍ ଭଳି ନୃଶଂସ ଘଟଣାର ପୁନରାବୃତ୍ତି ଘଟିଲା। ତେଣୁ 'ଅପରେସନ ସିନ୍ଦୂର' ପରେ ପାକିସ୍ତାନ ଯେ ଆତଙ୍କବାଦୀ କାର୍ଯ୍ୟକଳାପରୁ ନିବୃତ୍ତ ରହିବ ଏକଥା ନୁହେଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ଯେଉଁ ଆତଙ୍କୀକେନ୍ଦ୍ରକୁ ଧ୍ୱଂସ କରାଯାଇଛି ବୋଲି ଆମେ ଦାବି କରୁଛୁ, ସେଠାରେ ପୁନଃନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବାୟୁ ସେନା କେନ୍ଦ୍ରର କ୍ଷତି ନେଇ ପାକିସ୍ତାନଯେ ବ୍ୟସ୍ତ ବିବ୍ରତ ନୁହେଁ ତାହା ସେମାନଙ୍କ ପରିବର୍ତ୍ତିତ ଆଭିମୁଖ୍ୟରୁ ସ୍ପଷ୍ଟ। ପାକିସ୍ତାନର ଭାରତ ବିରୋଧୀ ରଣନୀତିର ଆତଙ୍କବାଦୀ ଅଂଶବିଶେଷ ହୋଇଥିବାରୁ ତାହାର ପୁନରାବୃତ୍ତି ଘଟିବା ପ୍ରାୟ ନିଶ୍ଚିତ। ଏ କ୍ଷେତ୍ରରେ ଭାରତର ଉତ୍ତରକୁ ଠିକଣା ଜବାବ ଦେବା ସକାଶେ ମଧ୍ୟ ପାକିସ୍ତାନ ସାମରିକ ପ୍ରସ୍ତୁତି ଆରମ୍ଭ କରିଛି। ସମୟ କହିବ ଆଗକୁ କ'ଣ ଘଟିବ। କିନ୍ତୁ ପାକିସ୍ତାନର ଆର୍ଥିକ ସ୍ଥିତି ଯାହା, ସେଥିରେ ଏଭଳି ଏକ ପ୍ରତିଯୋଗିତାପୂର୍ଣ୍ଣ ସାମରିକ ପ୍ରସ୍ତୁତି ପାଇଁ ସେ ଦେଶବାସୀଙ୍କୁ ବେଶ ମୂଲ୍ୟ ଦେବାକୁ ପଡ଼ିବ।

ବିଶ୍ୱର କୂଟନୀତି ଓ ଯୁଦ୍ଧନୀତିର ପ୍ରମୁଖ ଅଂଶ ହେଲା ଅସ୍ତ୍ରଶସ୍ତ୍ର ବେପାର। ଭାରତ ଓ ପାକିସ୍ତାନର ସୀମିତ ଯୁଦ୍ଧରେ ଚୀନର ଅତ୍ୟାଧୁନିକ ଯୁଦ୍ଧ ବିମାନ ଓ ଅସ୍ତ୍ରଶସ୍ତ୍ର ପରୀକ୍ଷଣର ଯେଉଁ ସୁଯୋଗ ମିଳିଲା ତାହା କେବଳ ଦକ୍ଷିଣ-ଏସିଆ ନୁହେଁ, ପାଶ୍ଚାତ୍ୟ ରାଷ୍ଟ୍ରରେ ମଧ୍ୟ ଆଲୋଚନାର ବିଷୟବସ୍ତୁ ହୋଇପଡ଼ିଛି। 'ଜେଏଫ-୧୭ ଥଣ୍ଡର' ଯୁଦ୍ଧ ବିମାନର ବଜାର. ସୃଷ୍ଟି କରିପାରିଛି ଏହି ଯୁଦ୍ଧ। ନିଜସ୍ୱ ଜ୍ଞାନକୌଶଳର ନିର୍ମିତ ଭାରତର ହାଲ୍କା ଯୁଦ୍ଧ ବିମାନ 'ତେଜସ୍' ଏହାର ପ୍ରତିଦ୍ୱନ୍ଦ୍ୱୀ। ସେହିଭଳି 'ବ୍ରହ୍ମୋସ୍' ଓ 'ଆକାଶ' କ୍ଷେପଣାସ୍ତ୍ର ପ୍ରୟୋଗର ସଫଳତା ମଧ୍ୟ ବାସ୍ତବରେ ବଜାର ଚାହିଦା ବଢ଼ାଇଛି। ପର୍ଯ୍ୟବେକ୍ଷକଙ୍କ ମତରେ ଭାରତ ଓ ପାକିସ୍ତାନ ଅପେକ୍ଷା ଯୁଦ୍ଧରେ ସବୁଠାରୁ ଅଧିକ ଲାଭବାନ ହୋଇଛି ଚୀନ। 'ଅପରେସନ ସିନ୍ଦୂର'ର ପରିଣତି ଯାହା ହେଉନା କାହିଁକି ଆମକୁ 'ତେଜସ୍ ଏମ୍‌କେ-୨' ଓ 'ପିନାକ୍' କ୍ଷେପଣାସ୍ତ୍ର ପ୍ରସ୍ତୁତି ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିବ। ଏଥିମଧ୍ୟରେ ପଞ୍ଚମ ପିଢ଼ି ଯୁଦ୍ଧ ବିମାନ ପ୍ରସ୍ତୁତି ସକାଶେ ଫ୍ରାନ୍ସ ଓ ରୁଷ. ସହ ଯୋଗାଯୋଗରେ ଅଛି ଭାରତ। ଏକଥା ଉଲ୍ଲେଖ କରିବାର କଥା ହେଲା ପ୍ରତିରକ୍ଷା ବାବଦରେ ଆମକୁ ଅଧିକରୁ ଅଧିକ ସାମରିକ ଖର୍ଚ୍ଚ କରିବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ତେଣୁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ଧାରାରେ ଶିଥିଳତା ପରିଲକ୍ଷିତ ହେବା ଏକପ୍ରକାର ନିଶ୍ଚିତ।

ଏ ପର୍ଯ୍ୟନ୍ତ ସରକାର ମୁହଁ ଖୋଲିନଥିଲେ ମଧ୍ୟ ଚଳିତ ଯୁଦ୍ଧରେ ରାଫାଲ୍ ଯୁଦ୍ଧ ବିମାନ ଯେ ଆଶାନୁରୂପ ସଫଳତା ଦେଇପାରିନାହିଁ ଏକଥା ସତ। ବଜାର ଦର ଠାରୁ ଅଧିକ ମୂଲ୍ୟ ଦେଇ ଅତିରିକ୍ତ ସରଞ୍ଜାମରେ ସୁସଜ୍ଜିତ ରାଫାଲ୍ କ୍ରୟବେଳେ ତାହାର ସିକ୍ରେଟ୍ କୋଡ୍ ହାସଲ ନ କରି ଭାରତ ସରକାର ଫସିଯାଇଛନ୍ତି। 'ବ୍ରହ୍ମୋସ୍' ସମେତ ଅନ୍ୟାନ୍ୟ କ୍ଷେପଣାସ୍ତ୍ର ଖଞ୍ଜି. ସେହି ଯୁଦ୍ଧ ବିମାନରୁ ଶତ୍ରୁପକ୍ଷ ଉପରେ ଆକ୍ରମଣ କରିବାର ସୁଯୋଗରୁ ବଞ୍ଚିତ ହୋଇଛି ଭାରତ। ଏହି ଯୁଦ୍ଧ ବିମାନ କ୍ରୟକୁ କେନ୍ଦ୍ର କରି ସରକାର ଯେଉଁ ବିବାଦୀୟ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ତାହା ଏବେ ବି ଦେଶବାସୀଙ୍କ ମନରୁ ଲିଭିନାହିଁ। ନୌବାହିନୀ ସକାଶେ ଡାସଲ୍ଟ ଆଭିଏସନ୍ କମ୍ପାନୀ ସହ କରିଥିବା ଦ୍ୱିତୀୟ ଚୁକ୍ତିକୁ ଶେଷରେ ଭାରତ ସରକାର ରଦ୍ଦ କରିବା ଭଳି ପରିସ୍ଥିତି ଉପୁଜିଛି। ଏକଥା ସତ ଯେ ବିଫଳତାରୁ ହିଁ ଶିକ୍ଷା ଲାଭ କରିହୁଏ। ଏ ପର୍ଯ୍ୟନ୍ତ ଯୁଦ୍ଧବିମାନ କ୍ରୟ ନେଇ ରୁଷ୍ ଉପରେ ନିର୍ଭର କରିଆସୁଥିବା ଭାରତ ସରକାର ମିଗ୍-୩୦ କ୍ରୟ ନ କରି ହଠାତ୍ ରାଫାଲ୍ ପ୍ରତି ଆକର୍ଷିତ ହେବା ପଛରେ ଅନିଲ୍ ଅମ୍ବାନୀଙ୍କ ଭୂମିକା ମଧ୍ୟ ସନ୍ଦେହରୁ ଉର୍ଦ୍ଧ୍ୱରେ ନୁହେଁ। ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଆପତ୍ତିକୁ ସେତେବେଳେ ଗୁରୁତ୍ୱ ଦିଆଯାଇନଥିଲା। ସେ ଯାହାହେଉ ଏବେ ଅବସ୍ଥାକୁ ଦେଖି ବ୍ୟବସ୍ଥା କରିବାକୁ ହେବ।

ଏହା ପାକିସ୍ତାନ ସହ ଯୁଦ୍ଧବିରାମ ନେଇ କ'ଣ ପ୍ରାକ୍ ସର୍ତ୍ତ ଥିଲା ତାହା ଏବେ ମଧ୍ୟ ଅସ୍ପଷ୍ଟ। କିନ୍ତୁ ଏହା ସତ ଯେ ଆତଙ୍କବାଦ କାର୍ଯ୍ୟକଳାପ ପୂର୍ବଭଳି ଅପରିବର୍ତ୍ତିତ ରହିବ। କାରଣ ସେମାନେ ହେଉଛନ୍ତି ପାକିସ୍ତାନ ଶାସନ ବ୍ୟବସ୍ଥାର ଅଂଶବିଶେଷ। ସୁଖର କଥା ଯେ ମୋଦୀ ସରକାର କ୍ରମାଗତ ତୃତୀୟ ଥର ସକାଶେ ଆତଙ୍କବାଦ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆଗକୁ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଆହୁରି ଭୟାବହ ହେବ। ଉଭୟ ପକ୍ଷର ପ୍ରସ୍ତୁତିର ଏହା ସ୍ପଷ୍ଟ ହେଉଛି।

## ସହରୀ ଗଛର ବେସାହାରା ଜୀବନ

ଡ. ବିଜୟକେତନ ପଟ୍ଟନାୟକ

ଭାରତ ସମେତ ସାରା ବିଶ୍ୱରେ ସହରୀକରଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ପୃଥିବୀର ମୋଟ ଲୋକସଂଖ୍ୟାର ୫୦ ପ୍ରତିଶତ ଏବେ ସହରାଞ୍ଚଳରେ ବସବାସ କରୁଛନ୍ତି। ଆକଳନ ମୁତାବକ, ୨୦୫୦ ବେଳକୁ ସହରୀ ଲୋକଙ୍କ ସଂଖ୍ୟା ୭୦ ପ୍ରତିଶତକୁ ବୃଦ୍ଧି ପାଇପାରେ। ୨୦୧୧ ଜନଗଣନା ଅନୁସାରେ, ଆମ ଦେଶରେ ସହର ସଂଖ୍ୟା ଥିଲା ୭,୯୪୫। ୧୯୦୧ ଗଣନା ଅନୁସାରେ, ଦେଶର ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୧୦.୮୪ ଥିବା ବେଳେ ସର୍ବଶେଷ ୨୦୧୧ ଜନଗଣନା ଅନୁଯାୟୀ ଏହି ସଂଖ୍ୟା ୩୨.୨ ପ୍ରତିଶତକୁ ବୃଦ୍ଧି ପାଇଛି। ସହରବାସୀଙ୍କ ସଂଖ୍ୟା ସେବେ ଥିଲା ୩୭.୭ କୋଟି। ଏବେ ଏହି ସଂଖ୍ୟା ୫୦ କୋଟି ପାର କରି ସାରିବଣି। ସହର ସଂଖ୍ୟା ମଧ୍ୟ ୪୦୦୦ରୁ ଅଧିକ ହେଲାଣି। ଆପାତତଃ ଦେଶରେ ସହରୀକରଣର ହାର ୨୦୦୧ରେ ୨୭.୭ ପ୍ରତିଶତ ଥିଲାବେଳେ, ୨୦୧୧ ବେଳକୁ ୩୧.୧ ପ୍ରତିଶତକୁ ବୃଦ୍ଧି ପାଇଛି।

ବିଗତ ଦୁଇବର୍ଷ ହେଲା 'ସହରୀ ଦ୍ୱୀପ ଉତ୍ତପ୍ତୀକରଣ ପ୍ରଭାବ (ହିଟ୍ ଆଇଲ୍ୟାଣ୍ଡ ସିଣ୍ଡ୍ରୋମ)' ଅନେକ ପ୍ରମୁଖ ସହରାଞ୍ଚଳରେ ଦେଖିବାକୁ ମିଳୁଛି। ସହରର ତାପମାତ୍ରା ଗ୍ରୀଷ୍ମ ଋତୁରେ ୪୦ ଡିଗ୍ରୀ ସେଣ୍ଟିଗ୍ରେଡରୁ ଅଧିକ ରହୁଛି। ହିଟ୍ ଆଇଲ୍ୟାଣ୍ଡ ଉପସର୍ଗ ହେଉଛି, ସହରାଞ୍ଚଳ ଏକ ଛୋଟ ଜଙ୍ଗଲ ବା ଗ୍ରାମାଞ୍ଚଳ। ଗ୍ରୀଷ୍ମ ଋତୁରେ ବାହାରର ତାପମାତ୍ରା ତୁଳନାରେ ସହରର ତାପମାତ୍ରା ୩ ରୁ ୪ ଡିଗ୍ରୀ ସେଣ୍ଟିଗ୍ରେଡ ଅଧିକ ଅନୁଭୂତ ହୋଇଥାଏ। ଆମ ରାଜ୍ୟରେ ମଧ୍ୟ ଗତ ଗ୍ରୀଷ୍ମଋତୁରେ ଏହି ପ୍ରଭାବ ଝାରସୁଗୁଡ଼ା, ଟିଟିଲାଗଡ଼, ବଲାଙ୍ଗୀର, ଅନୁଗୁଳ-ତାଳଚେର ଓ ଭୁବନେଶ୍ୱରରେ ଦେଖିବାକୁ ମିଳିଛି, ଯେଉଁଠି ତାପମାତ୍ରା ବେଳେବେଳେ ୪୫ ଡିଗ୍ରୀକୁ ଟପିଯାଏ।

ଏହି ପରିପ୍ରେକ୍ଷୀରେ ମିଳିତ ଜାତିସଂଘର ହାବିଟାଟ ପ୍ରେସକ୍ରିପସନ୍ ହେଉଛି ୩-୩୦.-୩୦୦, ଯାହା ଅତ୍ୟନ୍ତ ଉପଯୋଗୀ। ଏହାର ଅର୍ଥ ହେଲା, ପ୍ରତ୍ୟେକ ବାସଗୃହ, କାର୍ଯ୍ୟସ୍ଥଳୀ, ସ୍କୁଲ ହତା ନିକଟରେ ଅତିକମରେ ତିନୋଟି ପ୍ରାପ୍ତ ବୟସ୍କ ଗଛ ଦେଖିବାକୁ ମିଳୁଥିବ, ଚତୁଃପାର୍ଶ୍ୱରେ ୩୦ଟି ବଡ଼ ଗଛ ଶୋଭା ପାଉଥିବ। ସେହିପରି ପ୍ରତ୍ୟେକ ୱାର୍ଡରେ ୩୦୦ ମିଟର ଚାଲିକରି ବା ସାଇକେଲ୍‌ରେ ଗଲେ ଅଧ ହେକ୍ଟରରୁ ଏକ ଏକର ଆୟତନର ପାର୍କ ବା ସବୁଜ ପ୍ରାନ୍ତରଟିଏ ଥିବ। ମିଳିତ ଜାତିସଂଘ ତରଫରୁ ଘୋଷଣା ହୋଇଥିବା ଏହି ୩-୩୦-୩୦୦ ନୀତି କିପରି ପାଳନ ହେବ ତାହା ବିଚାର୍ଯ୍ୟ। କିଛିବର୍ଷ ପୂର୍ବରୁ ସହରାଞ୍ଚଳରେ ବାସଗୃହଟିଏ ନିର୍ମାଣ କଲେ ଭୁବନେଶ୍ୱରର ଉନ୍ନୟନ କର୍ତ୍ତୃପକ୍ଷ ପ୍ଲାନ୍ ଅନୁମୋଦନ କରୁଥିଲେ। ଅନୁମୋଦନ ପତ୍ରରେ ନିର୍ଦ୍ଦିଷ୍ଟ ଥିଲା, ଗୃହ ନିର୍ମାଣ କଲାବେଳେ ଆଗରେ ଦଶଫୁଟ ଏବଂ ପଛପଟେ ଓ ଅନ୍ୟ ଦୁଇପଟେ ପାଞ୍ଚ ଫୁଟ ଲେଖାଏଁ ଯାଗା ଛାଡ଼ିବା ଉଚିତ। ଏବେ ସେ ନିୟମ ବଦଳି ଗଲାଣି। ଆଗରେ ପୂର୍ବଭଳି ଦଶଫୁଟ ଛାଡ଼ିବାର ବ୍ୟବସ୍ଥା ଥିଲାବେଳେ ଅନ୍ୟ ତିନିପଟେ ପାଞ୍ଚଫୁଟ ଛାଡ଼ିବା ନିୟମଟା କମିଯାଇ ତିନିଫୁଟ କରାଯାଇଛି। ସେଥିରୁ ଫୁଟେ ପାଚେରୀ ଚାଲିଗଲେ ଆଉ ରହିବ ମାତ୍ର ଦୁଇଫୁଟ। କହିଲେ ଦୁଇଫୁଟରେ କେଉଁ ବଡ଼ ଗଛ ଲଗାଯାଇପାରିବ, ଯାହା ଭବିଷ୍ୟତରେ ପାଖ ପାଚେରିରୁ ଫଟାଇବ ନାହିଁ?

ନିକଟ ଅତୀତରେ ଆଇ.ଆଇ.ଟି ଭୁବନେଶ୍ୱର, 'ସହରୀ ଦ୍ୱୀପ ଉତ୍ତପ୍ତୀକରଣ' ସନ୍ଦର୍ଭରେ ଭୁବନେଶ୍ୱର ଉପରେ ଏକ ଅଧ୍ୟୟନ କରିଥିଲେ। ସେମାନଙ୍କ ଅନୁଶୀଳନର ନିଷ୍କର୍ଷ ଥିଲା - ନିକଟସ୍ଥ ଗ୍ରାମାଞ୍ଚଳ ତୁଳନାରେ ଭୁବନେଶ୍ୱର ସହର ଅଧିକ ଉତ୍ତପ୍ତ ହେବାର କାରଣଗୁଡ଼ିକ ହେଲା, ଦ୍ରୁତ ସହରୀକରଣ ଫଳରେ ଗୃହନିର୍ମାଣ ସ୍ଥାନର ବ୍ୟାପକ ବୃଦ୍ଧି, ସହରର ସବୁଜିମା ବା ସବୁଜ ବଳୟ ହ୍ରାସ, ଖୋଲାସ୍ଥାନ କମିଯିବା ଏବଂ ଆର୍ଦ୍ରଭୂମି , ନଦୀ, ନାଳର ପରିସୀମା ସଂକୁଚିତ ହେବା ଇତ୍ୟାଦି। ସହରର ମୁଖ୍ୟ ରାସ୍ତାରୁ ବାହାରିଥିବା ଗଳି ରାସ୍ତାଗୁଡ଼ିକ ସିମେଣ୍ଟ କଂକ୍ରିଟ ବା ପିଚୁ କରିଦେବା ଫଳରେ ଏହା ସୂର୍ଯ୍ୟାଲୋକରୁ ଉତ୍ତାପ ଆହରଣ କରୁଛି। କିନ୍ତୁ ବିକିରିତ ଉତ୍ତାପ ସହରର କୋଠାବାଡ଼ି ଓ ବହୁତଳ ପ୍ରାସାଦ ଭିତରେ ବନ୍ଦୀ ହୋଇ ରହିଯାଉଛି। ବାଷ୍ପୀକରଣ ପ୍ରକ୍ରିୟାରେ ଏହା ବାହାରକୁ ଯାଇପାରୁନାହିଁ। ଗତ ୧୫ ବର୍ଷ ଭିତରେ ଭୁବନେଶ୍ୱରର ସହରୀକରଣ ୮୩ ପ୍ରତିଶତ ବୃଦ୍ଧି ପାଇଛି। ସେହି ପରିମାଣରେ ଅର୍ଥାତ୍ ୮୦ ପ୍ରତିଶତ ସବୁଜିମା ହ୍ରାସ ପାଇଛି। ଆର୍ଦ୍ରଭୂମି ୨ ପ୍ରତିଶତ ଏବଂ ସହର ଚତୁଃପାର୍ଶ୍ୱରେ ଥିବା ଚାଷଜମିର ଆୟତନ ମଧ୍ୟ ୮୩ ପ୍ରତିଶତ ହ୍ରାସ ପାଇଛି।

କେତୋଟି ଉଦାହରଣ ଏଠି ଦିଆଯାଇପାରେ। ଭୁବନେଶ୍ୱର ଦକ୍ଷିଣ ପଟକୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଯାଇଥିବା ରାଜରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଚାଷ ଜମିରେ ଘର, ଦୋକାନ, ବଜାର ଆଦି ଗଢ଼ି ଉଠିଲାଣି। ପଶ୍ଚିମ ପଟେ ଚନ୍ଦକା ପର୍ଯ୍ୟନ୍ତ ଥିବା ଜଙ୍ଗଲ କଟାଯାଇ ବସତି ସ୍ଥାପିତ ହୋଇଛି। ସହର ଭିତରେ ଯାଇଥିବା ରାସ୍ତା ପ୍ରଶସ୍ତକରଣ ନିମନ୍ତେ ପଥପାର୍ଶ୍ୱ ବନୀକରଣରେ ଲାଗିଥିବା ଗଛଗୁଡ଼ିକୁ ବାରମ୍ବାର କଟାଯାଉଛି। ପୂର୍ବେ ଭୁବନେଶ୍ୱରରୁ ବର୍ଷାଜଳ ଓ ଆବର୍ଜନା ନିଷ୍କାସନ ନିମନ୍ତେ ସାତ/ଆଠଟି ପ୍ରାକୃତିକ ଜଳ ନିଷ୍କାସନ ପ୍ରଣାଳୀ ଥିଲା। ସେଗୁଡ଼ିକ ଏବେ ପୋତି ହୋଇ ତା' ଉପରେ କୋଠାବାଡ଼ି ନିର୍ମାଣ ହେଲାଣି, ଯାହା ସହରରୁ ଜଳ ନିଷ୍କାସନ ହେବାରେ ଅବରୋଧ ସୃଷ୍ଟି କରୁଛି।

ପ୍ରତିବର୍ଷ ସହରର ମୁଖ୍ୟ ରାସ୍ତାରେ ଥିବା ମଧ୍ୟବର୍ତ୍ତୀ ଅଞ୍ଚଳରେ ଏବଂ ଗଳି ରାସ୍ତାର ଦୁଇପାର୍ଶ୍ୱରେ ନିମ୍ବ, କରଞ୍ଜ, ଶାଗୁଆନ, ବଉଳ, ଚମ୍ପା ଆଦି ଚିରସବୁଜ ବୃକ୍ଷରୋପଣ କରାଯାଉଛି। କିଛିବର୍ଷ ଖାଲିଥିବା ପ୍ଲଟ୍‌ରେ କେହି ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ, ସାମ୍ନାରେ ଥିବା ଗଛଗୁଡ଼ିକୁ କାଟି ଦିଅନ୍ତି। କଥାରେ ଅଛି, 'ଅରକ୍ଷିତକୁ ଦଇବ ସାହା'। କିନ୍ତୁ ଏଠି ରାସ୍ତାକଡ଼ରେ ଲଗାଯାଇଥିବା ଗଛର ସାହା, ଭରସା କେହି ନାହାନ୍ତି। ସେଗୁଡ଼ିକ ସଂପୂର୍ଣ୍ଣ ରୂପେ ବେସାହାର। କେହି ସଚେତନ ନାଗରିକ ଚାହିଁଲେ ବି କିଛି ଫଳ ମିଳେନା। ଧରନ୍ତୁ ଗଛଟିଏ କିଏ କାଟିଦେଲା ଏବଂ ଆପଣ ପୁଲିସକୁ ଫୋନ କରି ଏକଥା ଜଣାଇଲେ। ସେମାନଙ୍କଠାରୁ ଉତ୍ତର ଆସିବ, ଆପଣ ବନବିଭାଗକୁ ଜଣାନ୍ତୁ। ନିକଟସ୍ଥ ବନଖଣ୍ଡ ଅଧିକାରୀଙ୍କୁ ଫୋନ କଲେ, ସେ ମହାଶୟ ସବୁକଥା ଶୁଣିସାରିଲା ପରେ କହିବେ, ବନ ଉନ୍ନୟନ ନିଗମକୁ ରାସ୍ତା କଡ଼ରେ ଗଛ ଲଗାଇବାର ଦାୟିତ୍ୱ ଦିଆଯାଇଥିଲା। ସେମାନଙ୍କୁ ଅବଗତ କରାନ୍ତୁ। ବନ ନିଗମର ଡିଭିଜନାଲ ମ୍ୟାନେଜରଙ୍କୁ ଜଣାଇଲେ ସେ କହିବେ, ଆମେ ଗଛ ଲଗାଇବାର ତିନିବର୍ଷ ପରେ ସେଗୁଡ଼ିକୁ ମହାନଗର ନିଗମକୁ ହସ୍ତାନ୍ତର କରିଦେଉ। ତେଣୁ ଏବେ ସେମାନେ ହିଁ ଗଛର ମାଲିକ। ମହାନଗର ନିଗମର କ୍ଷେତ୍ର ଅଧିକାରୀଙ୍କୁ ଜଣାଇଲେ ସେ କୁହନ୍ତି, ଗଛ ପାଇଁ ଏଫ.ଆଇ.ଆର୍ ଦାଖଲ ହୋଇ ପାରିବ କି ନାହିଁ ମୋତେ ଜଣାନାହିଁ। ଆପଣ ସମସ୍ତ ବିଷୟ ଲେଖି ଦରଖାସ୍ତଟିଏ ଦିଅନ୍ତୁ। ଆମେ ବିଚାର କରି ନିଷ୍ପତ୍ତି ନେବୁ। କଥା ସେଇଠି ରହିଯାଏ।

ରାସ୍ତା କଡ଼ରେ ଲଗାଯାଇଥିବା ଗଛର ରକ୍ଷଣାବେକ୍ଷଣା ପାଇଁ, ଏପରି ସମସ୍ୟା ସୃଷ୍ଟି ହେବାର ମୂଳ କାରଣ ହେଲା, ଭୁବନେଶ୍ୱର ବା ଅନ୍ୟ ସହର ପାଇଁ ଓଡ଼ିଶାରେ 'ଟ୍ରି-ଆକ୍ଟ' ଟିଏ ନାହିଁ। ଅଥଚ ଦିଲ୍ଲୀ, ଚେନ୍ନେଇ, ମୁମ୍ବାଇ ଓ ବେଙ୍ଗାଲୁରୁ ସହରରେ 'ଟ୍ରି ପ୍ରୋଟେକସନ ବା ପ୍ରିଜରଭେସନ ଆକ୍ଟ' ରହିଛି। ସେ ସବୁ ସହରରେ ରାସ୍ତାକଡ଼ରୁ ଗଛକୁ ଅନିୟମିତ ଭାବେ କାଟିବା ବା କ୍ଷତି ପହଞ୍ଚାଇବା ଦଣ୍ଡନୀୟ।

ଆମେ ସମସ୍ତେ ଜାଣିଛେ, ସହରାଞ୍ଚଳରେ ପ୍ରଚୁର ପରିମାଣରେ ବୃକ୍ଷରୋପଣ କେତେ ଜରୁରୀ। ହିଟ୍ ଆଇଲ୍ୟାଣ୍ଡ ପ୍ରଭାବକୁ ରୋକିବା ସହିତ ଏହା ପରିବେଶକୁ ବିଶୁଦ୍ଧ ରଖେ। ଛାୟା ପ୍ରଦାନ କରି ବାତାବରଣକୁ ସୁଶୀତଳ ରଖେ। ବାୟୁରୁ ଧୂଳିକଣା, ସୂକ୍ଷ୍ମ କଣିକାମାନ ଛାଣିନେଇ ପ୍ରଦୂଷଣ ମୁକ୍ତ କରେ। ବୃଷ୍ଟିଜଳକୁ ସଂରକ୍ଷଣ କରି ଭୂତଳ ଜଳସ୍ତର ବୃଦ୍ଧି କରିବାରେ ସହାୟକ ହୁଏ। ଯାନବାହନ ଚଳାଚଳ କରୁଥିବା ସହରର ରାଜରାସ୍ତାର ଦୁଇପଟେ ୧୦ ମିଟର ଓସାରରେ ଗଛ ଲାଗିଥିଲେ ଶବ୍ଦ ପ୍ରଦୂଷଣ ପାଞ୍ଚ ଡେସିମେଲ୍ ପର୍ଯ୍ୟନ୍ତ କମିଯାଏ। ସହର ଭିତର ଉତ୍ତାପ ଅପେକ୍ଷାକୃତ କମ୍ ରହିବା କାରଣରୁ ଏୟାରକଣ୍ଡିସନ ବ୍ୟବହାର କମିଯାଏ ଏବଂ ବାୟୁମଣ୍ଡଳକୁ ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ ପାଏ। ଶକ୍ତି ସଂଚୟ ହୁଏ। ଏହା ଏକ ଚକ୍ରୀୟ ପ୍ରକ୍ରିୟା। ତେଣୁ ଆମ ସହରରେ 'ବେସାହାରା' ଭାବେ ବଢୁଥିବା ଗଛଗୁଡ଼ିକୁ ଆଇନଗତ ସହାୟତା ପ୍ରଦାନ କରିବା ପାଇଁ 'ଟ୍ରି-ପ୍ରିଜରଭେସନ ଆକ୍ଟ' ପ୍ରଣୟନ ଏକାନ୍ତ ଜରୁରୀ।

(ପ୍ରାକ୍ତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ଗଣନାର ଯୁଗଯନ୍ତ୍ରଣା

ଧ୍ରୁବ ଚରଣ ଘିବେଲା

ଆମ ଦେଶରେ ଜନଗଣନା ପ୍ରତି ଦଶବର୍ଷରେ ଥରେ ହୁଏ। ଏଥିରେ ଗାଁରୁ ଆରମ୍ଭ କରି ବ୍ଲକ, ସବ୍‌ଡିଭିଜନ, ଜିଲ୍ଲା, ରାଜ୍ୟ, ସର୍ବୋପରି ରାଷ୍ଟ୍ରର ଜନସଂଖ୍ୟା ସାମ୍ନାକୁ ଆସିଥାଏ। ନିର୍ବାଚନ ପାଇଁ ଭୋଟର ଗଣନା ବି ହୁଏ; ୧୮ ଓ ତଦୂର୍ଦ୍ଧ୍ୱ ବୟସର ସାବାଳକଙ୍କୁ ଚିହ୍ନଟ କରାଯାଏ ଭୋଟଦାନର ଅଧିକାର ପ୍ରଦାନ କରାଯିବା ପାଇଁ। ଏହାବାଦ୍ ହାତୀ, ବାଘ, ମଗର ଓ ପକ୍ଷୀ ଗଣନା ବି ହୁଏ। ଥରେ ଦିଲ୍ଲୀରେ କେତେ କାଉ ଅଛନ୍ତି ତା'ର ସବିଶେଷ ତଥ୍ୟ ଜଣାଇବାକୁ ସମ୍ରାଟ ଆକବର ବୀରବଲଙ୍କୁ ଆଦେଶ ଦେଲେ। କେଉଁଠୁ କେମିତି ଗଣନା ଆରମ୍ଭ କରିବେ, ତାହା ଭାବି ଚିନ୍ତାରେ ପଡ଼ିଲେ ବୀରବଲ। କିନ୍ତୁ ତାଙ୍କ ବିଦୂଷୀ ପତ୍ନୀ କହିଲେ ଦିଲ୍ଲୀରେ ସମୁଦାୟ କାଉ ସଂଖ୍ୟା ସାତ ଲକ୍ଷ ଅଶୀ ହଜାର ଅଠେଇଶ। ବୀରବଲ ପଚାରିଲେ, 'ତୁମେ କେମିତି ଜାଣିଲ?' ପତ୍ନୀ କହିଲେ, 'ସେମିତି ଗୋଟେ ସଂଖ୍ୟା ମନରୁ କହିଦେଇଛି। ଏ ଉତ୍ତର ରଖିଲା ପରେ ଆକବର କ'ଣ ଆଉ କାହାକୁ କାଉ ଗଣିବାକୁ କହି ଏ ଉତ୍ତରର ସତ୍ୟତା ପରଖିବେ?' ବୀରବଲ ପୁଣି ପଚାରିଲେ, 'ଯଦି ଗଣନ୍ତି, ଆଉ କାଉ ସଂଖ୍ୟା କମ ବେଶି ହୁଏ?' ବିଦୂଷୀ ପତ୍ନୀ କହିଲେ, ଯଦି ଗଣତି କରନ୍ତି ଏବଂ କିଛି କମ୍ ବେଶୀ ହୁଏ ତେବେ କମ ହେଲେ କହିବ କାଉ କୁଣିଆ ଯାଇଛନ୍ତି, ବେଶି ହେଲେ କହିବ କୁଣିଆ ଆସିଛନ୍ତି।' ବୀରବଲ ପତ୍ନୀଙ୍କ କହିବା ଅନୁସାରେ ରାଜଦରବାରେ ଉତ୍ତର ରଖି ପ୍ରଶଂସାଭାଜନ ହେଲେ।



ବେଳେବେଳେ ଏଭଳି ଅବାନ୍ତର ଗଣନା ପାଇଁ ବଡ଼ବଡ଼ିଆଙ୍କ ମୁଣ୍ଡକୁ ଅଜବ ନିଶା ଘାରେ। ଏବେ ଏଭଳି କେତେ ଯେ ଗଣନା କରାଗଲାଣି, ତା'ର ଇୟତ୍ତା ନାହିଁ। କାହାର ଛୁଆ କେତେ, ଛୁଆ ଭିତରେ ପୁଅ ଓ ଝିଅ ପିଲା ସଂଖ୍ୟା କେତେ ହିସାବ ରଖାଯାଉଛି। ଗାଆଁ ସହର ସାହି ଘର ଘର ବୁଲି ଘରଗଣନା ବି ହେଲାଣି। ଏପରି କି ପରିବାର ସର୍ବେକ୍ଷଣ କରାଗଲାଣି ଏବଂ ପରିବାରରେ କିଏ ଗର୍ଭବତୀ ଅଛନ୍ତି, ତା'ର ତଥ୍ୟ ବି ନିଆଯାଉଛି। ଆଉ କିଛିଦିନ ପରେ ହୁଏତ ଗଛଲତା, ରୋଗୀ ଓ ନିରୋଗୀ ସଂଖ୍ୟା, ସକାରାତ୍ମକ ମଣିଷ, ଭଲ ମଣିଷ, ନିଦା ମଣିଷ, ଅମାନିଆ ମଣିଷ, ଫମ୍ପା ମଣିଷଙ୍କ ସଂଖ୍ୟା ମଧ୍ୟ ଗଣନା ହେବ।

ଏହି ପରିପ୍ରେକ୍ଷୀରେ ଏବେ ସମାଜରେ କବି-ଲେଖକଙ୍କ ସଂଖ୍ୟା ବଢୁଛି(ହେଲେ ପାଠକଙ୍କ ସଂଖ୍ୟା କମୁଛି)। ଏସବୁ ଯୁଗ ଯନ୍ତ୍ରଣା ସୂଚକ। ଏବେ ଗାଁ-ସହର ସବୁଠି କବି। ସାହିରେ ସାହିରେ କବି। ଘରେ ଘରେ ବି ବାହାରିଲେଣି କବି। ଉଭା ଯେତେ, ପୋତା ସେତେ। ପ୍ରକାଶିତ ଅର୍ଥରେ ଉଭାକୁ ବୁଝନ୍ତୁ ଏବଂ ଅପ୍ରକାଶିତ ଅର୍ଥରେ ପୋତାକୁ ବୁଝନ୍ତୁ। ଆହୁରି ସ୍ପଷ୍ଟ ଶବ୍ଦରେ କହିଲେ ଲେଖାଲେଖି କରି ଯିଏ ଏଠି ସେଠି ଖବରକାଗଜରେ ଅବା ପତ୍ରପତ୍ରିକାରେ ଲେଖା ପ୍ରକାଶିତ କରନ୍ତି ସିଏ ଉଭା ବା ପ୍ରକାଶିତ କବି। ଯିଏ ଲେଖା କେଉଁଠି ପ୍ରକାଶ କରାନ୍ତିନି ସିଏ ପୋତା ବା ପ୍ରକାଶ ଆଢୁଆଳରେ ରହୁଥିବା କବି। କବିସୂର୍ଯ୍ୟଙ୍କ ଭାଷାରେ 'ରବି ହେଲେ ଜ୍ୟୋତିରିଙ୍ଗଣ ପୋକ, କବି ହୋଇଗଲେ ସମସ୍ତ ଲୋକ' ଉକ୍ତିର ଯଥାର୍ଥତା ତଥା ପ୍ରାସଙ୍ଗିକତା ଆଜିର ଦିନରେ ବେଶ ଅନୁଭବ ହୁଏ ଏବଂ ଅନୁଭବ କରାଯାଏ। ପୁଣି କେଉଁଠି ଦେଖାଯାଏ କବିତା ପାଠ ହେଲେ ଶ୍ରୋତାଙ୍କ ସଂଖ୍ୟାଠୁ କବି ଥା'ନ୍ତି ଅଧିକ। ମଞ୍ଚତଳର ଶ୍ରୋତା ମଣିଷଠୁ ମଞ୍ଚ ଉପରେ ଥା'ନ୍ତି ଅଧିକ ମଞ୍ଚମଣିଷ।

କବି ସଂଖ୍ୟା ଦିନକୁ ଦିନ ବଢୁଛି, ଏ କଥା ଖାଲି ଅନୁମାନ କରି କୁହାଯାଉନାହିଁ। ଏହା କୁହାଯାଉଛି, ପ୍ରତ୍ୟକ୍ଷରେ ଦେଖି ଯେ ସାହିତ୍ୟସଭାରେ ଅର୍ଦ୍ଧଶତକ, ଶତକ, ଦ୍ୱିଶତକ କବିଙ୍କୁ ପୁଣି ଗୋଟେ ଦିନରେ ଗୋଟେ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଉଛି। ଯେଉଁଠି ଶହଶହ କବିଙ୍କୁ ପୁରସ୍କାର ଦିଆଯାଏ, ସେଠି ଜଣ ଜଣକର ମାନପତ୍ର ପଠନ କରିବା ଆଉ ସମ୍ଭବ ହୋଇ ନଥାଏ। ଖାଲି ଗୋଟେ ନୀତି ଧରାଯାଏ - ନାଁ ଡକାଗଲେ ମଞ୍ଚକୁ ଆସ, ଆଉ ମାନପତ୍ରଟି ହାତେଇ ନେଇ ଯାଅ। ପୁଣି ଯେଉଁଠି ସାହିତ୍ୟ ସଭା କରାଯାଉଛି, ସେଠି ବି ରହୁଛି କବିତା ପାଠ କାର୍ଯ୍ୟକ୍ରମ। କବିଙ୍କୁ କବିତା ପଢ଼ିବା ସହିତ କବିଙ୍କ ହାତରେ ଧରେଇ ଦିଆଯାଏ ଗୋଟେ ଗୋଟେ ପ୍ରମାଣପତ୍ର।

ଏହା ଗୋଟେ ଧାରା ପାଲଟିଛି କବିଙ୍କୁ ଟାଣିବା ପାଇଁ। କେଉଁଠି କେଉଁଠି ପ୍ରମାଣପତ୍ର ସହିତ ଦିଆଯାଏ ଖଣ୍ଡେ ଖଣ୍ଡେ ଗାମୁଛା। ତାହା ହୋଇଯାଏ କବି ହେବାର ଠୋସ ସ୍ୱୀକୃତିପତ୍ର। ଯେଉଁଠି କବି ଅସଲ ପୁରସ୍କୃତ ବା ସମ୍ବର୍ଦ୍ଧିତ ହୁଅନ୍ତି ସେଠି ପାଆନ୍ତି ମାନପତ୍ର, ସ୍ମୃତିଫଳକ, ସୁନ୍ଦର ଉତ୍ତରୀୟ। ସାଧାରଣତଃ ପ୍ରମାଣପତ୍ରଠୁ ମାନପତ୍ରର ମାନସମ୍ମାନ ବିବେଚିତ ହୁଏ ଅଧିକ। ଆଜିକାଲି ସବୁଠି କବି ଏତେ ସଂଖ୍ୟାରେ ପୁରସ୍କୃତ ହେଉଛନ୍ତି ଯେ ଏଥିରୁ ସହଜେ ମନେକରାଯାଇପାରେ କବିଙ୍କ ସଂଖ୍ୟା ଆମ ଏଠି ବଢୁଛି ନିଶ୍ଚୟ। ତେଣୁ କବିଙ୍କ ସଂଖ୍ୟା ଗାଁ, ସହରରେ ପ୍ରକୃତରେ କେତେ ରହିଛି, ସେ କଥା ଜାଣିବା ପାଇଁ କବି ଲେଖକ ଗଣନା ହେବା ନିହାତି ଆବଶ୍ୟକ ମନେ ହୁଏ। ସରକାରୀ ହେଉ କି ବେସରକାରୀ ଗଣନା କରାଯାଉ। ସେଥିରୁ ନୂଆ ତଥ୍ୟ ସାମ୍ନାକୁ ଆସିପାରେ। ସେମାନଙ୍କ ଭିତରେ ବି ରହିଥାଇପାରନ୍ତି ଦୁଃସ୍ଥ କବି, ସୁସ୍ଥ କବି, ଅସୁସ୍ଥ କବି, ସବଳ କବି, ଦୁର୍ବଳ କବି, ଚତୁର କବି, ଆଶୁ କବି, ଚାନ୍ଦାଜୀବୀ କବି, ଯୋଗାଡ଼ିଆ କବି, ଯାଦୁଆ କବି, ଗୋଠଛଡ଼ା କବି ଏମିତି କେତେ କଣ! ଏହା ହିଁ ଗଣନାର ବାସ୍ତବ ନିର୍ଯାସ ଆଉ ଆଧୁନିକ ଯୁଗର ଯନ୍ତ୍ରଣା।

ବୌଦ୍ଧ, ମୋ: ୯୪୩୭୪୭୮୪୬୬

## ସୃଜନ-ଦୀପ୍ତ ସମ୍ପାଦକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଆଜି ପର୍ଯ୍ୟନ୍ତ ସାହିତ୍ୟିକ ଓ ପାଠକ ମହଲରେ ଏକ ଭ୍ରାନ୍ତ ଧାରଣା ରହି ଆସିଛି ଯେ, ପତ୍ରପତ୍ରିକା ସମ୍ପାଦନା ଏବଂ ସାଂଗଠନିକ କାର୍ଯ୍ୟ ହେଉଛି ସୃଜନଶୀଳତାର ବିକାଶ ପଥରେ ଏକ ପ୍ରତିବନ୍ଧକ। ତେଣୁ ଅନେକ କବି, ଲେଖକ ଏହି ମହତ କାର୍ଯ୍ୟ ସମ୍ପନ୍ନ କରିବା ସକାଶେ ଆନ୍ତରିକ ସ୍ୱୀକୃତି ଦେଇପାରନ୍ତି ନାହିଁ। ଯଦି କେହି ଏକ ଉଚ୍ଚାଭିଳାଷ ନେଇ ଏଭଳି କାର୍ଯ୍ୟ ପ୍ରତି ଆକୃଷ୍ଟ ଓ ସଂଶ୍ଳିଷ୍ଟ ହୁଅନ୍ତି, ତେବେ ଅପ୍ରିୟ ହେବା ଆଶଙ୍କାରେ, ଜୀବନ ଅଶାନ୍ତିମୟ ହେବାର ତାଡ଼ନାରେ, ସାହିତ୍ୟ ସାଧନା ବ୍ୟାହତ ହେବାର ଯନ୍ତ୍ରଣା ଭୋଗ କରି ସେଥିରୁ ମୁକ୍ତିର ମାର୍ଗ ଅନ୍ୱେଷଣ କରନ୍ତି। ଅପରପକ୍ଷରେ ସ୍ୱକୀୟ ମୌଳିକ ପ୍ରତିଭା ସତ୍ତ୍ୱେ ଦେଶ, ଜାତି ଓ ସମାଜର ପ୍ରଗତି ସକାଶେ ସମ୍ପାଦନା ଓ ସଂଗଠନ ସହିତ ଅନ୍ତର ସଂଲଗ୍ନ କରି ଆପଣାକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦିଅନ୍ତି ଅନେକ ଅସାଧାରଣ ବ୍ୟକ୍ତିତ୍ୱ। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏହି ସମୁଚ୍ଚ ସୋପାନର ସମର୍ପିତ ଏକ ବିରଳ ଆତ୍ମା।

ବଡ଼ମ୍ବାରେ ଶିକ୍ଷକ ଭାବରେ କି ଶାନ୍ତିମୟ ଜୀବନ ଅତିବାହିତ ହୋଇଥା'ନ୍ତା ତାଙ୍କର! ଏହାବ୍ୟତୀତ ତାଙ୍କ ପାଣ୍ଡିତ୍ୟକୁ ସାହିତ୍ୟ ସର୍ଜନାରେ ବିନିଯୋଗ କରିପାରିଥା'ନ୍ତେ। ବୁଧ ହଂସ କେଳିସର ବାମଣ୍ଡାର ମହାରାଜା ସାର ବାସୁଦେବ ସୁଢଳ ଦେବ କି ପ୍ରଖର କିରଣ ତାଙ୍କ ବ୍ୟକ୍ତିତ୍ୱକୁ ଆଭାମୟ କରିଥିବାର ଦୃଶ୍ୟ ଦେଖିଲେ, ତାହା ସିଏ ହିଁ ଅନୁଭବ କରିଥିବେ ସିନା! ଦେବଗଡ଼ରୁ ପଣ୍ଡିତ ବିଦ୍ୟାରତ୍ନଙ୍କ ବଳିଷ୍ଠ ସମ୍ପାଦନାର ସ୍ୱାକ୍ଷର ନେଇ ଉଦ୍ଭାସିତ ହୋଇଉଠିଲା 'ସମ୍ବଲପୁର ହିତୈଷିଣୀ'୧୮୮୯ ମଇମାସରେ। ଛିନ୍ନ-ବିଚ୍ଛିନ୍ନ ଓଡ଼ିଆ ଜାତିକୁ ଗୋଟିଏ ସୂତ୍ରରେ ଆବେଗାବଦ୍ଧ କରିବା ପାଇଁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ର ମର୍ଯ୍ୟାଦା ରକ୍ଷା ନିମିତ୍ତ ଦୁଇଟି ମାତ୍ର ଶବ୍ଦରେ ପ୍ରକାଶ କରିବାକୁ ଗଲେ 'ଓଡ଼ିଆ ଅସ୍ମିତା'ର ଜାଗରଣ ସ୍ୱପ୍ନରେ ବିଦ୍ୟାରତ୍ନ ମହୋଦୟ ଗ୍ରହଣ କରିଥିଲେ ସୁଦୃଢ଼ ନେତୃତ୍ୱ।

ଜଣେ ଜଣେ ମଣିଷ ଏକ ଏକ ବିଶେଷଲକ୍ଷ୍ୟ ନେଇ ଏ ଧରାପୃଷ୍ଠରେ ଅବତରଣ କରିଥା'ନ୍ତି। ବିଦ୍ୟାରତ୍ନଙ୍କ ଆବିର୍ଭାବ ତଦନୁଯାୟୀ କେତେ ଅର୍ଥପୂର୍ଣ୍ଣ ତାହା ନିବିଷ୍ଟ ଚିତ୍ତରେ ଚିନ୍ତା କଲେ ଯେକେହି ଉପଲବ୍ଧି କରିପାରିବେ। ସମଗ୍ର ଓଡ଼ିଶାର ରାଜା, ମହାରାଜା, କବି, ଲେଖକ, ସମାଜସେବୀ - ସମସ୍ତଙ୍କୁ ପରସ୍ପର ସହିତ ସମ୍ବନ୍ଧିତ କରିଦେବାରେ ସେ ଗ୍ରହଣ କରିଥିଲେ ଅଭିନବ ଆନ୍ତରିକତା ବିଚ୍ଛୁରଣ-କ୍ଷମ ସାରସ୍ୱତ ଭୂମିକା। ବିଦ୍ୟାରତ୍ନଙ୍କୁ କିଏ ଅବା ଭାବ-ସମ୍ପ୍ରସାରଣର ମାଧ୍ୟମ ଭାବରେ ନିର୍ଭର କରିନାହାନ୍ତି! ସେ ହିଁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କୁ ପ୍ରଥମେ ଲୋକଲୋଚନକୁ ଆଣିପାରିଥିଲେ। 'ସମ୍ବଲପୁର ହିତୈଷିଣୀ'ରେ ତାଙ୍କ ଜୀବନୀ ପ୍ରକାଶ କରିବା ସହିତ ବହୁ କବିତା ସ୍ଥାନିତ କରି ସେ ଓଡ଼ିଶାର କୋଣ ଅନୁକୋଣରେ ତାଙ୍କ ପ୍ରତିଭା ପ୍ରତି ସଜ୍ଜନମଣ୍ଡଳୀଙ୍କ ଶ୍ରଦ୍ଧାନ୍ୱିତ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ବଲପୁର କଚେରୀରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରଚଳିତ ହେବାରୁ ଏହାର ଦୃଢ଼ ପ୍ରତିବାଦ କରି କବିତା ଲେଖିବାର ଶକ୍ତିଭେଦୀ ପ୍ରେରଣା ଦେଇଥିଲେ ଗଙ୍ଗାଧରଙ୍କୁ। ବାଲ୍ୟବିବାହକୁ ସମାଜରେ ନିଷିଦ୍ଧ କରିବା, ବିଧବା ବିବାହକୁ ପ୍ରୋତ୍ସାହିତ କରିବା ଠାରୁ ଆରମ୍ଭ କରି ସମାଜ ସଂସ୍କାରମୂଳକ ବାର୍ତ୍ତାର ଗଭୀର ପ୍ରଭାବ ସୃଷ୍ଟି କରିବାରେ ବିଦ୍ୟାରତ୍ନ ମହୋଦୟ ଯେଉଁ ପ୍ରଶଂସନୀୟ ଭୂମିକାରେ ହେଲେ ଅବତୀର୍ଣ୍ଣ ତାହା ଅନେକ ଲୋକଙ୍କ ଅନ୍ତର୍ଦୃଷ୍ଟି ଉନ୍ମୋଚନ କରିଦେଇ ପାରିଛି। 'ପରବର୍ତ୍ତୀ ସମୟରେ ସେ 'ଉତ୍କଳ ଦୀପିକା', 'ପ୍ରଜାବନ୍ଧୁ', 'ଉତ୍କଳ ମଧୁପ', 'ଗୁଣ ଦର୍ପଣ' ଆଦିର ସମ୍ପାଦନା କରି ସେ ସୁଖ୍ୟାତି ଅର୍ଜନ କରିବା ସହିତ ଗଞ୍ଜାମ ସମ୍ମିଳନୀ ପାଇଁ ଯେଉଁ ପ୍ରଚେଷ୍ଟା କରିଥିଲେ ତାହା ହିଁ ଉତ୍କଳ ସମ୍ମିଳନୀର ଭିତ୍ତି ବୋଲି ଅନୁଭୂତ ହୋଇଛି। 'ସମ୍ବଲପୁର ହିତୈଷିଣୀ'ର ସମ୍ପାଦକ ଭାବରେ ସେ ଯେଉଁ ଅମରତ୍ୱ ଲାଭ କରିଛନ୍ତି ତାହା ବାସ୍ତବିକ ସର୍ବାଦୃତ। ଗଙ୍ଗାଧରଙ୍କ ଆତ୍ମିକ ସମ୍ବର୍ଦ୍ଧନା ଉଚ୍ଛ୍ୱସିତ ଭାବରେ ପ୍ରତିଫଳିତ ହୋଇ ଉଠିଛି 'ବିଦ୍ୟାରତ୍ନଙ୍କ ହିତୈଷିଣୀ'ନାମକ କବିତାରେ। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ 'ସମ୍ବଲପୁର ହିତୈଷିଣୀ' ମଧ୍ୟରେ ପ୍ରାଣସଂଚାର କରିଛନ୍ତି ଆଉ ହିତୈଷିଣୀ ବିଦ୍ୟାରତ୍ନଙ୍କ ଜୀବନକୁ କରି ଦେଇଛି ଗୌରବ ବିମଣ୍ଡିତ।

ଗଙ୍ଗାଧର ସ୍ୱରଚିତ କବିତାରେ ଭାବମୁଗ୍ଧ ହୋଇ ଗାନ କରିଛନ୍ତି - 'ଧନ୍ୟ ଧନ୍ୟ ବାସୁଦେବ ମହୀପାଳମଣି, ଧନ୍ୟ ଧନ୍ୟ କ୍ଷଣଜନ୍ମା ବୁଧ ନୀଳମଣି / ଉତ୍କଳରେ କରି ଶୁଭ ଯଜ୍ଞର ଆରମ୍ଭ, ସ୍ଥାପିଦେଲ କାଳଦର୍ପ ଧ୍ୱଂସୀ ଯୂପସ୍ତମ୍ଭ।' ସୃଜନଶୀଳତାର ଅର୍ଥ କେତେ ବ୍ୟାପକ ତାହା ନୂତନ ଭାବରେ ଉପଲବ୍ଧି କରିବାର ସମୟ ସମୁପସ୍ଥିତ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭


ସକାଳ

THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342


ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଭିଜିଲାନ୍ସ ଜାଲରେ ଆର୍‌ଆଇ ଓ ପିଅନ

**ଢେଙ୍କାନାଳ,୨୮ ।୫(ସମିସ):** ୪ଟି ମ୍ୟୁଟେସନ କେସ୍ ପାଇଁ ୬୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ ଗଣ୍ଡାନାଳୀ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଶଶିଭୂଷଣ ବେହେରା ଓ ତାଙ୍କ କାର୍ଯ୍ୟାଳୟର ପିଅନ ବିଷ୍ଣୁବଲ୍ଲଭ ଖଟୁଆଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଗଣ୍ଡାନାଳୀ ଆରଆଇ ଅଫିସ, ହିନ୍ଦୋଳ ତହସିଲ ଅଫିସ, ଶଶିଭୂଷଣଙ୍କ ପୈତୃକ ଘର ଗଁଦିଆ ଥାନା ଖଙ୍କର ଗ୍ରାମ ଓ ଢେଙ୍କାନାଳ ସହର ଦକ୍ଷିଣକାଳୀ ନିକଟ ସତସଙ୍ଗବିହାରସ୍ଥିତ ଭଡ଼ାଘରେ ଚଢ଼ଉ ଜାରି ରହିଛି।



ସୂଚନାନୁସାରେ, ନୂଆବଗ ଗ୍ରାମର ଅଷ୍ଟମୀ ସାହୁଙ୍କୁ ୪ଟି ଜମିର ମ୍ୟୁଟେସନ୍ କରିବା ପାଇଁ ୧୫ହଜାର ଲେଖାଏଁ ମୋଟ ୬୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ଆର୍.ଆଇ ଶ୍ରୀ ବେହେରା। ଅଷ୍ଟମୀ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିଥିଲେ ହେଁ ଲାଞ୍ଚ ନ ମିଳିଲେ କାମ ହେବ ନାହିଁ ବୋଲି ଶ୍ରୀ ବେହେରା ରୋକଠୋକ୍ ମନା କରିଦେଇଥିଲେ। ତେଣୁ ଏ ସଂପର୍କରେ ଅଷ୍ଟମୀ ଢେଙ୍କାନାଳ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହେବାରୁ ତାଙ୍କୁ ଧରିବାକୁ ଜାଲି ବିଛାଯାଇଥିଲା। ଯୋଜନାନୁସାରେ, ବୁଧବାର ଅଷ୍ଟମୀ ଶଶିଭୂଷଣଙ୍କୁ ତାଙ୍କ ବ୍ୟକ୍ତିଗତ ସହାୟକ ଜରିଆରେ ରାସାୟନିକ ପ୍ରଲେପବୋଳା ୬୦ ହଜାର ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ତାଙ୍କଠାରୁ ଲାଞ୍ଚ ଟଙ୍କା ଉଦ୍ଧାର କରାଯାଇଛି। ଏନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି। ଢେଙ୍କାନାଳ ଭିଜିଲାନ୍ସ ଡିଏସ୍‌ପି ଅନସୂୟା ସେନାପତିଙ୍କ ନେତୃତ୍ୱରେ ଇନ୍ସପେକ୍ଟର୍ ଭାଗ୍ୟଲତା ପ୍ରଧାନ, ଜ୍ୟୋତିଶଙ୍କର ସାହୁ, ମୁକେଶ କୁମାର ବେହେରାଙ୍କ ସହ ଅନ୍ୟ କର୍ମଚାରୀ ଏହି ଚଢ଼ଉରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଶଶିଭୂଷଣ ବିଭିନ୍ନ ସରକାରୀ କାମରେ ଲାଞ୍ଚ ନେଉଥିବା ପୂର୍ବରୁ ମଧ୍ୟ ଭିଜିଲାନ୍ସରେ ଅନେକ ଅଭିଯୋଗ ହୋଇଥିଲା।

■ ଲାଞ୍ଚ ଟଙ୍କା ନେଇ କାର୍‌ରେ ଯାଉଥିଲେ ଅଧୀକ୍ଷଣ ଯନ୍ତ୍ରୀ

# ବାଟ ମଝିରେ ଧରିଲା ଭିଜିଲାନ୍ସ

**ରାୟଗଡ଼ା, ୨୮।୫ (ସମିସ):** ରାୟଗଡ଼ା ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସହଦେବ କିଶାନ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବୁଧବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଜଣେ ଠିକାଦାରଙ୍କଠାରୁ ସେ ଦେଢ଼ଲକ୍ଷ ଟଙ୍କା ଲାଞ୍ଚ ନେଇ ଏକ ସ୍କର୍ପିଓରେ ନିଜ ସରକାରୀ କ୍ୱାର୍ଟର୍ସକୁ ଫେରୁଥିବା ବେଳେ ବାଟରେ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଧରିଛି। ସେ ଉକ୍ତ ଟଙ୍କାର ହିସାବ ଦେଇ ନ ପାରିବାରୁ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଅଟକ ରଖିଛନ୍ତି। ଏହାସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ କିଶାନଙ୍କ ଦୁଇଟି ସ୍ଥାନରେ ଚଢ଼ଉ କରାଯାଇଛି। ସୂଚନାଯୋଗ୍ୟ, ଏକ ବିଲ୍ ପାସ୍ କରିବା ପାଇଁ ସେ ଜଣେ ଠିକାଦାରଙ୍କୁ ଲାଞ୍ଚ ମାଗିଥିଲେ। ଏନେଇ ଠିକାଦାରଜଣଙ୍କ ଭିଜିଲାନ୍ସରେ ଅଭିଯୋଗ କରିବା ପରେ କୋରାପୁଟ ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍‌ପି ସଦାନନ୍ଦ ପାଣି, ଅଭୟ ପ୍ରଧାନ ଏବଂ ଇନ୍ସପେକ୍ଟର୍ ସଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ତିନିଜଣିଆ ଟିମ୍ ବାଟ ଅଧରେ ଚଢ଼ଉ କରି ଟଙ୍କା ସହ ଶ୍ରୀ କିଶାନଙ୍କୁ ଧରିଥିଲେ। ପରେ ସେଠାରୁ ଶିରିଗୁଡ଼ାସ୍ଥିତ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହିତ ବିଭିନ୍ନ ନଥିପତ୍ର ଜବତ କରିଛି ଭିଜିଲାନ୍ସ। ବ୍ରାହ୍ମଣସାହି ନିକଟସ୍ଥ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ସମେତ ତାଙ୍କ ସରକାରୀ ବାସଭବନ ଓ ଅନ୍ୟ କିଛି ସ୍ଥାନରେ ଏହି ଚଢ଼ଉ ଚାଲିଥିବା ଜଣାପଡ଼ିଛି।



## ଅବଶିଷ୍ଟାଂଶ

### ଓଡ଼ିଶାକୁ ୫୦୦ କୋଟି...

ନିର୍ବାଚିତ ହୋଇଥିଲେ ହେଁ କେନ୍ଦ୍ର ନିକଟରେ ଓଡ଼ିଶାର ନ୍ୟାର୍ଯ୍ୟ ଦାବି ବ୍ୟବସ୍ଥିତ ଢଙ୍ଗରେ ଉପସ୍ଥାପିତ ହୋଇପାରୁନଥିବା ହେତୁ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି। ଏହା ସତ୍ତ୍ୱେ ଓଡ଼ିଶା ସାଂସଦଙ୍କ ତୁଣ୍ଡ ଖୋଲୁ ନାହିଁ।

କେନ୍ଦ୍ରୀୟ ଯୋଜନାର ଅର୍ଥ ହ୍ରାସକୁ ନେଇ ରାଜନୈତିକ ମହଲରେ ରାଜ୍ୟ ସରକାର ସମାଲୋଚନାର ଶିକାର ହୋଇଛନ୍ତି। ସାଧାରଣତଃ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ କିସ୍ତି ଆକାରରେ ରାଜ୍ୟଗୁଡ଼ିକୁ ଅର୍ଥ ପ୍ରଦାନ କରାଯାଏ। ଯେଉଁ ରାଜ୍ୟଗୁଡ଼ିକ ସେମାନଙ୍କ କାମ ଶେଷ କରି 'ୟୁସି' ଦାଖଲ କରନ୍ତି, ସେମାନଙ୍କୁ ପରବର୍ତ୍ତୀ କିସ୍ତିରେ ଅର୍ଥ ମିଳିଥାଏ। ଫଳରେ ସମ୍ପୃକ୍ତ ରାଜ୍ୟଗୁଡ଼ିକ କେନ୍ଦ୍ରରୁ ଅଧିକ ଅର୍ଥ ପାଇବାକୁ ସମର୍ଥ ହୋଇଥାଆନ୍ତି। ମାତ୍ର ସରକାର ପରିବର୍ତ୍ତନ ପରେ ପ୍ରଶାସନିକ ସ୍ଥାଣୁତା ଓ ବିକାଶ କାର୍ଯ୍ୟରେ ପ୍ରତିବନ୍ଧକ ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ କ୍ଷେତ୍ରରେ ବାଧକ ହୋଇଛି। ବିରୋଧୀମାନେ ଏ ସଂକ୍ରାନ୍ତରେ କରୁଥିବା ଅଭିଯୋଗ ସତ୍ୟ ସାବ୍ୟସ୍ତ ହୋଇଛି ଓ ଏହା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା କ୍ଷେତ୍ରରେ ଦୃଶ୍ୟମାନ ହୋଇଛି। ପୁନଶ୍ଚ ୨୦୧୧ ଜନଗଣନା ଆଧାରରେ ୨୦୧୭-୧୮ ମସିହାରେ ପ୍ରସ୍ତୁତ ସୂଚୀରେ ରାଜ୍ୟରେ ୫୯,୯୭୧ଟି ରାଜସ୍ୱ ଗ୍ରାମ ରହିଥିଲା। ସେଥିମଧ୍ୟରୁ ୫୧,୬୭୧ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାରରେ ପର୍ଯ୍ୟାୟକ୍ରମେ ସଡ଼କ ସଂଯୋଗୀକରଣ ହୋଇପାରିଛି। ଏବେ ବି ରାଜ୍ୟର ୮୩୦୦ ଗ୍ରାମକୁ ସଡ଼କ ସଂଯୋଗ ହୋଇନାହିଁ। ଏହାମଧ୍ୟରେ କୋରାପୁଟ ଜିଲ୍ଲାର ସର୍ବାଧିକ ୧୩୭୪ଟି ଗ୍ରାମ ଥିବାବେଳେ ରାୟଗଡାର ୧୦୯୯, ନବରଙ୍ଗପୁରର ୬୪୧, କଳାହାଣ୍ଡିର ୫୭୪ ଗ୍ରାମ ରହିଛି। ତାଲିକାରେ ଝାରସୁଗୁଡା ଜିଲ୍ଲାର ୩୪ ଗ୍ରାମ ରହିଥିବା ଜଣାପଡ଼ିଛି।

### ନିଯୁକ୍ତି ବୟସ ସୀମା...

ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଉପରୋକ୍ତ ୨ ପ୍ରସ୍ତାବ ସମେତ ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ନେଇ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ସୂଚନା ଦେଇଛନ୍ତି।

କ୍ୟାବିନେଟ ବୈଠକ ସମାପ୍ତ ହେବା ପରେ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଗଣମାଧ୍ୟମକୁ ସବିଶେଷ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ବିଭିନ୍ନ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସର୍ବୋଚ୍ଚ ବୟସ ସୀମାକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରୁ ବହୁ ନିବେଦନ ଆସିଥିଲା। ଏହାକୁ ବିଚାରକୁ ନେଇ ରାଜ୍ୟ ସରକାର କେତେକ ସେବା ଓ ପଦବୀ ଯେଉଁଠାରେ ସର୍ବୋଚ୍ଚ ବୟସସୀମା ଅଧିକ ଉଲ୍ଲେଖ ରହିଛି, ସେଗୁଡ଼ିକୁ ଛାଡ଼ି ସର୍ବୋଚ୍ଚ ବୟସସୀମାକୁ ୪୨କୁ ବୃଦ୍ଧି କରିଛନ୍ତି। ଏହାସହ ୟୁନିଫର୍ମ ସେବା ଯଥା ପୁଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ସେବା, ଆଦିରେ ଶାରିରୀକ ଦକ୍ଷତା ପରୀକ୍ଷା ରହିଥିବାରୁ ଏହାକୁ ସର୍ବୋଚ୍ଚ ବୟସସୀମାକୁ ବାଦ୍ ଦିଆଯାଇଛି। ଉପରୋକ୍ତ ସର୍ବୋଚ୍ଚ ବୟସସୀମା ଏସସି, ଏସଟି, ଏସଇବିସି, ଅବସରପ୍ରାପ୍ତ ସୈନିକ ଏବଂ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ଦ୍ୱାରା ବିଭିନ୍ନ ସମୟରେ ଜାରି ହେଉଥିବା ନିୟମାବଳୀ ଅନୁସାରେ କୋହଳ ହେବ ବୋଲଲି ସରକାର କହିଛନ୍ତି। ସେହିପରି ସ୍ୱନ୍ତ୍ର ଏଆଇ ନୀତିକୁ ଅନୁମୋଦନ ଦେଇ ସରକାର କହିଛନ୍ତି ଯେ ଏହାଦ୍ୱାରା ଏକ ସ୍ୱତନ୍ତ୍ର ଏଆଇ ମିଶନର ସୃଷ୍ଟି କରାଯିବ। ଯାହା ସରକାରୀ ବିଭାଗମାନଙ୍କ ମଧ୍ୟରେ ଏଆଇ ପ୍ରୟୋଗର ପ୍ରୟାସଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପାଇଁ ସର୍ବୋଚ୍ଚ ପ୍ରତିଷ୍ଠାନ ଭାବେ କାର୍ଯ୍ୟ କରିବ। ଓଡ଼ିଶା ଏଆଇ ମିଶନରେ ଦୁଇ-ସ୍ତରୀୟ ପରିଚାଳନା ବ୍ୟବସ୍ଥା କରାଯାଇଛି। ଗୋଟିଏ ଏଆଇ ଟାସ୍କ ଫୋର୍ସ ହୋଇଥିବା ବେଳେ ଅନ୍ୟଟି ଏଆଇ ସେଲ ରହିଛି। ଏହା ବ୍ୟତୀତ ରାଜ୍ୟ ସରକାର ମେଇଟି ଏବଂ ନାସକମ ସହ ସହଭାଗିତାରେ ଏକ ଏଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି। ଯାହା ଓଡ଼ିଶାର ବୈଷୟିକ ଗବେଷଣା, ଆବିଷ୍କାର ଓ ବିକାଶ ଏବଂ କ୍ଷମତା ବିକାଶ ପାଇଁ ସ୍ୱତନ୍ତ୍ର ବାବେ କାମ କରିବ ବୋଲି କୁହାଯାଇଛି। ସେହିପରି ଅନ୍ୟଏକ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାସ୍ଥିତ ମହିମା ଗାଦିରେ ଉନ୍ନତିମୂଳକ କାର୍ଯ୍ୟ ଓ ଭବ୍ୟ ଶୂନ୍ୟ ମଣ୍ଡପର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ କ୍ୟାବିନେଟ ୧୭୧ କୋଟି ୧୧ ଲକ୍ଷ ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ ଏମ/ଏସ ଆଇରନ୍ ଟ୍ରାଏଙ୍ଗଲ ଲିମିଟେଡ ସପକ୍ଷରେ ଅନୁମୋଦନ କରିଛନ୍ତି।

୩୬ ମାସ ମଧ୍ୟରେ ଏହି କାର୍ଯ୍ୟ ସମାପନ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହା ସ୍ଥାନୀୟ ବିକାଶ ସହ ପର୍ଯ୍ୟଟନମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ସରକାର କହିଛନ୍ତି। କ୍ୟାବିନେଟରେ ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା(ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତ) ନିୟମାବଳୀ, ୨୦୨୫କୁ ସରକାର ଅନୁମୋଦନ ଦେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ୧୯୭ ଜଣ ଚକ୍ଷୁଚିକିତ୍ସା ସହାୟକ କାର୍ଯ୍ୟରତ ଅଛନ୍ତି। ଏହାସହ ରାଜ୍ୟ ସରକାର ଗତବର୍ଷ ଚକ୍ଷୁଚିକିତ୍ସା ସେବା ସମ୍ବର୍ଗ ଅଧିନରେ ମୂଳ ପଦବୀରେ ମୋଟ ୫୩୮ଟି ପଦବୀ ସୃଷ୍ଟି କରିଥିଲେ। ବର୍ତ୍ତମାନ ମୂଳ ପଦବୀରେ ୧୪୧ଟି ନୂଆ ପଦବୀ ସୃଷ୍ଟି ହେବାକୁ ଯାଉଛି। ଏହାସହ ପଦୋନ୍ନତି ଭିତ୍ତିରେ ପଦାନୁକ୍ରମେ ବିଭିନ୍ନ ପଦବୀ ପୂରଣ ପାଇଁ ମୋଟ ୨୦୦ଟି ପଦବୀ ସୃଷ୍ଟି କରାଯାଇଛି। ଏହି ସେବା ସମ୍ବର୍ଗ ସୃଷ୍ଟି ହୋଇଥିବାରୁ ନିୟମିତ ଭାବେ କାର୍ଯ୍ୟ କରୁଥିବା ଯୋଗ୍ୟ ଚକ୍ଷୁ ଚିକିତ୍ସା ସହାୟକମାନଙ୍କର ବୃତ୍ତିଗତ ଜୀବନରେ ଉନ୍ନତି ଆସିବ ବୋଲି ସରକାର ଆଶା ରଖିଛନ୍ତି।

ଅପରପକ୍ଷେ ଜଗତସିଂହପୁର ଜିଲ୍ଲାର ଜଟାଧାର ମୁହାଣଠାରେ ଏକ ନିଜସ୍ୱ ଜେଟି ନିର୍ମାଣ ପାଇଁ ରାଜ୍ୟ ସରକାର ଏବଂ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ମଧ୍ୟରେ ରିଆତି ଚୁକ୍ତିନାମା ସ୍ୱାକ୍ଷରକୁ ଅନୁମୋଦନ ଦେଇଛନ୍ତି। ଏହି ଜେଟି ଦ୍ୱାରା ରାଜ୍ୟ ସରକାର ରାଜସ୍ୱ ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଥିବା ବେଳେ ଓଡ଼ିଶା ବନ୍ଦର ନୀତି, ୨୦୨୨ ଅନୁଯାୟୀ ବନ୍ଦର ସମ୍ପର୍କିତ ଶିଳ୍ପର ବିକାଶ ସହ ବନ୍ଦରକୁ ସଂଯୋଗ କରୁଥିବା ଭିତ୍ତିଭୂମିର ବିକାଶକୁ ଏହି ଜେଟି ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପ ମାଧ୍ୟମରେ ୩୪୫୦ ଲୋକଙ୍କୁ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ନିଯୁକ୍ତି ମିଳିବା ନେଇ ଲକ୍ଷ୍ୟ ରଖାଯାଇଛି।

### ଓଡ଼ିଶାରେ ମୌସୁମୀ ...

ଅନୁକୂଳ ପାଗ ଓ ସକ୍ରିୟ ଲଘୁଚାପ କାରଣରୁ ମୌସୁମୀ କ୍ଷିପ୍ର ଗତିରେ ପ୍ରବେଶ କରିଥିବା କୁହାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ପ୍ରଥମ ଦିନରେ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରିକୁ ମୌସୁମୀ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିଥିବା ବେଳେ ମାଲକାନଗିରି, ରାୟଗଡ଼ା ଓ ଗଜପତି ଜିଲ୍ଲାକୁ ମୌସୁମୀ ଆଂଶିକ ଛୁଇଁଛି। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଏହିସବୁ ସ୍ଥାନରେ ଦୁଇ ଦିନ ହେବ ଭାରି ବର୍ଷା ରେକର୍ଡ କରାଯାଇଛି। ମୌସୁମୀ ଆଗକୁ ବଢ଼ିବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଥିବାରୁ ଦିନେ ଦୁଇ ଦିନ ମଧ୍ୟରେ ରାଜ୍ୟର ଅନ୍ୟ କେତେକ ଜିଲ୍ଲାକୁ ମଧ୍ୟ ମୌସୁମୀ ଅଗ୍ରସର ହେବାର ସମ୍ଭାବନା ରହିଛି। ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସଦୃଶ୍ୟ ଲଘୁଚାପରେ ପରିଣତ ହୋଇଥିବା ବେଳେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ଦୁଇ ଦିନରେ ମୌସୁମୀ ଆହୁରି ସକ୍ରିୟ ହୋଇ ଆଗକୁ ବଢ଼ାଇବାରେ ଏହା ସହାୟକ ହେବ ବୋଲି କୁହାଯାଇଛି। ଉଭୟ ମୌସୁମୀ ଓ ସକ୍ରିୟ ଲଘୁଚାପ ପ୍ରଭାବରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଅଧିକାଂଶ ଜିଲ୍ଲାରେ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ଗତ ୩୬ ଘଣ୍ଟା ମଧ୍ୟରେ ଚାନ୍ଦବାଲିରେ ସର୍ବାଧିକ ୯୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ପାରାଦୀପରେ ୫୨, ପୁରୀ ୬୨, ଅନୁଗୁଳ ୭୪, ଭବାନୀପାଟଣା ୫୬, ଦାରିଙ୍ଗବାଡ଼ି ୮୨, ନବରଙ୍ଗପୁର ୫୩, କେନ୍ଦ୍ରାପଡ଼ା ୫୮ ଓ ଢେଙ୍କାନାଳରେ ୪୬ ମିମି ବର୍ଷା ରେକର୍ଡ କରାଯାଇଛି।

ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେହିପରି ବାକି ସବୁ ଅଞ୍ଚଳ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ବର୍ଷା ସାଙ୍ଗକୁ ସମୁଦ୍ର ମଧ୍ୟରେ ପବନର ବେଗ ୪୫-୫୫ ଓ ଝଟକା ୬୫ କମି ରହିବାକୁ ଥିବାରୁ ଉତ୍ତର ବଙ୍ଗୋପସାଗର ସଂଲଗ୍ନ କେନ୍ଦ୍ରୀୟ ବଙ୍ଗପୋସାଗର ଅଶାନ୍ତ ରହିବ। ତେଣୁ ୩୦ ତାରିଖ ପର୍ଯ୍ୟନ୍ତେ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବା ପାଇଁ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ମୌସୁମୀ ଆଗୁଆ ଛୁଇଁବା ନେଇ ପୂର୍ବାନୁମାନ କରାଯାଇଥିଲା; ମାତ୍ର ଚଳିତ ବର୍ଷ ମୌସୁମୀ ପ୍ରବେଶ ୧୬ ବର୍ଷ ମଧ୍ୟରେ ସବୁଠୁ ଆଗୁଆ ରହିଛି। ତଥ୍ୟ ଅନୁଯାୟୀ, ୧୯୬୦ ମସିହାରୁ ଆଜି ପର୍ଯ୍ୟନ୍ତ କେବଳ ୨ ଥର ମେ' ମାସରେ ମୌସୁମୀ ଓଡ଼ିଶା ଛୁଇଁବାର ନଜିର ରହିଛି। ୨୦୦୯ ମସିହାରେ ଶେଷଥର ପାଇଁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ ୨୫ ତାରିଖରେ ଓଡ଼ିଶା ଛୁଇଁଥିଲା। ଏହାପୂର୍ବରୁ ୧୯୯ ମସିହାରେ ମଧ୍ୟ ୨୮ ମେ'ରେ ମୌସୁମୀ ଓଡ଼ିଶା ଛୁଇଁଥିଲା। ଏବେ ପୁଣି ଥରେ ମୌସୁମୀ ମେ' ମାସରେ ଓଡ଼ିଶା ଛୁଇଁ ପୁରୁଣା ରେକର୍ଡ ଦୋହରାଇଛି।

■ ଆଜିଠୁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ ପାଇଁ ଆବେଦନ

# ପ୍ରବେଶିକା ପରୀକ୍ଷା ନେଇ ସ୍ୱଷ୍ଟତା ନାହିଁ

**ଭୁବନେଶ୍ୱର,୨୮ ।୫(ସମିସ):** ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ ପାଇଁ ଆସନ୍ତାକାଲି ଅର୍ଥାତ୍ ଗୁରୁବାରଠାରୁ ଆବେଦନ ଆରମ୍ଭ ହେବ। ଆଶାୟୀମାନେ ଜୁନ୍ ୨୪ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଆବେଦନରେ କୌଣସି ତ୍ରୁଟି ଥିଲେ, ୨୫ ତାରିଖରେ ସଂଶୋଧନ କରିବାକୁ ସୁଯୋଗ ମିଳିବ। ଜୁଲାଇ ୩ରେ ଓକାକ୍ ପକ୍ଷରୁ ଆବେଦନକାରୀଙ୍କ ତଥ୍ୟ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସଏଚ୍‌ଇସି) ନିକଟରେ ଦାଖଲ କରାଯିବ। ପ୍ରମାଣପତ୍ର ଯାଞ୍ଚ ତାରିଖ ପରବର୍ତ୍ତୀ ସମୟରେ ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଚଳିତଥର କେବଳ ପିଏଚ୍‌ଡି ତାଲିକାଭୁକ୍ତ ହୋଇଥିବା ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା, ବିଜ୍ଞପ୍ତିରେ ପ୍ରବେଶିକା ପରୀକ୍ଷା ହେବ ନା ନାହିଁ, ସେନେଇ କୌଣସି ସୂଚନା ଦିଆଯାଇ ନାହିଁ। ୨୦୨୩-୨୪ରେ ପ୍ରଥମଥର ପାଇଁ ମେଧା ଚୟନ ପାଇଁ ପ୍ରବେଶିକା ପରୀକ୍ଷା ହୋଇଥିଲା। ଏହା ପୂର୍ବରୁ ପ୍ରବେଶିକା ପରୀକ୍ଷା ହେଉ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ବଢ଼ିଛି। ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କେବଳ ୩ଶହ ଜଣଙ୍କୁ ଏହି ବୃତ୍ତିରାଶି ପ୍ରଦାନ କରାଯାଉଥିବାରୁ ଆବେଦନକାରୀଙ୍କ ସଂଖ୍ୟାକୁ ଦେଖି ପରବର୍ତ୍ତ ସମୟରେ ପରୀକ୍ଷା କରାଯିବ ନା ନାହିଁ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

# ବିଜେଡି ଛାଡ଼ିଲେ ପ୍ରୟାସକାନ୍ତି ସାମଲ

**ଭଦ୍ରକ, ୨୮।୫ (ସମିସ):** ଭଦ୍ରକର ପ୍ରାକ୍ତନ ପୌରାଧ୍ୟକ୍ଷ ତଥା ବିଜେଡିର ପ୍ରାକ୍ତନ ସମ୍ପାଦକ ପ୍ରୟାସକାନ୍ତି ସାମଲ ଆଜି ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଭଦ୍ରକ ନୂଆବଜାରସ୍ଥିତ ତାଙ୍କ ବାସଭବନରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି। ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଥିବା ସୂଚନା ଦେଇଛନ୍ତି। ତେବେ ବ୍ୟକ୍ତିଗତ କାରଣ ପାଇଁ ସେ ବିଜେଡି ଛାଡ଼ିଥିବା କହିଛନ୍ତି। ବିଜେଡି ଛାଡ଼ିବା ପରେ ପ୍ରୟାସକାନ୍ତି କହିଛନ୍ତି, କୌଣସି ଦଳରେ ନ ରହି ଲୋକଙ୍କ ସେବା ଜାରି ରହିବ।

# ବଜ୍ରପାତରେ ଜଣେ ମୃତ

**କଟକ, ୨୮।୫ (ସମିସ):** କଟକ ଜିଲ୍ଲା ବାଙ୍କୀ ବ୍ଲକ୍‌ରେ ଆଜି ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଆଜି ଅପରାହ୍ଣରେ ବାଙ୍କୀ ବ୍ଲକ୍ ଅନ୍ତର୍ଗତ କାଳୀପୋଇ ଗ୍ରାମ ପଞ୍ଚାୟତର କରଡ଼ାପଲି ଗ୍ରାମର ୩ ଜଣ ସାଙ୍ଗ ଏକ ବାଇକ୍‌ରେ କଳାପଥର ଯାଉଥିଲେ। ମାତ୍ର ବର୍ଷା ଜୋର୍‌ରେ ହେବାରୁ ୩ଜଣ ଯୁବକ ବାଇକ୍ ରଖି ଗୋଟିଏ ଆମ୍ବ ଗଛ ମୂଳରେ ଛିଡ଼ା ହୋଇଥିଲେ। ସେହି ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୩ଜଣ ଯୁବକ ତଳେ ପଡ଼ିଯାଇଥିଲେ। ସମସ୍ତଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି କଳାପଥର ଡାକ୍ତରଖାନାକୁ ଆଣିବା ବେଳକୁ ଆକାଶ ନାୟକ ନାମକ ଜଣେ ଯୁବକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।


**ANTARES SYSTEMS LIMITED**
Ph.: 080-40482100/033-46046611
Email: esale@etenderwizard.com
e-Auction for disposal of Burnt Oil, Old, Used & Unserviceable **Items of Mahanadi Coalfields Limited, Sambalpur. Website: www.tenderwizard.com/ESALE.**
**Auction No's**
1) ASL/MCL/DISPOSAL/25-26/04
Auction Date: 02-06-2025
For further information, contact Helpdesk at the above address.
**Refer Sale notice for further details.**

**NOTICE**
By virtue of an affidavit sworn before Executive Magistrate, Bhubaneswar vide Serial No. 81 dt.13.05.2025 I, PRUTHWIRAJ JENA resident of At/ PO- Raghunathpur, P.S.- Nandankanan, Dist. Khordha, Odisha declare that I have changed my name from PRUTHWI RAJA JENA to PRUTHWIRAJ JENA. Henceforth I shall be known as PRUTHWIRAJ JENA for all purposes.
(PRUTHWIRAJ JENA)

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri *Guru Kanteri* S/o- Mangu Kanteri , Village - KhataGoudaput, Post - MaliBelgaon , PS -Nandapur, Dist - KORAPUT declare that I have changed my daughters name from ***Dhanasari Kanteri** to **Dhaneswari Kanteri***. Henceforth, my daughter shall be known as ***Dhaneswari Kanteri*** for all purpose.
Sd/- *Guru Kanteri*

**AFFIDAVIT**
I, Digambar Muduli, S/o- Sunakar Muduli, resident of Kesarpur, Danapur, Kendrapara, Pin-754210, Odisha declare by this affidavit No- 462, dated- 26/05/2025 that now onwards I shall be known as **DIGAMBARA MUDULI** for all future purposes.

**NOTICE**
By virtue of an affidavit No. 2537, dated 27/05/2025 sworn before The Notary Public, Sunabeda, I, Smt. Jimu Muduli, W/o- Damodara Muduli Vill:- Taintar, PO- Bheja PS- Padwa, Dist.: Koraput declare that I have changed my name from Jimbu Muduli to Jimu Muduli. Henceforth, I shall be known as Jimu Muduli for all purposes.
Jimu Muduli

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri DHANIA GEMAL S/o- *GURU GEMAL*, Village - JANTAPUT, Post - BADEL, PS- PADUA, Dist.- KORAPUT declare that I have changed my daughters name from ***Jagani Gemal** to **JOGINI GEMEL***. Henceforth, my daughter shall be known as ***JOGINI GEMEL*** for all purpose.
Sd/- Dhania Gemal

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri *KAMAL LOCHAN KURUKURIA* S/o- DHANA KURUKURIA, Village - MALIBHIMDOL, Post - BALDA , PS- PADUA, Dist - KORAPUT declare that I have changed my name from ***KAMAL LACHHAN KURUKURIYA** to **KAMAL LOCHAN KURUKURIA***. Henceforth, I shall be known as *KAMAL LOCHAN KURUKURIA* for all purpose.
Sd/- *KAMAL LOCHAN KURUKURIA*

**SALE**
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
**Contact**
**GADHWAL GROUP**
**M.: 9437015112**

**AFFIDAVIT**
I, **Anushka Agrawal,** D/o.: Prakash Kumar Agarwal, Resident of Prafulla Mishra Apartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11532 dtd 27.05.2025 that now onwards I shall be known as **ANUSHKA AGARWAL** for all future purposes.

**AFFIDAVIT**
I, **Prakash Agrawal,** S/o.: Late Sanwar Mal Agrawalla, Resident of Prafulla Mishra Appartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11536 dtd 27.05.2025 that now onwards I shall be known as **PRAKASH KUMAR AGARWAL** for all future purposes.

**AFFIDAVIT**
I, **Sital Agrawal,** W/o.: Prakash Kumar Agarwal, Resident of Prafulla Mishra Appartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11533 dtd 27.05.2025 that now onwards I shall be known as **SHEETAL AGARWAL** for all future purposes.

**AFFIDAVIT**
By virtue of an affidavit sworn before Notary Public, Koraput, dtd. 27.05.2025, I, Danu Majhi resident of Kendumaliguda, Sunabeda, Dist.- Koraput - 763001 declare that I have changed my name from Ddnamati Majhi to danu Majhi. Henceforth I shall be known as Danu Majhi for all purposes.
Sd/- Danu Majhi

**AFFIDAVIT**
I, Hata Kishore Misra, S/o- Late Dinabandhu Mishra, Plot No.: M-29, Madhusudan Nagar, Unit-4, Bhubaneswar-751001, Dist.: Khordha, Odisha declare by this affidavit No. 85, dtd.- 27/05/2025 that now onwards I shall be known as **HATA KISHORE MISHRA** for all future purposes.

**AFFIDAVIT**
By virtue of an affidavit sworn before Notary Public Titilagarh, dated 27.05.2025 I, Kasturi Devi, Address At- Brahmanipali Jungle, Po- Gajabandh, Ps- S. Rampur, Dist- Subarnapur, Odisha, Pin- 767019 declare that I have changed my name from Kasturi Bag to Kasturi Devi. Henceforth, I shall be known as **Kasturi Devi** for all purposes.
Kasturi Devi

**AFFIDAVIT**
By virtue of an affidavit no. 3854, dtd. 13.05.2025 in the court of the Executive Magistrate, Umerkote, Dist.- Nabarangpur, I, Lachaman Lahra have changed my name from Lachman Kamar to Lachman Lahra. Henceforth I shall be known as Lachaman Lahra for all purposes.
Sd/- Lachaman Lahra

**AFFIDAVIT**
By virtue of an affidavit sworn before Notary Public Titilagarh, dated 24.05.2025 I, Rasmi Tandi, Adress At- Satighat, Turla, Po- Bhatipara, Ps- Titilagarh, Dist- Balangir, Odisha, Pin- 767042 declare that I have changed my daughter's name from Shradha Tandi to Shradhanjali Tandi. Henceforth, she shall be known as **Shradhanjali Tandi** for all purposes.
Rasmi Tandi

**AFFIDAVIT**
I, Krishna Chandra Rath, aged about 63 years, S/o- Raghunath Rath, resident of Damadarapur, Gop, Siso, Dist- Puri, Pin- 752110, Odisha declared by this affidavit No. 1087, dtd- 27/05/2025 that now onwards I shall be known as **KRUSHNA CHANDRA RATH** for all future purposes.

**AFFIDAVIT**
I, Deepak Chandra Ota, aged about 48 years, S/o- Gobinda Ota, resident of Flat No- 302, Paradise Home, K3b, Kalingaganar, Bhubaneswar, Pin- 751003, Odisha declared by this affidavit No. 1088, dtd- 27/05/2025 that now onwards I shall be known as **DEEPAK KUMAR HOTA** for all future purposes.

**AFFIDAVIT**
I, **Jayadeep Achariya,** S/o- Nilambar Achariya, resident of At- Ground Floor, Plot No- 261, Forest Park, Ps- Capital, Bhubaneswar, Pin- 751009, Odisha declare that changed my minor daughter's name from **Ayushi Acharya To Ayushi Achariya** by this affidavit No- 891, dated- 19/04/2025 that now onwards she shall be known as **Ayushi Achariya** for all future purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I *Kumari Kausalya Padal* D/o- Ghanashyam Padal, Village - Padalput, Post - Balda, PS - Padua, Dist - KORAPUT declare that I have changed my name from ***Kaushalya Padal** to **Kumari Kausalya Padal***. Henceforth, I shall be known as ***Kumari Kausalya Padal*** for all purpose.
Sd/- *Kumari Kausalya Padal*

**AFFIDAVIT**
I, Sanjukta Misra, W/o- Hata Kishore Misra, Plot No.: M-29, Madhusudan Nagar, Unit-4, Bhubaneswar-751001, Dist.: Khordha, Odisha declare by this affidavit No. 86, dtd.- 27/05/2025 that now onwards I shall be known as **SANJUKTA MISHRA** for all future purposes.

**NOTICE**
It is for information of all concern that the Partnership Firm namely M/S SAI FOOD PRODUCTS bearing Regn No.- 2420202301436 of Dist.- Nayagarh has been Re-constituted w.e.f. 01-04-2025 as follows:-

| | | |
|---|---|---|
| I) | **Rupesh Kumar Agrawalla** | Existing Partner-cum-Managing Partner |
| ii) | **Rakesh Kumar Behera** | Existing Partner |
| iii) | **Manoj Kumar Subudhi** | Existing Partner |
| iv) | **Ashok Kumar Sahoo** | Retiring Partner |
| v) | **Sunil Kumar Agrawalla** | Retiring Partner |

Sd/-
**Sri Rupesh Kumar Agrawalla**
**Managing Partner**

### ବଢୁଛି ନୟାଗଡ଼ ଗୁଡ଼ର ଚାହିଦା

# ଗୁଡ଼ ଉପରେ ନିର୍ଭରଶୀଳ ମଧୁମେହ ରୋଗୀ

ନୟାଗଡ଼,୨୮।୫(ସମିସ)





ଦିନ ଥିଲା ନୟାଗଡ଼ ଜିଲ୍ଲାରେ ହଜାର ହଜାର ହେକ୍ଟର ଆଖୁଚାଷ କରାଯାଉଥିଲା। ପାଣିପୋଇଲାସ୍ଥିତ ଚିନି କାରଖାନା ଉପରେ ଭରସା କରି ଜିଲ୍ଲାର ୫୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଆଖୁ ଚାଷ କରୁଥିଲେ। ଚିନି କାରଖାନା ବନ୍ଦ ହେବା ପରେ ଜିଲ୍ଲାରେ ଆଖୁଚାଷ ବ୍ୟାପକ ପରିମାଣର ହ୍ରାସ ଘଟିଛି। ହଜାର ହଜାର ହେକ୍ଟର ବଦଳରେ ଜିଲ୍ଲାରେ ମାତ୍ର ଅଳ୍ପ ପରିମାଣର ଆଖୁଚାଷ ହେଉଛି। ଯେଉଁ ଗାଁରେ ୧ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଆଖୁଚାଷ ହେଉଥିଲା, ଉକ୍ତ ଗାଁଗୁଡ଼ିକରେ ଏବେ ୨/୪ ଏକର ଆଖୁଚାଷ ହେଉଛି। କେବଳ ଦେଶୀ ଗୁଡ଼ର ଚାହିଦା ଓ ଚାଷକୁ ବଞ୍ଚାଇ ରଖିବା ପାଇଁ ଚାଷୀ ଆଖୁଚାଷ କରୁଥିବା କହିଛନ୍ତି। ମୁଖ୍ୟତଃ ନୟାଗଡ଼ ଜିଲ୍ଲାର ବିଭିନ୍ନ ଶାଳରେ ପ୍ରସ୍ତୁତ ହେଉଥିବା ଗୁଡ଼ର ଚାହିଦା ରାଜ୍ୟର ବିଭିନ୍ନ ସ୍ଥାନରେ ରହିଥିବାରୁ ଆଖୁଚାଷ କରାଯାଉଥିବା ଜଣାପଡ଼ିଛି। ଏହି ଗୁଡ଼ ମଧୁମେହ ରୋଗୀ ଖାଇବା ପାଇଁ ବ୍ୟବହାର କରୁଥିବାରୁ ଏହାର ଚାହିଦା ଅଧିକ ରହିଥିବା ଜନୈକ ଚାଷୀ କହିଛନ୍ତି। ବଜାରରେ ମିଳୁଥିବା ଧଳା ଗୁଡ଼, ଡବା ଗୁଡ଼ରେ ଅପମିଶ୍ରଣ କରାଯାଉଥିବାବେଳେ ଶାଳରେ ପ୍ରସ୍ତୁତ ଦେଶୀ ଗୁଡ଼କୁ ଲୋକେ ପ୍ରାଧାନ୍ୟ ଦେଉଛନ୍ତି।

ନୟାଗଡ଼ ଗୁଡ଼ର ଚାହିଦା ସାରା ରାଜ୍ୟରେ ଥିବା ଜାଣି, କିଛି ବ୍ୟବସାୟୀ ଗୁଡ଼ ତିଆରି କଳ ବସାଇ ଅପମିଶ୍ରଣ କରୁଥିବା ଅଭିଯୋଗ ହେଉଛି। ରାଜ୍ୟ ବାହାରୁ ଶୁଖିଲା ବସ୍ତା ଗୁଡ଼ ଆଣି ତାକୁ ଗୁଣ୍ଡ କରାଯାଉଛି। ସେଥିରେ ପାଣି ଓ କେମିକାଲ ମିଶାଇ ପୁଣି ଥରେ ରନ୍ଧାଯାଉଛି। ସେହି ଗୁଡ଼କୁ ଛୋଟ ଛୋଟ ଡବାରେ ପ୍ୟାକିଂ କରି ନୟାଗଡ଼ ଗୁଡ଼ ବୋଲି ଉଲ୍ଲେଖ କରି ବଜାରରେ ବିକ୍ରି କରାଯାଉଛି। ବିଭିନ୍ନ ମଲ୍, ଗ୍ରୋସରୀ ଦୋକାନରେ ଏହା ବହୁଳ ଭାବରେ ବିକ୍ରି କରାଯାଉଥିବା ବେଳେ ତାହା ସ୍ୱାସ୍ଥ୍ୟ ପାଇଁ ବହୁ କ୍ଷତିକାରକ ବୋଲି ଅଭିଯୋଗ ହେଉଛି। କଳରେ ଆଖୁ ପେଡ଼ି ପଣା ବାହାର କରିବା ପରେ ଚୁଲିରେ ଏହାକୁ ଅତ୍ୟଧିକ ଗରମ କରି ବା ଟକମକ ଫୁଟାଇ ଗୁଡ଼ ପ୍ରସ୍ତୁତ କରାଯାଇଥାଏ। ଗୁଡ଼ ସହିତ ନୟାଗଡ଼ ଫୁଲ ଗୁଡ଼ର ଚାହିଦା ସବୁଠାରୁ ଅଧିକ ରହିଛି। ସାଧାରଣ ଭାବରେ ପ୍ରସ୍ତୁତ ହେଉଥିବା ଗୁଡ଼ଠାରୁ ଫୁଲଗୁଡ଼ ପ୍ରସ୍ତୁତି ସମ୍ପୂର୍ଣ୍ଣ ଭିନ୍ନ। କେହି କେହି ଏହାକୁ ମୁହଁବନ୍ଧା ଗୁଡ଼, ମୁହଁ ଗୁଡ଼ ବା ଉପର ଗୁଡ଼ କୁହନ୍ତି। ବାସ୍ତବରେ ଗୁଡ଼ ରନ୍ଧା ହାଣ୍ଡିରୁ ଗୁଡ଼ ଯେତେବେଳେ ମାଟିହାଣ୍ଡି ବା ଟିଣରେ ବିକ୍ରୟ ପାଇଁ ରଖାଯାଏ, କ୍ଷୀରରେ ସର ପଡ଼ିବା ଭଳି ସେଇ ହାଣ୍ଡି ବା ଟିଣରେ କିଛି ଗୁଡ଼ ଉପର ଭାଗରେ ରହିଥାଏ। ଏହା ସ୍ୱାଭାବିକ ଭାବେ ହାଲୁକା, ଯାହାକି ମଧୁମେହ ରୋଗୀ ମୁଖ୍ୟତଃ ଚା', କଫି ଏବଂ ରୁଟି ସାଥିରେ ଖାଇବାକୁ ପସନ୍ଦ କରିଥା'ନ୍ତି। ଏଥିରେ ମଧୁମେହ ବୃଦ୍ଧି ପାଇବାର ସମ୍ଭାବନା କମ୍ ବୋଲି ଜଣାଯାଇଥାଏ। ନୟାଗଡ଼ରେ ଦେଶୀ ଗୁଡ଼ କେଜି ୫୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଫୁଲଗୁଡ଼ କେଜି ୮୦ରୁ ୧୦୦ ଟଙ୍କା ବୋଲି ଜଣାଯାଇଛି।

**ଦେଶୀ ଆଖୁରୁ ପ୍ରସ୍ତୁତ ଫୁଲଗୁଡ଼ର ଗୁରୁତ୍ୱ ବେଶୀ**

ନୟାଗଡ଼ରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଦେଶୀ ଗୁଡ଼ ଓ ଫୁଲଗୁଡ଼ ରପ୍ତାନୀ ହେଉଥିବାବେଳେ ଏବେ ଅନେକ ଦେଶୀ ମଦ ବ୍ୟବସାୟୀ ଏହାକୁ କବ୍‌ଜା କରି ନେଉଛନ୍ତି। ଦେଶୀ ଗୁଡ଼ରୁ ଦେଶୀ ମଦ ପ୍ରସ୍ତୁତ କରିବା ପାଇଁ ବହୁ ପରିମାଣର ଗୁଡ଼ ବ୍ୟବହାର କରାଯାଉଛି। ନୟାଗଡ଼ରେ ଆଖୁଚାଷର ଉନ୍ନତି ଓ ଗୁଡ଼ ପ୍ରସ୍ତୁତି ପାଇଁ କୃଷି ବିଭାଗ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ବାପା-ମାଆ ସେବାଶ୍ରମ ଟ୍ରଷ୍ଟ ଉଦ୍‌ଘାଟିତ



ନୟାଗଡ଼,୨୮।୫(ସମିସ): ନିରୀହ ଅସହାୟ ବୃଦ୍ଧ ଓ ବୃଦ୍ଧାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ଜଟଣୀ ନିକଟସ୍ଥ ରାଣୀପୁରଠାରେ ଥିବା ବାପା-ମାଆ ସେବାଶ୍ରମ ଟ୍ରଷ୍ଟ ପକ୍ଷରୁ ଅନ୍ତେବାସୀଙ୍କ ପାଇଁ ଏକ ସେବାଶ୍ରମ ସମାଜସେବୀ ଗୌତମ ମହାରଣାଙ୍କ ଦ୍ୱାରା କାର୍ଯ୍ୟକ୍ଷମ ରହିଥିବାବେଳେ ନୟାଗଡ଼ ଜିଲ୍ଲା ରଣପୁରରେ ସେବାଶ୍ରମର ଏକ ଶାଖା ଉଦ୍‌ଘାଟିତ ହୋଇଛି। ଏହି ସେବାଶ୍ରମରେ ଅସହାୟ ବୃଦ୍ଧ-ବୃଦ୍ଧାଙ୍କ ସହିତ ଶିଶୁମାନଙ୍କ ପାଇଁ ମଧ୍ୟ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ପ୍ରତିଷ୍ଠାତା ଗୌତମ କହିଛନ୍ତି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଣୀପୁର ସେବାଶ୍ରମର ସଭାନେତ୍ରୀ ଜ୍ୟୋତି ମହାରଣା, ମ୍ୟାନେଜର ଧୀରେନ୍ ଛୋଟରାୟ, ସମାଜସେବୀ ଦୀପକ ନାୟକ, ସୁଦୀପ୍ତ ସେଠୀ, ଚିତ୍ତରଞ୍ଜନ ବେହେରା, ଶୁଭଶ୍ରୀ ସାମନ୍ତରାୟ, ହାପି ବାବୁ, ତପନ ଭାଇ, ନଣ୍ଡା ବେହେରା, ରାହୁଲ ମହାରଣା, କାହ୍ନୁ ଚରଣ ମହାରଣା, ବାପିନା ସେଠୀ, ସଂଗ୍ରାମ ମହାରଣା, ସିବୁନା ପଣ୍ଡାଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।

### ■ ଜମିବାଡ଼ି ବିବାଦକୁ ନେଇ ହତ୍ୟା ଘଟଣା

## ସଦର ଥାନା ପୁଲିସର ଛାନ୍‌ଭିନ୍; ୩ ଅଟକ

ନୟାଗଡ଼,୨୮।୫(ସମିସ): ନୟାଗଡ଼ ସଦର ଥାନା ଦୁରୁଦୁରା ଗାଁରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଦୁଇ ଭାଇଙ୍କ ପରିବାର ମଧ୍ୟରେ ହଣାକଟାରେ ଅନ୍ୟ ଜଣେ ବଳିପଡ଼ିବା ସହ ୬ ଜଣ ଗୁରୁତର ହୋଇଥିଲେ। ଏହି ଘଟଣାରେ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ୩ ଜଣଙ୍କୁ ଅଟକ ରଖିଛି। ଦୁରୁଦୁରା ଗାଁର ଦୁଃଖିଶ୍ୟାମ ବଡ଼ତିଆ ଏବଂ ଭ୍ରମର ବଡ଼ତିଆ ଦୁଇଭାଇ। ଭ୍ରମର ନିଜର ଗୋଟିଏ ଜାଗାକୁ ସେହି ଗାଁର ବାବୁ ସ୍ୱାଇଁଙ୍କୁ ବିକ୍ରି କରିବାକୁ କଥା ହୋଇଥିଲେ। ସେହି ଜାଗାକୁ ସାନଭାଇ ଦୁଃଖିଶ୍ୟାମ ନେବାକୁ ବଡ଼ଭାଇ ଭ୍ରମରଙ୍କୁ କହିଥିଲେ ମଧ୍ୟ ସେ ଶୁଣିନଥିଲେ। ବୁଧବାର ଭ୍ରମରଙ୍କ ପରିବାର ବାବୁଙ୍କୁ ଜାଗା ମଡ଼ାଣ ଦେଉଥିବା ସମୟରେ ଦୁଃଖିଶ୍ୟାମ ଏବଂ ତାଙ୍କର ଦୁଇପୁଅ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ଏଥିରେ ବାବୁ ସ୍ୱାଇଁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସାନଭାଇ ଅମର ଗୁରୁତର ଆହତ ହୋଇଛନ୍ତି। ପ୍ରତି ଆକ୍ରମଣରେ ଭ୍ରମର ଏବଂ ଦୁଃଖିଶ୍ୟାମଙ୍କ ପରିବାରର ୫ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅମର ସ୍ୱାଇଁ, ଭ୍ରମର ବଡ଼ତିଆ ଏବଂ ମନୋଜ ବଡ଼ତିଆଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ବାବୁଙ୍କ ପରିବାରର ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ପୁଲିସ ଘଟଣାରେ ସମ୍ପୃକ୍ତ ଦୁଃଖିଶ୍ୟାମ ବଡ଼ତିଆ, ତାଙ୍କ ପୁଅ ରମେଶ ବଡ଼ତିଆ, ମାନସ ବଡ଼ତିଆଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଶରତ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## ଜିଲ୍ଲା କଂଗ୍ରେସ ସାଂଗଠନିକ ବୈଠକ



ନୟାଗଡ଼,୨୮।୫(ସମିସ): ନୟାଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବୁଧବାର ଜିଲ୍ଲା କଂଗ୍ରେସ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କମିଟି ସଭାପତି ଭକ୍ତ ଚରଣ ଦାଶ ନୟାଗଡ଼ ଜିଲ୍ଲା ସଂଯୋଜକ ଭାବେ ସତ୍ୟବ୍ରତ ନାୟକଙ୍କୁ ଦାୟିତ୍ୱ ଦେଇଥିବାରୁ ତାଙ୍କୁ ଏହି ବୈଠକରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଶ୍ରୀ ନାୟକ ଜିଲ୍ଲାର ୪ଟି ନିର୍ବାଚନମଣ୍ଡଳୀରେ କଂଗ୍ରେସ ସାଂଗଠନିକ କାର୍ଯ୍ୟକ୍ରମକୁ ମଜଭୁତ କରିବାକୁ ଗୁରୁତ୍ୱାରୋପ କରିଥିଲେ। ନେତା ଏକ ହେଲେ କଂଗ୍ରେସ ଆଗେଇବ ବୋଲି ଉପସ୍ଥିତ ନେତୃମଣ୍ଡଳୀ ମତ ଦେଇଥିଲେ। ଜିଲ୍ଲା ସଂଗଠନକୁ ଉପରୁ ମୂଳ ପର୍ଯ୍ୟନ୍ତ ସଜାଡ଼ିବାର ଆବଶ୍ୟକ ରହିଛି। ପଞ୍ଚାୟତ ନିର୍ବାଚନ ପର୍ବରୁ ଦଳୀୟ ରୋଗ ଭଲ କରିବାର ଆବଶ୍ୟକତା ରହିଛି। ରାହୁଲ ଗାନ୍ଧୀଙ୍କ କ୍ରେଜ୍ ବଢୁଛି, ସେହି ଅନୁସାରେ ମଧ୍ୟ କଂଗ୍ରେସ କ୍ରେଜ୍ ବଢ଼ିବାରେ ଲାଗିଛି। ଏହାର ସୁଯୋଗ କଂଗ୍ରେସ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଫାଇଦା ନ ମିଳିଲେ କିଛି ନେତା ଦଳ ଭାଙ୍ଗିବାକୁ ପ୍ରୟାସ କରୁଛନ୍ତି ବୋଲି ଅଭିଯୋଗ ଉଠିଥିଲା। ସାଂଗଠନିକ କାର୍ଯ୍ୟ କେବଳ ସଭାରେ ସୀମିତ ରହୁଛି ବୋଲି ଯୁବ କଂଗ୍ରେସ ସଭାପତି ପ୍ରତୀକ ମହାପାତ୍ର କହିଥିଲେ। ଏହି ସଭାରେ କଂଗ୍ରେସ ବରିଷ୍ଠ ନେତା ରଣଜିତ ଦାଶ, ହୁସେନ୍ ଖାଁ, ମନୋଜ ସାହୁ, ଲକ୍ଷ୍ମୀଧର ତ୍ରିପାଠୀ, ବିଭୂପ୍ରସାଦ ମିଶ୍ର, ବିନୋଦିନୀ ମହାନ୍ତି, ଓଡ଼ଗାଁ ବ୍ଲକ୍ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ସତ୍ୟରଞ୍ଜନ ମଓ୍ତା, ବସନ୍ତ ମହାରଣା, ବସନ୍ତ କର, ପୀତବାସ ଖୁଣ୍ଟିଆ, ବାଳକୃଷ୍ଣ ଷଡ଼ଙ୍ଗୀ, ମିର ଅବୁକର ସିଦ୍ଦିକ୍, ସୁକାନ୍ତ ଶତପଥି, ପ୍ରକାଶ ଚନ୍ଦ୍ର ନାୟକ, ଦଳିତ ସଭାପତି ଉପେନ୍ଦ୍ର ବେହେରା, ଆମଜାତ ଖାନ୍, ଆଲୋକ ଚନ୍ଦ୍ର ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରତାପ ପ୍ରଧାନ ଯୋଗଦେଇଥିଲେ। ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

## ୨୯୫ ଲିଟର ମଦ, ୪୮୦୦ ଲିଟର ପୋଚ ନଷ୍ଟ



ଖଣ୍ଡପଡ଼ା,୨୮।୫(ସମିସ): ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ଯୋଗିଆପଲ୍ଲୀ ପଞ୍ଚାୟତର ବଡ଼ହାମରା, ବୁଢ଼ିଝାରରେ ଥିବା ଘଞ୍ଚ ଜଙ୍ଗଲରେ ବେଆଇନ ଭାବେ ଦେଶୀ ମଦ ରନ୍ଧା ହେଉଥିବା ନେଇ ଖବର ମିଳିବା ପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ୨୯୫ ଲିଟର ଦେଶୀ ମଦ ସହ ୪୮୦୦ ଲିଟର ପୋଚକୁ ନଷ୍ଟ କରିଛି ବିଭାଗ। ତେବେ ଚଢ଼ଉ ବାବଦରେ ସୂଚନା ପାଇ ମାଫିଆମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ସୂଚନା ଦେଇଛି ଅବକାରୀ ବିଭାଗ। ଅନ୍ୟପକ୍ଷରେ ସ୍ଥାନୀୟ ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁଁ ଏଭଳି କାରବାର ବୃଦ୍ଧି ପାଉଥିବା ନେଇ ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ବିଭାଗ ଡେପୁଟି କମିଶନର ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍‌ପି ବିକାଶ କୁମାର ନାୟକଙ୍କ ନେତୃତ୍ୱରେ ଆଇଆଇସି ଧିରେନ କୁମାର ବେହେରା, ଏଏସ୍‌ଆଇ ଥବିର କୁମାର ପଟ୍ଟନାୟକ ପ୍ରମୁଖ ସାମିଲ ଥିବା ସୂଚନା ମିଳିଛି।

## ବଜ୍ରପାତରୁ ସୁରକ୍ଷା ଓ ସତର୍କତା ସଚେତନତା

ଓଡ଼ଗାଁ,୨୮।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ପିଏମ୍‌ଶ୍ରୀ ସରକାରୀ ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟରେ ବଜ୍ରପାତରୁ ସୁରକ୍ଷା ଓ ସତର୍କତା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ସାହୁ ବଜ୍ରପାତରୁ ରକ୍ଷା ପାଇବାର କୌଶଳ ସମ୍ପର୍କରେ ତାଲିମ ଦେଇଥିଲେ। ପରେ ଏକ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ରଘୁନାଥ ମନ୍ଦିରଠାରେ ପହଞ୍ଚିଥିଲା। ସେଠାରୁ ଓଡ଼ଗାଁ ସହରର ବିଭିନ୍ନ ସାହିକୁ ଯାଇ ପ୍ରଚାର ପତ୍ର ବଣ୍ଟନ ସହିତ ଛାତ୍ରୀମାନେ ବିଭିନ୍ନ କାନ୍ଥରେ ସୁରକ୍ଷା ସଚେତନତା ପୋଷ୍ଟର ମାରିଥିଲେ। ବିଦ୍ୟୁତ୍ ପ୍ରବାହ ଏବଂ ଧାତବ ପଦାର୍ଥଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ବଜ୍ରପାତରୁ କିପରି ଧନ ଜୀବନ ରକ୍ଷା ହୋଇପାରିବ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ପରମାନନ୍ଦ ଦଳାଇ, ପୁଷ୍ପିତା ସାହୁ, ଝରଣା ସାହୁ, ଯଶସ୍ୱିନୀ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବରେନ୍ଦ୍ର କୁମାର ନନ୍ଦ ଏବଂ ଅନ୍ୟ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

### ମହିପୁର-ବାହାଡ଼ାଝୋଲା ରାସ୍ତା ନିର୍ମାଣ କାର୍ଯ୍ୟରେ ବିଳମ୍ବ

## ଶଗଡ଼ ରଖି ରାସ୍ତାରୋକ; ୧୦ ଘଣ୍ଟା ଗମନାଗମନ ଠପ୍



ନୟାଗଡ଼/ଓାଗାଁ,୨୮।୫(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ୫୭ନଂ ଜାତୀୟ ରାଜପଥ ମହିପୁରଠାରୁ ବାହାଡ଼ାଝୋଲା ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତୀକରଣ କାମରେ ଅହେତୁକ ବିଳମ୍ବ ଯୋଗୁଁ ବୁଧବାର ରାସ୍ତାରେ ଶଗଡ଼ ଥୋଇ ପ୍ରତିବାଦ କଲେ ଡାକଢୋଲ ଓ ଗାତେରୀ ଗ୍ରାମବାସୀ। ୩ବର୍ଷ ପୂର୍ବରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରି ନ ଥିବା ନେଇ ଗ୍ରାମବାସୀଙ୍କ ତରଫରୁ ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଥିରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ। ପ୍ରତିଶ୍ରୁତି ଯେପରି ପାଣିର ଗାର ପାଲଟିଛି। ରାସ୍ତା ନିର୍ମାଣ ଦାବିରେ ଗତ ୨୧ ତାରିଖରେ ଡାକଢୋଲ ଓ ଗାତେରୀ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ପୂର୍ତ୍ତ ବିଭାଗ ଯନ୍ତ୍ରୀ ଦୁଇଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ରାସ୍ତା କାମରେ ଅହେତୁକ ବିଳମ୍ବ ହେବାରୁ ବୁଧବାର ସକାଳୁ ପୁଣି ଥରେ ଗ୍ରାମବାସୀ ରାସ୍ତାରେ ଶଗଡ଼ ଥୋଇ ପ୍ରତିବାଦ କରିଥିଲେ। ଖବର ପାଇ ମହିପୁର ପୁଲିସ, ଅତିରିକ୍ତ ତହସିଲ୍‌ଦାର ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ୧୦ ଘଣ୍ଟା ପରେ ରାସ୍ତା ଅବରୋଧ ଅପରାହ୍ଣ ପ୍ରାୟ ୩ଟା ବେଳକୁ ହଟି ଗମନାଗମନ ସ୍ୱାଭାବିକ ହୋଇଥିଲା। ରାସ୍ତାର ଅନ୍ୟ ସମସ୍ତ କାମ ସରିଥିବାବେଳେ ନିୟମିତ ବର୍ଷା ଯୋଗୁଁ ପିଚୁ ପଡ଼ିପାରି ନାହିଁ। ପାଗରେ ପରିବର୍ତ୍ତନ ଘଟିଲେ ପିଚୁ ପକାଇବା ବ୍ୟବସ୍ଥା କରାଯିବ ବୋଲି ଯନ୍ତ୍ରୀ କହିଛନ୍ତି।

### କୋମଣ୍ଡ ମାଙ୍କଡ଼ା ଖଣି ଅଡିଓ ଭାଇରାଲ ପ୍ରସଙ୍ଗ

## ତଦନ୍ତ ଦାବିକଲେ ସାମ୍ବାଦିକ ଭବନ ସଦସ୍ୟ



ନୟାଗଡ଼,୨୮।୫(ସମିସ): ଓଡ଼ଗାଁ ବ୍ଲକ୍ କୋମଣ୍ଡ ବେଆଇନ ମାଙ୍କଡ଼ା ଖଣି କାରବାରକୁ ନେଇ ଏକ ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଯେଉଁଥିରେ ସାମ୍ବାଦିକଙ୍କୁ କିଛି ଦିଆଯାଉଥିବା କୁହାଯାଇଥିଲା। ଏହା ସହିତ ସାମ୍ବାଦିକଙ୍କ ନାଁରେ ଅଶ୍ଳୀଳ ଭାଷା ବ୍ୟବହାର କରାଯାଇଛି। ଯାହାକୁ ବୁଧବାର ସାମ୍ବାଦିକ ଭବନ ପକ୍ଷରୁ ଜୋର୍‌ଦାର୍ ବିରୋଧ କରାଯାଇଛି। ଏଭଳି ଅପ୍ରାସଙ୍ଗିକ ପ୍ରସଙ୍ଗରେ ସାମ୍ବାଦିକଙ୍କ ନାଁ ଯୋଡ଼ି ସେମାନଙ୍କୁ ବଦନାମ୍ କରାଯାଉଥିବା ସଦସ୍ୟମାନେ ମତ ଦେଇଛନ୍ତି। ଅଡିଓ ଭାଇରାଲ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ଦାବି ହୋଇଛି। ନୟାଗଡ଼ ସାମ୍ବାଦିକ ଭବନ ସଭାପତି ବୈଦ୍ୟ ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆର୍ଥିକ ଦେଣନେଣ ଓ ଅଡିଓର ସତ୍ୟାସତ୍ୟ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ତଦନ୍ତ କରି ଉନ୍ମୋଚନ କରୁ ବୋଲି ମତ ପ୍ରକାଶ ପାଇଛି। ଏନେଇ ବୁଧବାର ସାମ୍ବାଦିକ ଭବନ ସଦସ୍ୟମାନେ ନୟାଗଡ଼ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଏସ୍‌ପି ସୁବାସ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତତ୍‌ସହିତ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଷୀରୋଦ ପଟ୍ଟନାୟକ, ନିହାର ରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଖଟେଇ, ଗୌରୀ ଶଙ୍କର ଦାଶ, ବିଭୂତି ଭୂଷଣ ସ୍ୱାଇଁ, ଅମିତ ପଟ୍ଟନାୟକ, ବିଶ୍ୱଜିତ ନାୟକ, ଭାସ୍କର ଚନ୍ଦ୍ର ସ୍ୱାଇଁ, ନବକିଶୋର ମିଶ୍ର, ବିଭୂତି ଭୂଷଣ ମହାପାତ୍ର, ପ୍ରଦୀପ କୁମାର ପାତ୍ର, ପ୍ରଶାନ୍ତ କୁମାର ଜେନା, ଦେବବ୍ରତ ନାୟକ, ରବୀନ୍ଦ୍ର କୁମାର ଦାଶ, ରାଜ କୁମାର ସାହୁ, ସ୍ୱରୂପ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଓଡ଼ଗାଁ,୨୮।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ରଙ୍ଗଣିପାଟଣା ଗ୍ରାମ ପଞ୍ଚାୟତ ପାଇକ ପନ୍ତିଖାରୀ ଗ୍ରାମରେ ବୁଧବାର ଅପରାହ୍ଣରେ ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ମେଘନାଦ ଦାସ(୬୫)। ବୁଧବାର ଦିନ ପ୍ରାୟ ୧୨.୩୦ ବେଳେ ଘରର ପାଣି ପମ୍ପ ସୁଇଚ୍ ଅନ୍ କରିବାବେଳେ ସେ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ତୁରନ୍ତ ତାଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଏ ନେଇ ପୁଅ ନବ କିଶୋର ଦାସ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ଓଡ଼ଗାଁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

## ପଞ୍ଚାୟତ ପ୍ରତିନିଧିଙ୍କୁ ତାଲିମ

ଖଣ୍ଡପଡ଼ା,୨୮।୫(ସମିସ): ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳ ରୂପାୟଣ ନିମନ୍ତେ ରାଜ୍ୟ ପଞ୍ଚମ ଅର୍ଥ ଆୟୋଗଙ୍କ ଦ୍ୱାରା ପଞ୍ଚାୟତସ୍ତରୀୟ ସମୀକ୍ଷା ଅନୁଷ୍ଠିତ ହେଉଛି। ଏହି କ୍ରମରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳିପୁର ପଞ୍ଚାୟତକୁ ନେଇ ସମୀକ୍ଷା କରାଯାଇଥିବା ବେଳେ ତୃଣମୂଳସ୍ତରରେ କିଭଳି ସମସ୍ୟା ସମାଧାନ ହେବ ସେ ନେଇ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ବିଶେଷକରି ପଞ୍ଚାୟତରେ ଶୀତଳ ଭଣ୍ଡାର, ଗ୍ରାମୀଣ ହାଟ, ଓରେଡା ମାଧ୍ୟମରେ ସୋଲାର ଲାଇଟ୍ ଓ ମାଛ ଚାଷ ତଥା ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବା ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଥିବା ରାଜ୍ୟ ପଞ୍ଚମ ଅର୍ଥ ଆୟୋଗଙ୍କ ପ୍ରକୋଷ୍ଠରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଏହି ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଖଣ୍ଡପଡ଼ା ପଞ୍ଚାୟତ ସମିତିରୁ ଜିପିଓ ଅନିତ ବଡ଼ସେଟ, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ନାୟକ, ସରପଞ୍ଚ ବାସନ୍ତୀ ବେହେରା, ପିଇଓ ବିରଞ୍ଚି କୁମାର ନାୟକ, ଡିଇଓ ପୁଷ୍ପଲତା ମହାରଣା ପ୍ରମୁଖ ସାମିଲ ହୋଇଥିଲେ।

## କଇଁଫୁଲିଆରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଭାପୁର,୨୮।୫(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ କଇଁଫୁଲିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସନ୍‌ସାଇନ୍ ହସ୍ପିଟାଲର ଅସ୍ଥି ବିଭାଗ ବିଶେଷଜ୍ଞ ଡା. ସିଦ୍ଧାର୍ଥ ପ୍ରଧାନ ଉପସ୍ଥିତ ରହି ୧୦୦ରୁ ଊର୍ଦ୍ଧ୍ୱ ଅସ୍ଥିଜନିତ ସମସ୍ୟାରେ ପୀଡ଼ିତ ରୋଗୀଙ୍କ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ବିଶେଷ ଭାବେ ଆଣ୍ଠୁଗଣ୍ଠି ସମସ୍ୟାରେ ଆକ୍ରାନ୍ତ ହୋଇଥିବା ବହୁ ବୃଦ୍ଧବୃଦ୍ଧା ସ୍ୱାସ୍ଥ୍ୟ ଶିବିରକୁ ଆସି ବହୁଦିନର ଅସ୍ଥି ସମସ୍ୟା ସମ୍ପର୍କରେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ପଞ୍ଜିକୃତ ହୋଇଥିବା ରୋଗୀମାନଙ୍କ ମଧ୍ୟରୁ ୧୫ ଜଣ ଅସ୍ଥି ଅସ୍ତ୍ରୋପଚାର କରାଇବା ନିମନ୍ତେ ସହମତି ପ୍ରକାଶ କରିଥିଲେ। ଡା. ପ୍ରଧାନଙ୍କ ସମେତ ଫାର୍ମାସିଷ୍ଟ ଚିତ୍ତ ରଞ୍ଜନ ମିଶ୍ର, ନର୍ସ ବିଦ୍ୟା ତ୍ରିପାଠୀ ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ରୋଗୀମାନଙ୍କ ସମସ୍ୟା ସମ୍ପର୍କିତ ପରାମର୍ଶ ଦେଇଥିଲେ। କଇଁଫୁଲିଆ ପଞ୍ଚାୟତର ସରପଞ୍ଚ ରମେଶ ପ୍ରସାଦ ରାଉତ ଉକ୍ତ ଶିବିର ନିମନ୍ତେ ସମସ୍ତ ସହଯୋଗ କରିଥିଲେ। ଏହି ମେଗା ସ୍ୱାସ୍ଥ୍ୟସେବା ଶିବିର ଯୋଗୁଁ ଆଖପାଖ ଅଞ୍ଚଳରୁ ଶତାଧିକ ରୋଗୀ ଉପକୃତ ହୋଇଥିଲେ। ବିଶ୍ୱନାଥ ପାତ୍ର, ରଞ୍ଜନ କୁମାର ସାହୁ, ପ୍ରମୋଦ ବିଶ୍ୱାଳ, ଚନ୍ଦନ କୁମାରଙ୍କ ସମେତ ଅନ୍ୟ ସ୍ୱେଚ୍ଛାସେବୀ ପ୍ରମୁଖଙ୍କ ପ୍ରୟାସ କ୍ରମେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

### ଡ୍ରେନେଜ୍ ବ୍ୟବସ୍ଥା ଫେଲ୍

# ପରିମଳ ନାଁରେ ଲକ୍ଷ ଲକ୍ଷ ଟଙ୍କା ଚଳୁ

ଖଣ୍ଡପଡ଼ା,୨୮।୫(ସମିସ)


ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ସହର ବିଜ୍ଞାପିତ ଅଞ୍ଚଳ ପରିଷଦ ଶାସନ ବ୍ୟବସ୍ଥା ରହିଥିଲେ ମଧ୍ୟ ବର୍ଷ ତମାମ ବିଭିନ୍ନ ସମସ୍ୟାରୁ ମୁକୁଳି ପାରୁନଥିବା ଜଣାପଡ଼ିଛି। ଅନେକ ପ୍ରମୁଖ ସମସ୍ୟା ମଧ୍ୟରୁ ଡ୍ରେନେଜ୍ ଅବ୍ୟବସ୍ଥା ସମଗ୍ର ଖଣ୍ଡପଡ଼ା ଲୋକଙ୍କର ମୁଣ୍ଡବ୍ୟଥାର କାରଣ ପାଲଟିଛି। ବର୍ଷ ପରେ ବର୍ଷ ବିତୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ଡ୍ରେନ୍ କାର୍ଯ୍ୟ ତ୍ୱରାନ୍ୱିତ ହେଉନାହିଁ। ଆଗକୁ ବର୍ଷା ଦିନ ଆସୁଛି, ହେଲେ ଏପର୍ଯ୍ୟନ୍ତ ପୋତି ହୋଇଥିବା ଡ୍ରେନ୍‌ଗୁଡ଼ିକରୁ ପଙ୍କମାଟି ଗାଣ୍ଡୁଏ ବାହାରି ନ ଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଏତଦ୍‌ବ୍ୟତୀତ ଭାଙ୍ଗିରୁଜି ଯାଇଥିବା ଡ୍ରେନ୍‌ଗୁଡ଼ିକର ଅବସ୍ଥା କହିଲେ ନସରେ। ସତର୍କତା ଦୃଷ୍ଟିରୁ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଡ୍ରେନ୍ ଉପରେ ସ୍ଲାବ୍ ପକାଯାଇ ନାହିଁ। ଯାହା ଫଳରେ ମଣିଷ ଏବଂ ଗୃହପାଳିତ ପଶୁମାନେ ଡ୍ରେନ୍ ଭିତରେ ଖସି ପଡୁଥିବାର ପୂର୍ବରୁ ନଜିର ରହିଛି। ଖଣ୍ଡପଡ଼ା ସହରକୁ ସ୍ୱଚ୍ଛତା କ୍ଷେତ୍ରରେ ଆଗକୁ ନେବାପାଇଁ ପ୍ରଶାସନ ଏବଂ ନେତାଙ୍କ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଅନେକ ସମୟରେ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। କାରଣ ଖଣ୍ଡପଡ଼ା ଏନ୍‌ଏସିର ବିଭିନ୍ନ ୱାର୍ଡର ପ୍ରବେଶ ପଥ ଏବଂ ସାହି ଭିତରେ ହିଁ ସ୍ୱଚ୍ଛତାର ନଅଙ୍କ ଦୃଶ୍ୟ ଦେଖିବାକୁ ମିଳୁଛି। କିଛି ଜାଗାରେ ଡ୍ରେନ୍‌ଗୁଡ଼ିକ ଜାମ୍ ହୋଇଯିବାରୁ ରାସ୍ତାରେ ମଇଳା ପାଣି ଭାସୁଛି। ଦୀର୍ଘ ଦିନ ଧରି ଏଭଳି ସ୍ଥିତି ଉପୁଜିଥିଲେ ସୁଦ୍ଧା ଏହାର ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେବେ ଏନ୍‌ଏସି କର୍ତ୍ତୃପକ୍ଷ ବର୍ଷ ତମାମ ପରିମଳ ସମ୍ପର୍କରେ ନାମକୁ ମାତ୍ର ସଚେତନତା କାର୍ଯ୍ୟକ୍ରମ କରି ଲକ୍ଷ ଲକ୍ଷ ଟଙ୍କା ମିଳିମିଶି ଚଳୁ କରୁଥିବା ସହରବାସୀ ଅଭିଯୋଗ କରିଛନ୍ତି।



**ବର୍ଷାଦିନ ଆସିଲେ ହନ୍ତସନ୍ତ ହେଉଛନ୍ତି ଲୋକେ**

ସେହିପରି ଅନେକ ସମୟରେ ପରିମଳ କର୍ମଚାରୀଙ୍କ ଦରମାକୁ ନେଇ ଏନ୍‌ଏସି କର୍ତ୍ତୃପକ୍ଷ ଏବଂ କର୍ମଚାରୀମାନେ ମୁହାଁମୁହିଁ ହେବା ଘଟଣା ମଧ୍ୟ ସାମ୍ନାକୁ ଆସିଛି। ଯାହାଫଳରେ କିଛି ଦିନ ସଫେଇ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥାଏ। ତେବେ ଆଗକୁ ବର୍ଷା ଦିନ ଆସୁଥିବା ଜାଣି ମଧ୍ୟ କାହିଁକି ଏହି ଡ୍ରେନେଜ୍ ସମସ୍ୟାକୁ ସମାଧାନ କରିବା ପାଇଁ ଏନ୍‌ଏସି କର୍ତ୍ତୃପକ୍ଷ ତତ୍ପରତା ଦେଖାଉନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ନ ହୁଏ ବର୍ଷା ଦିନେ ମଇଳା ପାଣି, ପଙ୍କ, ଆବର୍ଜନାରେ ପରିବେଶ ଦୁର୍ଗନ୍ଧମୟ ହେବା ସହ ଲୋକମାନେ ବିଭିନ୍ନ ପ୍ରକାର ରୋଗର ଶିକାର ହେବା ନେଇ ସାଧାରଣ ଲୋକେ ଆଶଙ୍କା ପ୍ରକଟ କରିଛନ୍ତି। ଆଗାମୀ ଦିନରେ ଡ୍ରେନେଜ୍ ସମସ୍ୟାର ସମାଧାନ ପାଇଁ ସହରବାସୀ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ସମେତ ଜିଲ୍ଲା ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।

## ବାଲିଘାଟରୁ ମିଳିଲା ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି



ନିରାକାରପୁର,୨୮।୫(ସମିସ): ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଓ ସରପାରୀ ନଦୀପଠା ବାଲିଘାଟରୁ ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ମିଳିଛି। ବହୁ ପୁରାତନ ଦୁଇଟି କାଠ ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ସହିତ ଏକ ଗରୁଡ଼ ଖମ୍ବ ମଧ୍ୟ ମିଳିଛି। ଏହି ଘାଟରୁ ମଙ୍ଗଳବାର ଦିନ ଗୋଟିଏ ଗାଡ଼ି ବାଲି ନେଉଥିବାବେଳେ ବାଲି ତଳୁ ଏହି ମୂର୍ତ୍ତି ମିଳିବାରୁ ଅଧିକ ଖୋଳି ଠାକୁରଙ୍କୁ ବାହାର କରିଥିଲେ କିଛି ଲୋକ। କିନ୍ତୁ ମୂର୍ତ୍ତିଙ୍କୁ ନେଇ କେଉଁଠାରେ ସ୍ଥାପନା କରି ପୂଜାର୍ଚ୍ଚନା କରିବେ ଚିନ୍ତାରେ ପଡ଼ି ପୁନର୍ବାର ସେହି ମୂର୍ତ୍ତି ଗୁଡ଼ିକୁ ସେଠାରେ ବାଲି ଭିତରେ ପୋତି ଦେଇଥିବା ଜଣାପଡିଛି। କିନ୍ତୁ ଜଗନ୍ନାଥଙ୍କ ମୂର୍ତ୍ତି ବାହାରି ନଥିବା ଜଣାପଡିଛି। ସ୍ଥାନୀୟ ସରପାରୀ ଗ୍ରାମରେ ଦୁଇଟି ବହୁ ପୁରାତନ ମଠ ଥିବାବେଳେ ୧୦୦ ବର୍ଷ ଧରି ଥିବା ପତିତପାବନ ମଠରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ପୂଜା ପାଉଥିବାବେଳେ କେହି ନବକଳେବର ସମୟରେ ଏଠାରେ ପୁରୁଣା ମୂର୍ତ୍ତିଙ୍କୁ ଜଳ ସମାଧି ଦେଇଥିବା ଅନୁମାନ କରାଯାଉଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ବାଣପୁର/ଗମ୍ଭାରୀମୁଣ୍ଡା,୨୮।୫(ସମିସ): ନାଚୁଣୀ ଥାନା ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ପୁଲିସ ବିଟ୍‌ହାଉସ ନିକଟସ୍ଥ କଉଡ଼ିଆ ଛକ ପେଟ୍ରୋଲ ପମ୍ପ୍ ନିକଟରେ ବୁଧବାର ସକାଳେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ବାଣପୁର ଥାନା ଅଧୀନ ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ବେରୁଆଁବାଡ଼ି ଗ୍ରାମର ନିଲୁ ସ୍ୱାଇଁଙ୍କ ପୁଅ ଅରୁଣ(୨୧) ବୋଲି ଜଣାପଡ଼ିଛି।



ସୂଚନା ମୁତାବକ, ବେରୁଆଁବାଡ଼ି ଗ୍ରାମର ଅରୁଣ ବୁଧବାର ଭୋର୍ ୫ଟା ସମୟରେ ଖୋର୍ଦ୍ଧାସ୍ଥିତ ଏକ ଘରୋଇ କଲେଜକୁ ପରୀକ୍ଷା ଦେବା ପାଇଁ ବାଇକ୍ ଯୋଗେ ଯାଉଥିଲେ। କଉଡ଼ିଆ ଛକ ପେଟ୍ରୋଲ ପମ୍ପ୍ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛକୁ ଶକ୍ତ ଧକ୍କା ଦେଇ ଗୁରୁତର ଆହତ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେଖି ଅଚେତ ଅବସ୍ଥାରେ ଅରୁଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛି। ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିବାବେଳେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## 'ମୋ ସେବା କେନ୍ଦ୍ର'ର ପ୍ରଶିକ୍ଷଣ ଶିବିର

ନିରାକାରପୁର,୨୮।୫(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକର ୨୬ ପଞ୍ଚାୟତରେ ଥିବା 'ମୋ ସେବାକେନ୍ଦ୍ର'ର ଭିଏଲ୍‌ମାନଙ୍କୁ ନେଇ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ବୁଧବାର ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ମୋ ସେବା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ନିରାକାରପୁର ମୋ ସେବାକେନ୍ଦ୍ରର ପରିଚାଳକ ମାନସ ଚନ୍ଦ୍ର ପଟ୍ଟନାୟକ ପୌରାହିତ୍ୟ କରିଥିବାବେଳେ ଉକ୍ତ ଶିବିରରେ ସହଜର ଜିଲ୍ଲା ପରିଚାଳକ ସ୍ମୃତିରଞ୍ଜନ ବିଶ୍ୱାଳ ଉପସ୍ଥିତ ରହି ସମସ୍ତ ଭିଏଲ୍‌ମାନଙ୍କୁ ପ୍ରଶିକ୍ଷଣ ଦେବା ସହିତ ଆଗାମୀ ଦିନରେ ସହଜ ଓ ମୋ ସେବାକେନ୍ଦ୍ର କିଭଳି ଶକ୍ତିଶାଳୀ ହୋଇ ଭଲ ରୋଜଗାର ଦେଇ ପାରିବ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବର୍ଷିଆନ ଭିଏଲ ଇ. ପଦ୍ମଚରଣ ସାମନ୍ତରାୟ, ସୁଦର୍ଶନ ପାଇକରାୟ, ଅକ୍ଷୟ କୁମାର ରାଉତ, ବିନୋଦ କୁମାର ବଳିୟାରସିଂହ, ଗଣେଶ କୁମାର ସାହୁ, ଭାଗିରଥି ବେହେରା ଓ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଜିଲ୍ଲା ପରିଚାଳକ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



### ସମବାୟ ଓ ହସ୍ତତନ୍ତ ମନ୍ତ୍ରୀଙ୍କ ଉନ୍ନୟନ ଯୋଜନାର ସମୀକ୍ଷା

# 'ପ୍ରକୃତ ହିତାଧିକାରୀଙ୍କ ସମସ୍ୟା ବୁଝି ଯୋଜନାର ସୁଫଳ ପହଞ୍ଚାଅ'

ଖୋର୍ଦ୍ଧା,୨୮।୫(ସମିସ): ବୁଧବାର ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ତଥା ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ପ୍ରଦୀପ ବଳ ସାମନ୍ତ ଦିନିକିଆ ଖୋର୍ଦ୍ଧା ଗସ୍ତ କରିଛନ୍ତି। ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା ଗୁଡିକର ଅଗ୍ରଗତିର ସମୀକ୍ଷା କରିଛନ୍ତି। ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଜିଲ୍ଲାପାଳ ଚଞ୍ଚଳ ରାଣା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ ଯୋଗଦେଇଥିଲେ। ପ୍ରଥମେ ଭୁବନେଶ୍ୱର ଅତିରିକ୍ତ ଉପ ପୁଲିସ ଆୟୁକ୍ତ ସୁନାରାମ ହେମ୍ବ୍ରମ୍ ପୁଲିସ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି, ଭିଭିଆଇପି ପ୍ରୋଗ୍ରାମ ସମ୍ବନ୍ଧରେ ପ୍ରଭାରୀ ମନ୍ତ୍ରୀଙ୍କ ନିକଟରେ ତଥ୍ୟ ଉପସ୍ଥାପନ କରିଥିଲେ।



୨୦୨୫ ବର୍ଷରେ ୨୦୨୩ ଓ ୨୦୨୪ ବର୍ଷ ଅପେକ୍ଷା କମ୍ କେସ ୪୩୭୧ ପଞ୍ଜୀକୃତ ହୋଇଥିବା ଓ ଭିଭିଆଇପି ପ୍ରୋଗ୍ରାମ ୯ ଗୋଟି ଅନୁଷ୍ଠିତ ହୋଇଥିବାବେଳେ ଭିଆଇପି ପ୍ରୋଗ୍ରାମ ୨୯୮ଗୋଟି ଅନୁଷ୍ଠିତ ହୋଇଛି। ଏଥିସହ ଖଣ୍ଡଗିରି ମାଘ ସପ୍ତମୀ ମେଳା, ଅଶୋକାଷ୍ଟମୀ, ଦୋଳ ପୂର୍ଣ୍ଣିମା, ରାମ ନବମୀ, ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି, ମହାଶିବରାତ୍ରି ଆଦି ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀରେ ସଫଳ ଭାବେ ଆଇନଶୃଙ୍ଖଳା ସେବା ଯୋଗାଇ ଦିଆଯାଇଥିବା କହିଥିଲେ। ଏଥିସହିତ ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ଜିଲ୍ଲା ପୁଲିସର ୧୨ଟି ଥାନାର ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ରଖିଥିଲେ। ବିଗତ ୨୦୨୩-୨୦୨୪ ବର୍ଷ ଅପେକ୍ଷା ଚଳିତବର୍ଷ ୧୬୩୨ କେସ ପଞ୍ଜୀକୃତ ହୋଇଥିବା ଏସ୍‌ପି ପ୍ରକାଶ କରିଥିଲେ।

ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ ଖୋର୍ଦ୍ଧା ବନଖଣ୍ଡରେ ପ୍ରାୟ ୬୦/୭୦ ହାତୀ ଅଛନ୍ତି। ୨୦୨୪-୨୦୨୫ ବର୍ଷରେ ୩,୮୬୬ କ୍ଷତିଗ୍ରସ୍ତଙ୍କ ଦରଖାସ୍ତ ଆସିଥିବାବେଳେ ସହାୟତା ରାଶି ବାବଦକୁ ୨୦,୯,୨୨୩୯୦ଟଙ୍କା ଦିଆଯାଇଛି। ବର୍ତ୍ତମାନ ଡ୍ରୋନ ଦ୍ୱାରା ହାତୀର ସ୍ଥିତି ଜାଣି ଲୋକମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଛି ବୋଲି କହିଥିଲେ।

ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ କହିଥିଲେ। ଏଥିସହିତ ଅନ୍ତ୍ୟୋଦୟ ଗୃହ ଯୋଜନା ୨୦୨୪-୨୫ବର୍ଷରେ ୧୭୫୭ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୧୪୬୦ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଛି। ଅମୃତ ସରୋବର ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟରେ ୫୭୦ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୫୮୩ ଗୋଟି ଚିହ୍ନଟ କରାଯାଇଛି। ଲକ୍ଷପତି ଦିଦି ଯୋଜନାରେ ୫୪୭୯୨ ଜଣଙ୍କୁ ସାମିଲ କରାଯାଇ ୯୪.୪୨ଶତକଡା ସଫଳତା ମିଳିଛି। ଏସଏସଜି ବ୍ୟାଙ୍କ ସଂଯୋଗରେ ୯୮ ଶତକଡା ସଫଳତା, ପ୍ରଧାନମନ୍ତ୍ରୀ (ସହରାଞ୍ଚଳ) ୧.୦ ଯୋଜନାରେ ୧୫୦୬ ଗୃହ ନିର୍ମାଣଧୀନ ଥିବାବେଳେ ପ୍ରଧାନମନ୍ତ୍ରୀ ଆବାସ (ସହରାଞ୍ଚଳ)୨.୦ରେ୧୬୫ ଗୋଟି ପ୍ରକଳ୍ପ ରିପୋର୍ଟ ଦାଖଲ କରାଯାଇଛି ବୋଲି କହିଥିଲେ।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଆରୋଗ୍ୟ ଯୋଜନା, ବୟୋବନ୍ଦନା ଯୋଜନା ୭୮୯୩୧୧ କାର୍ଡ ପ୍ରାପ୍ତ ହୋଇଥିବା ବେଳେ ୫୩୬୨୬୫ହିତାଧିକାରୀଙ୍କୁ କାର୍ଡ ବଣ୍ଟାଯାଇ ଶତକଡା ୬୮ ପ୍ରତିଶତ ସଫଳତା ମିଳିଛି ବୋଲି କହିଥିଲେ। ଏଥିସହିତ ଜିଲ୍ଲାରେ ଡାକ୍ତର ମଞ୍ଜୁରୀ ପଦବୀ ୫୧୬ ଥିବାବେଳେ ୨୬୬ ଡାକ୍ତର ଅଛନ୍ତି ଏବଂ ୨୫୦ ପଦବୀ ଖାଲିଅଛି। ୭୪ ଡାକ୍ତର ସ୍ନାତକୋତ୍ତର ପଢ଼ିବାକୁ ଯାଇଛନ୍ତି ବୋଲି କହିଥିଲେ। ସମବାୟ ସମିତି ଉପନିବନ୍ଧ ଅଳକାନନ୍ଦ ଜେନା ଖରିଫ୍୨୦୨୪-୨୦୨୫ ବର୍ଷରେ ଚାଷୀଙ୍କୁ ଋଣ ପ୍ରଦାନରେ ୯୯ଶତକଡା ସଫଳତା ମିଳିଥିବା ବେଳେ ୨୦୨୪ରବି ଚାଷରେ ଏହା ୯୭ଶତକଡା ସଫଳତା ମିଳିଛି। ପ୍ରଧାନମନ୍ତ୍ରୀ ଫସଲବିମା ଯୋଜନାରେ ୫୫୨୩୦ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇ ବୀମା ରାଶି ବାବଦକୁ ୧୭୮.୪୬କୋଟି ରଖାଯାଇଛି।

ମନ୍ତ୍ରୀ ଶ୍ରୀ ବଳସାମନ୍ତ ଜିଲ୍ଲାରେ ପ୍ରଶାସନିକ ଦକ୍ଷତା ଯୋଗୁ ସମସ୍ତ ଅଗ୍ରଣୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉନ୍ନୟନ ଯୋଜନା କାର୍ଯ୍ୟକାରିତାରେ ସନ୍ତୁଷ୍ଟି ପ୍ରକାଶ କରିବା ସହ ଜିଲ୍ଲା ପ୍ରଶାସନ ଓ ଅଧିକାରୀଙ୍କୁ ପ୍ରକୃତ ହିତାଧିକାରୀଙ୍କ ସମସ୍ୟା ବୁଝି ଯୋଜନାର ସୁଫଳ ପହଞ୍ଚାଇ ମୁଖ୍ୟସ୍ରୋତରେ ସାମିଲ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତଥିଲେ।

- ଅମୃତ ସରୋବର ଯୋଜନା ଦ୍ୱିତୀୟ ପର୍ଯ୍ୟାୟରେ ୫୭୦ ଲକ୍ଷ୍ୟ ଧାର୍ଯ୍ୟ
- ଜିଲ୍ଲାରେ ୫୧୬ ଡାକ୍ତର ପଦରୁ ୨୫୦ ଖାଲି
- ଜିଲ୍ଲାରେ ରାସନ କାର୍ଡରୁ କଟିଛି ୨୦,୦୪୮ ମୃତ ହିତାଧିକାରୀଙ୍କ ନାମ

## ଘରର ଗ୍ରୀଲ୍ ଓ କବାଟ ଭାଙ୍ଗି ଲୁଟ୍

ବାଣପୁର,୨୮।୫(ସମିସ): ବାଲୁଗାଁ-ବାଣପୁର ଅଞ୍ଚଳରେ ବାରମ୍ବାର ଚୋରି, ଡକାୟତି ଭଳି ଘଟଣାମାନ ଘଟୁଥିବାବେଳେ ପୁଣିଥରେ ମଙ୍ଗଳବାର ବିଳମ୍ବିତ ରାତିରେ ଘରେ କେହି ନ ଥିବାର ସୁଯୋଗ ନେଇ ବାଣପୁର ଥାନା ଅନ୍ତର୍ଗତ ମାଟିଆ ପୋଖରୀ ରୋଡ୍‌ର ପ୍ରଦୀପ ବାହୁବଳେନ୍ଦ୍ରଙ୍କ ଘରେ ପଶି କଳାକନା ବୁଲେଇଲେ ଦୁର୍ବୃତ୍ତ। ପ୍ରଦୀପଙ୍କ ଘରର ସମ୍ମୁଖ ଗ୍ରୀଲ୍ ଓ କବାଟ ତାଲା ଭାଙ୍ଗି ସୁନା ରୁପା ଅଳଙ୍କାର ସହ ନଗଦ ଟଙ୍କା ଏବଂ ଗୋଟିଏ ଲାପ୍‌ଟପ୍ ଲୁଟି ନେଇଛନ୍ତି ଲୁଟେରା।

ସୂଚନା ମୁତାବକ, ମାଟିଆ ପୋଖରୀ ରୋଡ୍‌ର ପ୍ରଦୀପଙ୍କ ପତ୍ନୀଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ସେ ଗତ ୩ ଦିନ ହେବ ଘରେ ତାଲା ପକାଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ସମ୍ମୁଖ ଗ୍ରୀଲ୍ ଓ କବାଟ ତାଲା ଭାଙ୍ଗି ପ୍ରାୟ ୧୦ ଭରି ସୁନା ଓ ୮୦୦ ଗ୍ରାମର ରୁପା ଅଳଙ୍କାର ସହ ନଗଦ ୬୦ ହଜାର ଟଙ୍କା ସମେତ ଏକ ଲାପ୍‌ଟପ୍ ଲୁଟି ନେଇ ଫେରାର୍ ହୋଇଯିବାରେ ସକ୍ଷମ ହୋଇଛନ୍ତି। ବୁଧବାର ସକାଳେ ଲୁଟ୍ ସମ୍ପର୍କରେ ଜାଣିବାକୁ ପାଇ ଏନେଇ ବାଣପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମାତ୍ର ଚୋରି ଅଳଙ୍କାର କିମ୍ବା ଦୁର୍ବୃତ୍ତଙ୍କ ସମ୍ପର୍କରେ ଏଯାବତ୍ କୌଣସି ସୂଚନା ପାଇବାକୁ ପୁଲିସ ସକ୍ଷମ ହୋଇପାରି ନାହିଁ। ଏଭଳି ଘଟଣା ବାଲୁଗାଁ, ବାଣପୁର ଅଞ୍ଚଳରେ ବାରମ୍ବାର ଘଟୁଥିବାରୁ ଲୋକେ ନିଜକୁ ସୁରକ୍ଷିତ ମଣୁ ନ ଥିବାବେଳେ ପୁଲିସର କାର୍ଯ୍ୟଦକ୍ଷତା ଉପରେ ଏବେ ପ୍ରଶ୍ନ ଉଠୁଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ରାତ୍ରୀକାଳୀନ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଆସନ୍ତା ୧୨ରୁ ସେବା ପ୍ରସାର କାର୍ଯ୍ୟକ୍ରମ

ଖୋର୍ଦ୍ଧା,୨୮।୫(ସମିସ): ରାଜ୍ୟ ସରକାରଙ୍କ ସେବା ପ୍ରସାର କାର୍ଯ୍ୟକ୍ରମ ଜୁନ ୧୨ରୁ ୨୦ତାରିଖ ମଧ୍ୟରେ ପାଳନ କରାଯିବ। ଆଜି ଅପରାହ୍ନରେ ଏନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ଆଭାସୀ ବୈଠକ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ ଉକ୍ତ ବୈଠକରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ସାମିଲ ଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଡେପୁଟି କଲେକ୍ଟର ପ୍ରଧାନ ଟୁଲିଆମା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଦାରୁବ୍ରହ୍ମ କମିଟି ପକ୍ଷରୁ ପାରିକୁଦ ରାଜାଙ୍କୁ ନିମନ୍ତ୍ରଣ



ଭୂଷଣ୍ଡପୁର,୨୮।୫(ସମିସ): ଜୁନ୍ ୨୭ ରେ ପବିତ୍ର ଘୋଷଯାତ୍ରା। ଏହି ଅବସରରେ ଟାଙ୍ଗୀ ବ୍ଲକ ଭୂଷଣ୍ଡପୁରର ଦାରୁବ୍ରହ୍ମ ଜଗନ୍ନାଥଙ୍କର ରଥଯାତ୍ରା ଲାଗି ଦାରୁବ୍ରହ୍ମ ରଥ କମିଟି ପକ୍ଷରୁ ପ୍ରସ୍ତୁତି ଚାଲିଛି। ଜୁନ ୧୧ରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଏବଂ ରଥଯାତ୍ରା ଆୟୋଜନ ଲାଗି କମିଟି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା। ଶୃଙ୍ଖଳିତ ରଥଯାତ୍ରା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ପାରିକୁଦଗଡ଼ର ରାଜାଙ୍କୁ ରଥଯାତ୍ରାରେ ଛେରାପହଁରା ଲାଗି କମିଟି ପକ୍ଷରୁ ଆଜି ନିମନ୍ତ୍ରଣ କରାଯାଇଛି। ରାଜାଙ୍କୁ କମିଟି ପକ୍ଷରୁ ଆଜ୍ଞାମାଳ, ନାରୀକେଳ, ଅକ୍ଷତ ପୁଷ୍ପ ପ୍ରଭୃତି ଦିଆଯାଇ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରାଯାଇଛି। କମିଟିରେ ବିଜୟ ବାବାଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତଥିଲେ। ପ୍ରକାଶ ଥାଉକି, ରଥାରୁଢ ଶ୍ରୀ ଦାରୁବ୍ରହ୍ମଙ୍କ ଦର୍ଶନ ଲାଗି ଶତାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଚଳିତବର୍ଷ ଅତି ଆଡମ୍ବର ପୂର୍ଣ୍ଣଭାବେ ରଥଯାତ୍ରା ଆୟୋଜନ ଲାଗି କମିଟି ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ପାନୀୟଜଳ, ପ୍ରାଥମିକ ଚିକିତ୍ସା ସେବା, ଭିଡ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି।

## ଅନ୍ତର୍ଜାତୀୟସ୍ତରରେ ପୁରସ୍କୃତ ସମାଜସେବୀ ମାନସୀଙ୍କୁ ସମ୍ବର୍ଦ୍ଧନା

ଗମ୍ଭାରୀମୁଣ୍ଡା,୨୮।୫(ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ପାଇଁ ଗର୍ବିତ ଆୟତପୁର ଗ୍ରାମର ସୁନା ଝିଅ ମାନସୀ ପ୍ରଧାନ। ବିଗତ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ନାରୀ ସଶକ୍ତୀକରଣ ଦିଗରେ ସମାଜସେବୀ ତଥା ଝାନ୍‌ସୀରାଣୀ ଲକ୍ଷ୍ମୀବାଇ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ହୋଇଥିବାବେଳେ ନିକଟରେ ୨୦୨୪ ବର୍ଷ ପାଇଁ ଆନ୍ତର୍ଜାତିକସ୍ତରରେ ଆମେରିକାର ପ୍ରତିଷ୍ଠିତ ସଂସ୍ଥା "ଏମ୍‌ଆଇଟି" ଦ୍ୱାରା ଦୃଢ଼ମନା ମହିଳା ସମାଜସେବୀ ଭାବରେ ୧୧୩ତମ ସ୍ଥାନ ଅଧିକାର କର ଆମ ଦେଶ ଓ ଆମ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ବାଣପୁର ମାଟିର ଗର୍ବ ଗୌରବର ଝିଅ ମାନସୀ ସମାଜସେବୀ ଭାବେ ସ୍ଥାନୀୟ ମହିଳାଙ୍କ ସ୍ୱର ପାଲଟିଥିବାରୁ ତାଙ୍କର ଏହି ସଫଳତା ପାଇଁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ନାଚୁଣୀ ନିକଟସ୍ଥ ସୁନାଖଳା ଡାକବଙ୍ଗଳାଠାରେ ବିଭିନ୍ନ ସମାଜସେବା ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣୀ, ମୁଖ୍ୟବକ୍ତା ଭାବେ ଜାତିସଂଘରେ କାର୍ଯ୍ୟରତ ନିତି ଅଧିକାରିଣୀ ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ଗୌରବ ବୈଶାଳୀ ମହାନ୍ତି, ସମ୍ମାନିତ ଅତିଥି ଭାବେ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ପ୍ରାକ୍ତନ ପ୍ରଧାନଶିକ୍ଷକ ବିଶ୍ୱଭୂଷଣ ରାଉତରାୟ ଯୋଗଦେଇଥିଲେ।



## ବିଧାୟକଙ୍କ ବାସଭବନରେ ବିଜେଡିର ସାଂଗଠନିକ ବୈଠକ

ବେଗୁନିଆ,୨୮।୫(ସମିସ): ବେଗୁନିଆ ନିର୍ବାଚନମଣ୍ଡଳୀରେ ତୃଣମୂଳ ସ୍ତରରୁ ବିଜେଡିକୁ ସୁଦୃଢ଼ କରିବା ପାଇଁ ପଙ୍ଗାରସିଂହ ପଞ୍ଚାୟତର କର୍ମୀ ଓ ଜନସାଧାରଣଙ୍କୁ ନେଇ ଏକ ବୈଠକ ଖୋର୍ଦ୍ଧାସ୍ଥିତ ବିଧାୟକଙ୍କ ବାସଭବନରେ ବୈଠକ ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ସଦାଶିବ ବରିସଲ ଓ ମହିଳା କର୍ମୀ କର୍ପୂର ଲେଙ୍କାଙ୍କ ସମେତ ଦଳୀୟ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ରହି ନିଜର ମତାମତକୁ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଧାୟକ ପ୍ରଦୀପ କୁମାର ସାହୁ କହିଥିଲେ ଯେ ସମସ୍ତେ ଏକଜୁଟ୍ ହୋଇ ମନରେ କୌଣସି ପ୍ରକାର ମାନ ମନାନ୍ତର ନ ରଖି ସଂଗଠନ ପ୍ରତି ମନୋନିବେଶ କରି ଦଳକୁ ମଜଭୁତ କରିବାକୁ ପରାମର୍ଶ ଦେଇଥିଲେ। ଏପରିକି ଆଗାମୀ ଦିନରେ ଆମର ଲୋକପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁନର୍ବାର ଶାସନ କ୍ଷମତାକୁ ଫେରି ଜନସାଧାରଣଙ୍କ ମଧ୍ୟରେ ପ୍ରିୟଭାଜନ ହୋଇପାରିବେ ବୋଲି କହିଥିଲେ।



## ସାଇବର୍ ଥାନା ଦାବିକଲା ଖୋର୍ଦ୍ଧା ବିକାଶ ମଞ୍ଚ

ଖୋର୍ଦ୍ଧା,୨୮।୫(ସମିସ): ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଏକ ସାଇବର ଥାନା ଓ ମୋବାଇଲ ଡ଼ିଟେକ୍‌ସନ୍ ସେଣ୍ଟର ଖୋଲାଯାଉବୋଲି ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ବିକାଶ ମଞ୍ଚର ଏକ ପ୍ରତିନିଧି ଦଳ ଏସ୍‌ପି ସାଗରିକା ନାଥଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ପ୍ରକାଶ ଥାଉକି, ଖୁବ୍‌ଶୀଘ୍ର ୨୦ଗୋଟି ଜିଲ୍ଲାରେ ସାଇବର ଥାନା ଖୋଲାଯିବ ବୋଲି ଗତ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ବର୍ତ୍ତମାନ ଚାରିଆଡ଼େ ମାତିଛନ୍ତି ସାଇବର୍ ଠକ। ଜିଲ୍ଲାର ଭୁବନେଶ୍ୱରରେ ସାଇବର ଥାନା ଥିଲେ ମଧ୍ୟ ବ୍ୟସ୍ତ ବହୁଳତା ହେତୁ ଖୋର୍ଦ୍ଧା ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳ ବାସିନ୍ଦା ବାରମ୍ବାର ଦୌଡ଼ିବା ସତ୍ତ୍ୱେ ଏହାର ଉପକାରିତା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଖୋର୍ଦ୍ଧାରେ ଏକ ସାଇବର ଥାନା ଖୋଲିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏଥିସହିତ ଏକ ମୋବାଇଲ୍ ଡ଼ିଟେକ୍‌ସନ୍ ୟୁନିଟ୍ ସ୍ଥାପନ କରାଯାଉ ବୋଲି ମଞ୍ଚ ପକ୍ଷରୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ବଦ୍ରି ନାରାୟଣ ଦାସ, ରଜନୀକାନ୍ତ ମହାପାତ୍ର, ସନ୍ତୋଷ ଦାସ, ମନୋଜ ଦାସ ପ୍ରମୁଖ ସାମିଲ ଥିଲେ।

### ଆଇଆଇଟିରେ ଋତୁସ୍ରାବ ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଉପରେ ସମ୍ମିଳନୀ

# 'ଋତୁସ୍ରାବ ସ୍ୱାସ୍ଥ୍ୟ ଉପରେ ପୁରୁଷଙ୍କୁ ବି ଶିକ୍ଷା ଦିଆଯିବା ଉଚିତ୍'

ଜଟଣୀ,୨୮।୫(ସମିସ)

ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି)ର ଅଡିଟୋରିୟମ୍‌ରେ ଆୟୋଜିତ 'ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା' ଉପରେ ଏକ ସମ୍ମିଳନୀ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ବେସରକାରୀ ଏବଂ ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ଋତୁସ୍ରାବ ସୁଗମତାରେ ଏକ ପଦକ୍ଷେପର ପ୍ରତୀକ। ଋତୁସ୍ରାବ ଏକ ପ୍ରାକୃତିକ ଜୈବିକ ପ୍ରକ୍ରିୟା। ଦୀର୍ଘ ଦିନ ଧରି ନିଷେଧରେ ଆଚ୍ଛାଦିତ ହୋଇରହିଛି। ଯାହା ପିଢ଼ି ପରେ ପିଢ଼ି ମହିଳାଙ୍କୁ ନିରବରେ କଷ୍ଟ ଭୋଗିବାକୁ ବାଧ୍ୟ କରୁଛି। ଏହି ନୀରବତା ଭାଙ୍ଗିବା ସମୟ ଆସିଛି ଏବଂ ଏହି କନ୍‌କ୍ଲେଭ ଭଳି ପଦକ୍ଷେପ ପରିବର୍ତ୍ତନକୁ ଆଗେଇ ନେବାର ପ୍ରମୁଖ କାରଣ। ମହିଳା ଏବଂ ଝିଅମାନଙ୍କୁ ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତାର ଅଧିକାର ଦାବି କରିବା ପାଇଁ ସୂଚନା ଏବଂ ସଶକ୍ତ କରାଯିବା ଉଚିତ୍। ଯେଉଁଦିନ ସାନିଟାରି ନାପକିନ୍ ପରିବାରର ମାସିକ ତାଲିକାର ଅଂଶ ହେବ କିମ୍ବା ଭାଇର ତାଙ୍କ ଭଉଣୀକୁ ଉପହାର ହେବ, ଆମେ ମହିଳା ସଶକ୍ତୀକରଣରେ ପ୍ରକୃତ ପ୍ରଗତି ଦେଖିବୁ। ପୁରୁଷମାନଙ୍କୁ ମଧ୍ୟ ଏହି କଳଙ୍କ ଭାଙ୍ଗିବାରେ ସାହାଯ୍ୟ କରିବା ପାଇଁ ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଉପରେ ଶିକ୍ଷିତ କରାଯିବା ଉଚିତ୍ ବୋଲି କହିଛନ୍ତି।



କାର୍ଯ୍ୟକ୍ରମଟି 'ପ୍ରୋଜେକ୍ଟ ପିରିୟଡ୍: ପରିମଳ, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଏବଂ ପରିବେଶ (ଏସ୍‌ଏଚ୍‌ଇ)' ପଦକ୍ଷେପ ଅଧୀନରେ ଆଇଆଇଟି ଗବେଷଣା ଏବଂ ଉଦ୍ୟୋମିତା ପାର୍କ ଦ୍ୱାରା ୟୁନିସେଫ୍, ସୌଖ୍ୟମ୍ ଫାଉଣ୍ଡେସନ୍, ଆକ୍ସନ୍ ଲ୍ୟାବ୍-୨୦୫୦ ଫାଉଣ୍ଡେସନ୍, ଓଡ଼ିଶା ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଆଲାଏନ୍ସର ସହଯୋଗରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଶ୍ରୀମତୀ ପରିଡ଼ା କାନାରା ବ୍ୟାଙ୍କ ଦ୍ୱାରା ଦାନ କରାଯାଇଥିବା ଦୁଇଟି ସାନିଟାରି ନାପ୍‌କିନ୍ ଭେଣ୍ଡିଂ ମେସିନକୁ ଉନ୍ମୋଚନ କରିଥିଲେ।

ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମାଳକର କହିଛନ୍ତି ଯେ ଏହି କନ୍‌କ୍ଲେଭ ଏକ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ପ୍ରାୟତଃ ଅଣଦେଖା କରାଯାଇଥିବା ପ୍ରସଙ୍ଗକୁ ଉଜ୍ଜ୍ୱଳ କରୁଛି। ଯାହା ଶିକ୍ଷା, ସମାନତା ଏବଂ ଜନସ୍ୱାସ୍ଥ୍ୟ ସହିତ ଜଡ଼ିତ। ଋତୁସ୍ରାବ ସ୍ୱାସ୍ଥ୍ୟ କେବଳ ମହିଳାଙ୍କ ସମସ୍ୟା ନୁହେଁ; ଏହା ଏକ ସାମାଜିକ ଜରୁରୀ ବୋଲି କହିଛନ୍ତି। ଆଇଆଇଟିର ଗବେଷଣା ଏବଂ ଉଦ୍ୟୋଗିତା ପାର୍କର ସ୍ୱାଧୀନ ନିର୍ଦ୍ଦେଶକ ସୀମା ବାହିନୀପତି ସ୍ୱାଗତ ଅଭିଭାଷଣ ଦେବା ସହ ଅନ୍ତର୍ଭୁକ୍ତ ସ୍ୱାସ୍ଥ୍ୟ ଏବଂ ଗବେଷଣା ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠାନର ଚାଲିଥିବା ପ୍ରୟାସ ଉପରେ ଆଲୋକପାତ କରିଥିଲେ। ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ଇଏସ୍‌ଜି (ପରିବେଶ, ସାମାଜିକ ଏବଂ ପ୍ରଶାସନ) ବିଭାଗୀୟ ଉପ-ମହାପ୍ରବନ୍ଧକ ହର୍ଷା ଭରଦା ଓ ୟୁନିସେଫ୍ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟର ମୁଖ୍ୟ ୱିଲିଆନ୍ ହାନ୍‌ଲନ୍ ଜୁନିଅର ଯୋଗଦେଇ ଋତୁସ୍ରାବ ସ୍ୱଚ୍ଛତା ଉପରେ ଆଲୋଚନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟିର ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ, ନେକ୍ସସ୍ ସିଲେକ୍ଟ ମଲ୍‌ର ମହାପ୍ରବନ୍ଧକ (ଇଏସ୍‌ଜି) ନିଲେଶ ସିଂହ, ସୌଖ୍ୟମ୍ ଫାଉଣ୍ଡେସନ୍‌ର ପ୍ରଫେସର ପ୍ରବୀଣ ବିଷ୍ଟ, ୟୁନିସେଫ୍‌ର କରିନା ମାଲ୍‌କଜେୱସ୍କା, ପ୍ରତିଭା ସିଂହ, ସିପ୍ରା ସକ୍ସେନା, ଆସ୍ଥା ଆଲଙ୍ଗ ଯୋଗଦେଇଥିଲେ।

## ୩୫ ଲିଟର ଦେଶୀ ମଦ ଜବତ, ଦୁଇ ଗିରଫ

ବେଗୁନିଆ,୨୮।୫(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଓ ବେଗୁନିଆ ଅବକାରୀ ପୁଲିସ ପକ୍ଷରୁ ମିଳିତ ଭାବେ ଚଢ଼ଉ କରି ୩୫ ଲିଟର ଦେଶୀ ମଦ ଜବତ ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ ହୋଇଛି। ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଥାର୍ପା ମାରାଣ୍ଡିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ହେଲେ ବେଗୁନିଆ ଥାନା ପିତୁକୁଳି ଗ୍ରାମର ଅନନ୍ତ ନାୟକ ଓ ବେଗୁନିଆର ଲଳିତା ସାହୁ।

### ● ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

## ବେଗୁନିଆ ମିଡିଆ ହାଉସ୍ ପକ୍ଷରୁ ନିନ୍ଦା

ବେଗୁନିଆ,୨୮।୫(ସମିସ): ବଲାଙ୍ଗୀର ପୁଇଁତଲା ଥାନା କୁଳଥାପଲ୍ଲୀ ଗ୍ରାମରେ କାର୍ଯ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ବେଗୁନିଆ ମିଡ଼ିଆ ହାଉସ ପକ୍ଷରୁ ଆଭାସୀ ମାଧ୍ୟମରେ ବୈଠକ ଅନୁଷ୍ଠିତ ହୋଇଛି। ସଭା ପ୍ରାରମ୍ଭରେ ଆକ୍ରମଣ ଘଟଣାରେ ମିଡ଼ିଆ ହାଉସ୍ ପକ୍ଷରୁ ନିନ୍ଦା ପ୍ରସ୍ତାବ ଆଗତ କରାଯାଇ ତୁରନ୍ତ ମୁଖ୍ୟ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଏଥିରେ ଉପଦେଷ୍ଟା ଶିକ୍ଷାବିତ ଗୌର ଚରଣ ପ୍ରହରାଜ, ସାମ୍ବାଦିକ ଭଗବାନ ପଣ୍ଡା, ନଳିନୀକାନ୍ତ ପଣ୍ଡା, ଶରତ ବାରିକ, ସଦସ୍ୟ ଗଣେଶ୍ୱର ମହାପାତ୍ର, ସନ୍ଧ୍ୟାରାଣୀ ମିଶ୍ର, ପୁରୁଷୋତ୍ତମ ପଟ୍ଟନାୟକ,ଯୋଗେଶ୍ୱର ପଣ୍ଡା, ସମୀର କୁମାର ସୁନ୍ଦରାୟ, ଗୋବିନ୍ଦ ଚନ୍ଦ୍ର ଖୁଣ୍ଟିଆ, ସଞ୍ଜୟ କୁମାର ବାହୁବଳେନ୍ଦ୍ର, ନିରଞ୍ଜନ ନାୟକ ଓ ଅଜୟ କୁମାର ସେଠୀ ପ୍ରମୁଖ ଆଭାସୀ ବୈଠକରେ ଉପସ୍ଥିତ ରହି ଖବର ସଂଗ୍ରହବେଳେ ସାମ୍ବାଦିକଙ୍କୁ ଆକ୍ରମଣ ନେଇ କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟ ସରକାର ସାମ୍ବାଦିକଙ୍କ ସୁରକ୍ଷା ପାଇଁ ତୁରନ୍ତ ଆଇନ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ।

■ ରଥଖଳାରୁ...

# ତାଳଧ୍ୱଜ ରଥ ପୋଲ ଗୟଳ ଚିରଟ ଆରମ୍ଭ



ପୁରୀ,୨୮।୫(ସମିସ): ରଥଯାତ୍ରା ପାଇଁ ରଥ ନିର୍ମାଣ ଦ୍ରୁତ ଗତିରେ ଆଗେଇ ଚାଲିଛି। ପରମ୍ପରା ଅନୁଯାୟୀ, ସ୍ନାନ ପୂର୍ଣ୍ଣିମାକୁ ତିନିରଥର ଚକ, ଅଖ ଏବଂ ଦଣ୍ଡା ସଂଯୋଗ ହୋଇ ଗରଗରା ଉପରେ ଚାରିନାହାକା ଉଠିଥାଏ। ତେଣୁ ଏହାକୁ ନଜରରେ ରଖି ରଥ ନିର୍ମାଣକାରୀ କାମକୁ ଗତିଶୀଳ କରିଛନ୍ତି। ମଙ୍ଗଳବାର ତିନିରଥର ସମସ୍ତ ୪୨ଟି ଚକ (ତାଳଧ୍ୱଜ ୧୪, ଦେବଦଳନ ୧୨ ଓ ନନ୍ଦିଘୋଷ ୧୬) ନିର୍ମାଣ ଶେଷ ହୋଇଥିଲା। ଏହାପରେ ତିନି ରଥ ଚାଲିକୁ ଗରଗରା ନିର୍ମାଣ ପାଇଁ ଦୁଇଟି ଲେଖାଏ ୨୦ଫୁଟିଆ ଧଉରା କାଠ, ଚାରି ନାହାକା ପାଇଁ ପ୍ରଥମ ଦଫାରେ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଏବଂ ପୋଲ ଗୟଳ ନିର୍ମାଣ ପାଇଁ ୪୦ ଫୁଟିଆ ଧଉରା କାଠ ଯୋଗାଇ ଦିଆଯାଇଥିଲା। ବୁଧବାର ଏହି ସବୁର କାମ ଜାରି ରହିଛି। ଅନ୍ୟାନ୍ୟ କାମ ମଧ୍ୟରେ ପ୍ରତ୍ୟେକ ରଥର ପାଞ୍ଚଦଣ୍ଡା ଚଉପଟ କାମ ଚାଲିଛି। ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଗରଗରା କାଠର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ତାଳଧ୍ୱଜ ରଥର ପୋଲ ଗୟଳ ଉଭୟ ପାର୍ଶ୍ୱ ସମତଳ ପରେ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। କରତୀ ସେବକମାନେ ବାହାର ରଥ ଖଳାରେ ଏହାକୁ ଚିରଟ କରୁଛନ୍ତି। ଏହାର ଚିରଟ ଶେଷ ହେବା ପରେ ନନ୍ଦିଘୋଷ ରଥର ଗୟଳ ଚିରଟ କରାଯିବ। ରୂପକାର ସେବକମାନେ ତିନିରଥର ୧୧ଟି ଲେଖାଏଁ ସାଲ ଗୁଜରେ ରୂପ ଅଙ୍କନ ସହ ପଲିସ କାର୍ଯ୍ୟ ଶେଷ କରିଛନ୍ତି। ରୂପଗୁଡ଼ିକର ଅଳଙ୍କାର ପକା କାର୍ଯ୍ୟ ପ୍ରାୟ ସରିଯାଇଛି। ସେହିପରି ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନି ରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀଠାରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା, ରଥଯାତ୍ରାରେ ଆବଶ୍ୟକ କାଠ ସରଞ୍ଜାମ ନିର୍ମାଣ କରୁଛନ୍ତି।

# ହାଡ଼,ଗୋଡ଼ ଚୂନା କରି ମାରିଦେଲେ ହାତୀପଲ

ଓଡ଼ଗାଁ,୨୮।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅନ୍ତର୍ଗତ ପୋକସୁଗାଁ ଗାଁର ବ୍ରଜବନ୍ଧୁ ମଳିକ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ଘରକୁ ଫେରୁଥିବା ବେଳେ ସୁରୁକାବାରି ଉପର ତଇଲା ଅଞ୍ଚଳରେ ୧୪ ଘରିଆ ଏକ ହାତୀପଲ ତାଙ୍କୁ ଆକ୍ରମଣ କରିଥିଲେ। ହାତୀ ଆକ୍ରମଣରେ ତାଙ୍କ ଶରୀରର ହାଡ଼ ଚୂନା ହୋଇଯାଇଥିବା ବେଳେ ମୁଣ୍ଡ ଓ କାନରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରିବାରଲୋକ ଘଟଣାସ୍ଥଳରୁ ବ୍ରଜବନ୍ଧୁଙ୍କ ମୃତଶରୀରକୁ ଉଦ୍ଧାର କରି ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଏନେଇ ଅଭିଯୋଗ ହେବା ପରେ ଓଡ଼ଗାଁ ପୁଲିସ୍ ୨୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ରଜବନ୍ଧୁ ମଙ୍ଗଳବାର ଅପରାହ୍ଣରେ ଅନ୍ୟ ଗାଁରୁ କାର୍ଯ୍ୟସାରି ସାଇକଲ ଯୋଗେ ଏକ ଓସାରିଆ ରାସ୍ତା ଦେଇ ନିଜ ଗାଁ ଘରକୁ ଫେରୁଥିଲେ। ସେ ଜଣେ ଶ୍ରବଣବାଧିତ ବ୍ୟକ୍ତି ହୋଇଥିବାରୁ ହାତୀପଲଙ୍କ ଆତଯାତ ସମ୍ପର୍କରେ ଶୁଣି ନ ପାରି ହଠାତ୍ ହାତୀପଲଙ୍କ ସାମ୍ନାକୁ ଆସିଯାଇଥିଲେ। ଫଳରେ ହାତୀଙ୍କ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ମହିପୁର ବନାଞ୍ଚଳ ଅଧିକାରୀ ଅମ୍ରିତ୍ ସାହୁ କହିଛନ୍ତି। ସେ ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ ଆର୍ଥିକ ପରିଚାଳନା

# ନିଜସ୍ୱ ଟିକସ ଓ ଅଣଟିକସ ରାଜସ୍ୱ ସଂଗ୍ରହ ହ୍ରାସ

ଭୁବନେଶ୍ୱର, ୨୮।୫ (ସମିସ): ରାଜ୍ୟରେ ଡବଲ ଇଞ୍ଜିନ ବିଜେପି ସରକାରକୁ ଏକ ବର୍ଷ ପୂରଣ ହେବାକୁ ଯାଉଛି। ଏହି ବର୍ଷ ମଧ୍ୟରେ ରାଜ୍ୟ ସରକାର ନିଜ ଉପଲବ୍ଧିକୁ ରାଜ୍ୟବ୍ୟାପୀ ପ୍ରଚାର ପ୍ରସାର କରିବାକୁ ନିଜର ପ୍ରସ୍ତୁତି ଚଳାଇଛନ୍ତି। ତେବେ ଏହି ବର୍ଷକ ମଧ୍ୟରେ ରାଜ୍ୟ ସରକାର ଯେଉଁ କେତେକ କ୍ଷେତ୍ରରେ ସବୁଠାରୁ ଅଧିକ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି, ତନ୍ମଧ୍ୟରେ ଦୁର୍ବଳ ଆର୍ଥିକ ପରିଚାଳନା ସର୍ବାଗ୍ରେ ରହିଥିବା ଜଣାପଡ଼ିଛି। ପୂର୍ବ ବିଜେଡି ସରକାର ନବୂଆ ସରକାରଙ୍କୁ ଏକ ରାଜସ୍ୱ ବଳକା ଏବଂ ସବଳ ଅର୍ଥନୀତି ଉତ୍ତରାଧିକାରୀ ସତ୍ତ୍ୱରେ ଛାଡ଼ି ଯାଇଥିଲେ। ମାତ୍ର ଏହି ବର୍ଷକର ଯାତ୍ରାରେ ରାଜ୍ୟର ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କଲେ ଏହା ଯେ ପୂର୍ବପରି ଶୃଙ୍ଖଳିତ ଭାବେ ପରିଚାଳିତ ହେଉନାହିଁ, ତାହା ଜଳଜଳ ଦିଶୁଛି। ନିଜସ ଟିକସ ରାଜସ୍ୱଠାରୁ ଆରମ୍ଭ କରି ନିଜସ୍ୱ ଅଣ-ଟିକସ ରାଜସ୍ୱ ଆଦାୟ ହ୍ରାସ ପାଇଥିବା ବେଳେ ଆଗାମୀ ଦିନରେ ଶୃଙ୍ଖଳିତ ଆର୍ଥିକ ପରିଚାଳନା ସରକାରଙ୍କ ପାଇଁ ଆହ୍ୱାନ ପାଲଟିବାକୁ ଯାଉଛି।

୨୦୨୩-୨୪ଆର୍ଥିକ ବର୍ଷରେ ନିଜସ୍ୱ ଟିକସ ସଂଗ୍ରହ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୬.୯୧ ପ୍ରତିଶତ ବଢ଼ିଥିଲା। ମାତ୍ର ୨୦୨୪-୨୫ରେ ସେଥିରେ ମାତ୍ର ୩.୬୫ ପ୍ରତିଶତ ବୃଦ୍ଧି ହୋଇଥିବା ଜଣାପଡ଼ିଛି। ୨୦୨୫-୨୬ ଅର୍ଥାତ୍ ଚଳିତ ଆର୍ଥିକ ବର୍ଷରେ ସରକାର ଏଥିରୁ ୬୬ ହଜାର କୋଟି ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି। ମାତ୍ର ଉକ୍ତ ପରିମାଣର ରାଜସ୍ୱ ସଂଗ୍ରହରେ ଯେ ସରକାର ସଫଳ ହେବେ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସମାନ ଭାବେ ରାଜ୍ୟରେ ନିଜସ୍ୱ ଅଣଟିକସ ରାଜସ୍ୱ ସଂଗ୍ରହ ମଧ୍ୟ ନିରାଶାଜନକ ରହିଛି। ୨୦୨୩-୨୪ରେ ଅଣ ଟିକସ ରାଜସ୍ୱ ସଂଗ୍ରହ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୨୪.୦୯ ପ୍ରତିଶତ ବଢ଼ିଥିଲା। ଫଳରେ ଏଥିରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୫୮ ହଜାର କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ୨୦୨୪-୨୫ରେ ଏହା ବଢ଼ିବା ପରିବର୍ତ୍ତେ ଆଶ୍ଚର୍ଯ୍ୟଜନକ ଭାବେ ୩.୬୬ ପ୍ରତିଶତ ହ୍ରାସ ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଏଥିରୁ ୬୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉଭୟ ନିଜସ୍ୱ ଟିକସ ରାଜସ୍ୱ ଏବଂ ନିଜସ୍ୱ ଅଣଟିକସ ରାଜସ୍ୱରୁ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୧ ଲକ୍ଷ ୨୬ ହଜାର କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ତେବେ ଟିକସ ସଂଗ୍ରହରେ ସରକାରଙ୍କ ପ୍ରଦର୍ଶନକୁ ଦେଖିଲେ ଏହା ବେଶ୍ ଆହ୍ୱାନପୂର୍ଣ୍ଣ ରହିବ ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି। ଅପରପକ୍ଷେ ୨୦୨୩-୨୪ରେ ରାଜ୍ୟରେ ଖଣି ରାଜସ୍ୱ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୯.୭୬ ପ୍ରତିଶତ ବଢ଼ିଥିବା ବେଳେ ୨୦୨୪-୨୫ରେ ତାହା ପ୍ରାୟ ୯.୬୯ ପ୍ରତିଶତ ହ୍ରାସ ପାଇଛି। ସବୁ କ୍ଷେତ୍ରରେ ରାଜସ୍ୱ ପ୍ରାପ୍ତି କମ୍ ସରକାରଙ୍କ ଅପାରଗତାକୁ ଜଳଜଳ ଦର୍ଶାଉଛି। ଅତଏବ ରାଜ୍ୟ ସରକାର ରାଜ୍ୟର ଆର୍ଥିକ ପରିଚାଳନା ଦିଗ ପ୍ରତି ସର୍ବାଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ରାଜ୍ୟରେ ସୁଭଦ୍ରା, ଧାନର ଏମଏସପି ୩୧୦୦ ଟଙ୍କା ବାବଦରେ ବିପୁଳ ପରିମାଣରେ ଅର୍ଥ ବ୍ୟୟ କରିଛନ୍ତି। ଏସବୁ ଅର୍ଥର ଭରଣା ପାଇଁ ସରକାର ଟିକସ ସଂଗ୍ରହ କ୍ଷେତ୍ରରେ ସରକାର ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

**ପିପିଲିରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ**

# ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କ କୁଶପୁତ୍ତଳିକା ଦାହ କଲା ବିଜେଡି

ପିପିଲି, ୨୮।୫ (ସମିସ): ପିପିଲି ଓ ଡେଲାଙ୍ଗରେ ଆଇନଶୃଙ୍ଖଳା ପୂରା ଭୁଶୁଡ଼ି ପଡ଼ିଥିବା ଅଭିଯୋଗ କରି ଆଜି ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିଜେଡିର ଅଭିଯୋଗ ହେଲା, ପିପିଲି, ଡେଲାଙ୍ଗରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ନାବାଳିକା ଦୁଷ୍କର୍ମଠାରୁ ଆରମ୍ଭ କରି ଅପହରଣ ପରେ ହତ୍ୟା, ବେଆଇନ ନିଶା କାରବାର, ବାଲି ଚୋରାଚାଲାଣ ସହ ମହିଳା ଆର୍‌ଆଇଙ୍କୁ ଅତିରିକ୍ତ ତହସିଲ୍‌ଦାରଙ୍କ ଅସଦାଚରଣ ଘଟଣାକୁ ନେଇ ପିପିଲି ପୂରା ରାଜ୍ୟରେ ଲଜ୍ଜିତ ହୋଇଛି। ମହିଳା ଆର୍‌ଆଇଙ୍କ ଅଭିଯୋଗ ପରେ ପିପିଲିରୁ ଅତିରିକ୍ତ ତହସିଲ୍‌ଦାରଙ୍କୁ ଅନ୍ୟତ୍ର ବଦଳି କରି ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ଚୁପ୍ ବସି ଯାଇଛି। ଏହାର ପ୍ରତିବାଦରେ ବିଜୁ ଜନତା ଦଳର ପିପିଲି ବ୍ଲକ୍ ସଭାପତି ତଥା ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁଙ୍କ ନେତୃତ୍ୱରେ ଆଜି ଅପରାହ୍ଣରେ ହାଟଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



ବିଜେଡି କର୍ମୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏଥିରେ ବରିଷ୍ଠ ବିଜେଡି ନେତା ଶରତ ବେହେରା, ପିପିଲି ଏନ୍‌ଏସିର ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷ ଭାଗ୍ୟବତୀ ମହାରଣା, ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, ପୂର୍ବତନ ସରପଞ୍ଚ କୁଞ୍ଜମୋହନ ଦାଶ, ସୁକାନ୍ତ ପଣ୍ଡା, ସରପଞ୍ଚ ଧ୍ରୁବଚରଣ ପ୍ରଧାନ, ପ୍ରଦୀପ୍ତ ମିଶ୍ର, ବିଜେଡି ନେତା ଦେବାଶିଷ ନନ୍ଦ, ଆର୍ତ୍ତବନ୍ଧୁ ସାମନ୍ତରାୟ, ପ୍ରକାଶ ଧଳ, ବିରଜା ପ୍ରସାଦ ପଟ୍ଟନାୟକ,

**ଅତିରିକ୍ତ ତହସିଲଦାରଙ୍କୁ ତୁରନ୍ତ ଗିରଫ କର**

ଆଶିଷ ବରାଳ, ସମିତିସଭ୍ୟ ରଶ୍ମିରଞ୍ଜନ ଭଟ୍ଟ, ସରପଞ୍ଚ ସତ୍ୟନାରାୟଣ ବସ୍ତିଆ, ଯୁବ ବିଜେଡି ନେତା ବିଶ୍ୱଜିତ ଦାଶ, ସୌମ୍ୟରଞ୍ଜନ ମହାପାତ୍ର, ଛାତ୍ରନେତା ଅଜୟ ବେହେରା, କାଉନସିଲର୍ ଚନ୍ଦନ ସେଠୀ, ଜୟନ୍ତ ଦାଶ ପ୍ରମୁଖ ଶତାଧିକ ଲୋକ ସାମିଲ ହୋଇ ବିଜେପି ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏଥିରେ ଅତିରିକ୍ତ ତହସିଲ୍‌ଦାରଙ୍କୁ ତୁରନ୍ତ ଗିରଫ କରିବା ସହ ଚାକିରିରୁ ବହିଷ୍କାର କରିବା ପାଇଁ ବିଜେଡି ପକ୍ଷରୁ ଦାବି ହୋଇଥିଲା।

# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୭୫
- ପାଉଣ୍ଡ ୧୧୫.୦୪
- ୟୁରୋ ୯୬.୯୩
- ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୮୯,୩୫୦ (ନୂଆଦିଲ୍ଲୀ)
- ରୁପା : ୧୦୦,୦୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୩୧୨.୦୦
- ନିଫ୍ଟି ୨୪,୭୫୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ପୂର୍ବତନ ସେବି ମୁଖ୍ୟ ମାଧବୀ ବୁଚ୍‌ଙ୍କୁ କ୍ଲିନ୍‌ଚିଟ୍

ନୂଆଦିଲ୍ଲୀ,୨୮।୫(ଏଜେନ୍ସି) :



● ସମସ୍ତ ଅଭିଯୋଗକୁ ଲୋକପାଳ ଖାରଜ କଲେ

ପୂର୍ବତନ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଦୁର୍ନୀତିର ଅଭିଯୋଗଗୁଡ଼ିକର ତଦନ୍ତ କରିବା ପରେ ଲୋକପାଳ ତାଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି। ଲୋକପାଳ କହିଛନ୍ତି ଯେ ମାଧବୀଙ୍କ ବିରୋଧରେ ଲଗାଯାଇଥିବା ଅଭିଯୋଗଗୁଡ଼ିକ କେବଳ ଅନୁମାନ ଏବଂ ଧାରଣା ଉପରେ ଆଧାରିତ, ଯାହାର କୌଣସି ଠୋସ୍ ପ୍ରମାଣ ନାହିଁ। ଅଭିଯୋଗଗୁଡ଼ିକରେ ହିଣ୍ଡେନବର୍ଗ ରିସର୍ଚ୍ଚର ରିପୋର୍ଟକୁ ଆଧାର କରାଯାଇଥିଲା, କିନ୍ତୁ ଲୋକପାଳ ଏହାକୁ କାର୍ଯ୍ୟାନୁଷ୍ଠାନ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି କହିଥିଲେ।

ମାଧବୀ ପୁରୀ ବୁଚଙ୍କ ବିରୁଦ୍ଧରେ ଅଭିଯୋଗ ୨୦୨୩ରେ ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ର ଏବଂ ଅନ୍ୟ ଦୁଇଜଣଙ୍କ ଦ୍ୱାରା ଦାୟର କରାଯାଇଥିଲା। ଏହି ଅଭିଯୋଗଗୁଡ଼ିକରେ ଦର୍ଶାଯାଇଥିଲା ଯେ ବୁଚ୍ ଏବଂ ତାଙ୍କ ସ୍ୱାମୀ କିଛି ଅଫଶୋର ପାଣ୍ଠିରେ ଅଂଶଧନ ରଖିଛନ୍ତି, ଯାହା ଆଦାନୀ ଗ୍ରୁପ୍ ସହିତ ଜଡିତ କଥିତ ପାଣ୍ଠି ସ୍ଥାନାନ୍ତର ସହିତ ଜଡିତ ବୋଲି କୁହାଯାଇଥିଲା। ଏହି ଅଭିଯୋଗଗୁଡ଼ିକ ଆମେରିକୀୟ ଗବେଷଣା ସଂସ୍ଥା ହିଣ୍ଡେନବର୍ଗ ରିସର୍ଚ୍ଚ ଦ୍ୱାରା ୨୦୨୪ ଅଗଷ୍ଟ ୧୦ରେ ପ୍ରକାଶିତ ଏକ ରିପୋର୍ଟ ଉପରେ ଆଧାରିତ ଥିଲା। ବୁଚ୍ ଏବଂ ତାଙ୍କ ସ୍ୱାମୀ ଏହି ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ କହିଥିଲେ ଯେ ଏକ ଛୋଟ ଶର୍ଟ ସେଲିଂ ସଂସ୍ଥା ଦେଶର ନିୟାମକ ସଂସ୍ଥାର ବିଶ୍ୱସନୀୟତା ଉପରେ ଆକ୍ରମଣ କରିବାକୁ ଏବଂ ଏହାର ଚରିତ୍ରକୁ ବଦନାମ କରିବାକୁ ଚେଷ୍ଟା କରୁଛି। ଆଦାନୀ ଗ୍ରୁପ୍ ମଧ୍ୟ ଏହି ଅଭିଯୋଗଗୁଡ଼ିକୁ ମିଥ୍ୟା ଏବଂ ଭ୍ରମାତ୍ମକ ବୋଲି କହିଥିଲା।

ବିଚାରପତି ଏଏମ୍ ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଲୋକପାଳର ୬ ଜଣିଆ ଖଣ୍ଡପୀଠ ମେ ୨୨ରେ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ ଯେ କରାଯାଇଥିବା ଅଭିଯୋଗଗୁଡ଼ିକ ଅନୁମାନ ଏବଂ ଧାରଣା ଉପରେ ଆଧାରିତ ଏବଂ କୌଣସି ପ୍ରାମାଣିକ ଦସ୍ତାବିଜ ଦ୍ୱାରା ପ୍ରମାଣିତ ନୁହେଁ। ଆଦେଶରେ ଏହା ମଧ୍ୟ କୁହାଯାଇଛି ଯେ ଏହି ଅଭିଯୋଗଗୁଡ଼ିକରେ ଏପରି କୌଣସି ଉପାଦାନ ନାହିଁ ଯାହା ଦୁର୍ନୀତି ନିବାରଣ ଆଇନର ଧାରା ଅନୁଯାୟୀ ତଦନ୍ତ କରିବା ଯୋଗ୍ୟ। ତେଣୁ, ଏହି ଅଭିଯୋଗଗୁଡ଼ିକୁ ଖାରଜ କରାଯାଉଛି।

## ଇଣ୍ଡିଗୋରୁ ଶେୟାର ବିକିଲେ ସହପ୍ରତିଷ୍ଠାତା

ନୂଆଦିଲ୍ଲୀ,୨୮।୫ (ଏଜେନ୍ସି): ଇଣ୍ଟରଗ୍ଲୋବ ଆଭିଏସନର ପ୍ରମୋଟର ରାକେଶ ଗଙ୍ଗୱାଲ ଏବଂ ତାଙ୍କ ଫ୍ୟାମିଲି ଟ୍ରଷ୍ଟ, ଇଣ୍ଡିଗୋରେ ଥିବା ଏହାର ୫.୭ ପ୍ରତିଶତ ଅଂଶଧନ ବିକ୍ରି କରିଛି। 'ବ୍ଲକ୍ ଡିଲ୍' ଦ୍ୱାରା ପ୍ରାୟ ୧୧, ୩୮୬ କୋଟି ଟଙ୍କାରେ ଏହି ଶେୟାର ବିକ୍ରି ହୋଇଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଗଙ୍ଗୱାଲଙ୍କ ବ୍ୟତୀତ ଚିଙ୍କରପୁ ଫ୍ୟାମିଲି ଟ୍ରଷ୍ଟ ଏହି ଶେୟାର ବିକ୍ରି କରିଛି। ଗୋଲ୍ଡମ୍ୟାନ ସ୍ୟାଚ୍, ମର୍ଗାନ ଷ୍ଟାନଲି ଏବଂ ଜେପି ମୋର୍ଗାନ ଭଳି ବଡ଼ ଇନଭେଷ୍ଟମେଣ୍ଟ ବ୍ୟାଙ୍କ ଏହି ଡିଲ୍‌କୁ କାର୍ଯ୍ୟକାରୀ କରିବେ। ସୂଚନାଥାଉକି, ଚିଙ୍କରପୁ ଫ୍ୟାମିଲି ଟ୍ରଷ୍ଟର ଟ୍ରଷ୍ଟି ହେଉଛି ଶୋଭା ଗଙ୍ଗୱାଲ ଏବଂ ଡେଲାୱେରର ଜେପି ମୋର୍ଗାନ ଟ୍ରଷ୍ଟ କମ୍ପାନି । ପୂର୍ବରୁ ଗଙ୍ଗୱାଲ ଏବଂ ପାରିବାରିକ ଟ୍ରଷ୍ଟ ନିକଟରେ ଇଣ୍ଡିଗୋରେ ପ୍ରାୟ ୧୩.୫ ପ୍ରତିଶତ ଅଂଶଧନ ଥିଲା।

# ଜାରି ରହିବ ସୁଧ ସବ୍‌ସିଡି ଯୋଜନା

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ସଂଶୋଧିତ ସୁଧ ସବସିଡି ଯୋଜନା (ଏମଆଇଏସଏସ) ଅନ୍ତର୍ଗତ ସୁଧ ସବସିଡି (ଆଇଏସ) ବ୍ୟବସ୍ଥା ଜାରି ରଖିବାକୁ ଏବଂ ଏଥିପାଇଁ ଆବଶ୍ୟକ ପାଣ୍ଠି ବନ୍ଦୋବସ୍ତକୁ ଅନୁମୋଦନ ଦେଇଛନ୍ତି। ସଂଶୋଧିତ ସୁଧ ସବସିଡି ଯୋଜନା ହେଉଛି ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଯାହାର ଲକ୍ଷ୍ୟ ହେଉଛି କିଷାନ କ୍ରେଡିଟ୍ କାର୍ଡ (କେସିସି) ମାଧ୍ୟମରେ ଚାଷୀମାନଙ୍କୁ ସୁଲଭ ସୁଧ ହାରରେ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତା ସୁନିଶ୍ଚିତ କରିବା। ଏହି ଯୋଜନା ଅଧୀନରେ ଚାଷୀମାନେ କିଷାନ କ୍ରେଡିଟ୍ କାର୍ଡ (କେସିସି) ମାଧ୍ୟମରେ ୭ ପ୍ରତିଶତ ରିହାତି ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପକାଳୀନ ଋଣ ପାଆନ୍ତି, ଯୋଗ୍ୟ ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ୧.୫ ପ୍ରତିଶତ ସୁଧ ରିଆତି ପ୍ରଦାନ କରାଯାଏ।

# ୭୨,୦୦୦ କୋଟିରୁ ଅଧିକ ମୂଲ୍ୟର ଭିତ୍ତିଭୂମି ପ୍ରକଳ୍ପର ସମୀକ୍ଷା

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ପ୍ରଧାନମନ୍ତ୍ରୀ ଆଜି ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଅବସ୍ଥିତ ସଡ଼କ ପରିବହନ, ଶକ୍ତି ଏବଂ ଜଳ ସମ୍ପଦ କ୍ଷେତ୍ରରେ ୭୨,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ତିନୋଟି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ନେଇ ସକ୍ରିୟ ପ୍ରଶାସନ ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ଆଇସିଟି ଆଧାରିତ ପ୍ରଗତି ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ପ୍ରକଳ୍ପ ବିଳମ୍ବ ଯୋଗୁଁ ଉପୁଜିଥିବା ପ୍ରତିକୂଳ ପ୍ରଭାବ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଦୋହରାଇଥିଲେ ଯେ ଏଭଳି ବିଫଳତା କେବଳ ଖର୍ଚ୍ଚ ବୃଦ୍ଧି କରି ନ ଥାଏ, ବରଂ ନାଗରିକମାନଙ୍କୁ ଅତ୍ୟାବଶ୍ୟକ ସେବା ଏବଂ ଭିତ୍ତିଭୂମିରୁ ବଞ୍ଚିତ କରିଥାଏ।

**ପ୍ରଗତି ବୈଠକ**

ରିଅଲ୍ ଇଷ୍ଟେଟ୍ ରେଗୁଲେଟୋରୀ ଅଥରିଟି (ରେରା) ସହିତ ଜଡିତ ସାର୍ବଜନୀନ ଅଭିଯୋଗଗୁଡ଼ିକର ସମୀକ୍ଷା ସମୟରେ ଗୃହ କ୍ରେତାମାନଙ୍କ ପାଇଁ ନ୍ୟାୟ ଏବଂ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ଅଭିଯୋଗ ସମାଧାନର ଗୁଣବତ୍ତା ଏବଂ ସମୟାନୁବର୍ତ୍ତୀତାରେ ଉନ୍ନତି ଆଣିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ରେରା ଅଧିନିୟମ ଅନୁଯାୟୀ ସମସ୍ତ ଯୋଗ୍ୟ ରିଅଲ ଇଷ୍ଟେଟ୍ ପ୍ରକଳ୍ପର ବାଧ୍ୟତାମୂଳକ ପଞ୍ଜୀକରଣ ସୁନିଶ୍ଚିତ କରିବାକୁ ସେ ରାଜ୍ୟ ସରକାରମାନଙ୍କୁ କହିଛନ୍ତି।

## ଦେଶସାରା 'ବୟକଟ୍ ତୁର୍କୀ' ନାରା

# ଇସ୍ତାନବୁଲ୍‌କୁ ପ୍ରଶଂସା କଲା 'ନିତି' ଆୟୋଗ




ନୂଆଦିଲ୍ଲୀ,୨୮।୫(ଏଜେନ୍ସି):ସାରା ଦେଶରେ ବର୍ତ୍ତମାନ ତୁର୍କୀ ବଏକଟ୍ ନାରା ଜାରି ରହିଛି। ହେଲେ ଏଭଳି ସମୟରେ ଇସ୍ତାନବୁଲ୍‌କୁ ପ୍ରଶଂସା କରିଛି ନିତି ଆୟୋଗ। ନିତି ଆୟୋଗର ଏକ ରିପୋର୍ଟରେ ତୁର୍କୀକୁ ପ୍ରଶଂସା କରାଯାଇଛି। ପାକିସ୍ତାନର ବନ୍ଧୁ ରାଷ୍ଟ୍ରଠାରୁ କିଛି ଶିଖିବାର ଥିବା ଏଥିରେ କୁହାଯାଇଛି। ଏହି ରିପୋର୍ଟ ଏପରି ସମୟରେ ଆସିଛି ଯେତେବେଳେ ଭାରତ ଏବଂ ତୁର୍କୀ ମଧ୍ୟରେ ସମ୍ପର୍କ ଉତ୍ତେଜନାପୂର୍ଣ୍ଣ ରହିଛି। ଅପରେସନ ସିନ୍ଦୂର ସମୟରେ ତୁର୍କୀ ପାକିସ୍ତାନ ସହିତ ଠିଆ ହୋଇଥିଲା। ଏହା ଭାରତୀୟମାନଙ୍କୁ ଏହାର ବିରୁଦ୍ଧରେ କ୍ରୋଧିତ କରିଛି। ଲୋକମାନେ ତୁର୍କୀ ଉତ୍ପାଦ ଏବଂ ସେବାକୁ ବୟକଟ୍ କରୁଛନ୍ତି। ସେହି ସମୟରେ, ନୀତି ଆୟୋଗ ଭଳି ସରକାରୀ ପ୍ରତିଷ୍ଠାନ ବିଶ୍ୱାସ କରନ୍ତି ଯେ ତୁର୍କୀର କିଛି କ୍ଷେତ୍ରରେ ଉତ୍କୃଷ୍ଟ ପଦ୍ଧତି ଅଛି ଯେଉଁଠାରୁ ଭାରତ ଶିଖିପାରିବ। ନିତି ଆୟୋଗ ରିପୋର୍ଟରେ ତୁର୍କୀକୁ ଏପରି ଏକ ଦେଶ ଭାବରେ ବର୍ଣ୍ଣନା କରାଯାଇଛି ଯେଉଁଠାରୁ ଭାରତ ଏହାର ମଧ୍ୟମ ଉଦ୍ୟୋଗଗୁଡ଼ିକରେ ଦକ୍ଷତାର ବ୍ୟବଧାନକୁ ଦୂର କରିବା ପାଇଁ ସର୍ବୋତ୍ତମ ବିଶ୍ୱସ୍ତରୀୟ ଅଭ୍ୟାସ ଗ୍ରହଣ କରିପାରିବ। ରିପୋର୍ଟରେ କାନାଡା, ସିଙ୍ଗାପୁର ଏବଂ ଅଷ୍ଟ୍ରେଲିଆ ବ୍ୟତୀତ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଉତ୍ସାହିତ କରିବା ପାଇଁ ତୁର୍କୀର କାର୍ଯ୍ୟକ୍ରମଗୁଡ଼ିକୁ ତାଲିକାଭୁକ୍ତ କରାଯାଇଛି।

ନିତି ଆୟୋଗ ରିପୋର୍ଟରେ କୁହାଯାଇଛି ଯେ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସଫଳ କରିବା ପାଇଁ, ଦକ୍ଷତା ବିକାଶ ପାଇଁ ଏକ କଷ୍ଟୋମାଇଜ୍ଡ, ଡାଟା-ଚାଳିତ ପଦ୍ଧତି ଆବଶ୍ୟକ ଯାହା ଶିଳ୍ପର ଆବଶ୍ୟକତା ସହିତ ମେଳ ଖାଇପାରିବ ଏବଂ ଏକ ପ୍ରତିଯୋଗିତାମୂଳକ, ଦକ୍ଷ କର୍ମଶକ୍ତି ସୁନିଶ୍ଚିତ କରିପାରିବ। ତୁର୍କୀର ଇ-ଏକାଡେମୀ ଏବଂ କୋସ୍‌ଜେବ୍ କାର୍ଯ୍ୟକ୍ରମ ଉଲ୍ଲେଖ କରାଯାଇଛି ରିପୋର୍ଟରେ କୁହାଯାଇଛି ଯେ ତୁର୍କୀର କୋସ୍‌ଜେବ୍ ଉଦ୍ୟୋଗିତା ଉପରେ ଦୂର ଶିକ୍ଷା ପ୍ରଦାନ କରେ। ଇ-ଏକାଡେମୀ କାର୍ଯ୍ୟକ୍ରମ ସାହାଯ୍ୟରେ, ସମୟ ଏବଂ ସ୍ଥାନର ପ୍ରତିବନ୍ଧକ ବିନା ପ୍ରଭାବଶାଳୀ, ସହଜ ଏବଂ ନମନୀୟ ଉଦ୍ୟୋଗିତା ତାଲିମ ପ୍ରଦାନ କରାଯାଏ। ତୁର୍କୀର ଇ-ଏକାଡେମୀକୁ ଏକ ଅନଲାଇନ୍ ତାଲିମ ପ୍ଲାଟଫର୍ମ ଭାବରେ ବର୍ଣ୍ଣନା କରି ରିପୋର୍ଟରେ କୁହାଯାଇଛି ଯେ ଏହା ରିହାତି ଦରରେ ପାଠ୍ୟକ୍ରମ ପ୍ରଦାନ କରେ।

# ଟାଟା ମୋଟର୍ସ ଅଲ-ନ୍ୟୁ ଆଲଟ୍ରୋଜ୍ ବଜାରରେ




ମୁମ୍ବଇ,୨୮।୫: ଟାଟା ମୋଟର୍ସ ପକ୍ଷରୁ ୬.୮୯ ଲକ୍ଷ ଟଙ୍କା ମୂଲ୍ୟରେ ଅଲ୍-ନ୍ୟୁ ଆଲଟ୍ରୋଜର ଶୁଭାରମ୍ଭ ଘୋଷଣା କରିଛି। ଏହାର ଚମତ୍କାର ଡିଜାଇନ୍, ବିଳାସପୂର୍ଣ୍ଣ ଆଭ୍ୟନ୍ତରୀଣ ଏବଂ ଉନ୍ନତ ବୈଶିଷ୍ଟ୍ୟ ସହିତ ପ୍ରିମିୟମର ଏକ ନୂତନ ଯୁଗରେ ଉପଯୋଗ କରି, ଅଲ-ନ୍ୟୁ ଆଲଟ୍ରୋଜକୁ ଆକର୍ଷିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ପ୍ରିମିୟମ୍ ଡିଜାଇନ୍, ଦୃଢ଼ ନିରାପତ୍ତା, କଟିଙ୍ଗ୍ ଏଜ୍ ଟେକ୍ନୋଲୋଜି ଏବଂ ରୋମାଞ୍ଚକର କାର୍ଯ୍ୟଦକ୍ଷତାର ମୂଳ ସ୍ତମ୍ଭ ଉପରେ ନିର୍ମିତ। ଏହାର ସତେଜ ବାହ୍ୟ ଏବଂ ବିଳାସପୂର୍ଣ୍ଣ ବୈଷୟିକ ସମୃଦ୍ଧ କ୍ୟାବିନରୁ ଏହାର ବର୍ଦ୍ଧିତ ସଂଯୋଗୀକରଣ ଏବଂ ବିସ୍ତାରିତ ମଲ୍ଟି ପାୱାର୍ ଟ୍ରେନ୍ ଲାଇନ୍ ଅପ୍ - ବର୍ତ୍ତମାନ ପ୍ରଥମ ଥର ପାଇଁ ଏକ ଏଏମ୍‌ଟି ବିକଳ୍ପକୁ ଦର୍ଶାଉଛି। ଦୈନନ୍ଦିନ ଡ୍ରାଇଭଗୁଡ଼ିକୁ ଅସାଧାରଣ ଯାତ୍ରାରେ ପରିଣତ କରିବା ପାଇଁ ଆଲଟ୍ରୋଜ ଇଞ୍ଜିନିୟରିଂ ଆଲ୍ଟ୍ରୋଜ ପ୍ରିମିୟମ୍ ହ୍ୟାଚବ୍ୟାକ୍ ସେଗମେଣ୍ଟରେ ଏକ ମାନଦଣ୍ଡ ଭାବରେ ନିଜକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଛି। ଏହାର ବର୍ଗରେ ପ୍ରଥମ ଏବଂ କେବଳ ଗୋଟିଏ ହୋଇ ୫ ତାରକା ଜିଏନ୍‌ସିଏପି ମୂଲ୍ୟାୟନ ପାଇଛି, ଏହା ନିରାପତ୍ତାରେ ଶୀଘ୍ର ନୂତନ ମାନକ ସ୍ଥିର କରୁଛି। ଅଲ୍-ନ୍ୟୁ ଆଲଟ୍ରୋଜ୍‌ରେ ସେଗମେଣ୍ଟର ପ୍ରଥମ ଡିଜାଇନ୍ ଉପାଦାନଗୁଡିକ ଅଛି ଯେପରିକି ଫ୍ଲାଶ୍ ଡୋର ହ୍ୟାଣ୍ଡଲ୍ସ ଏବଂ ଇନଫିନିଟି ସଂଯୁକ୍ତ ଏଲଇଡି ଟେଲ ଲ୍ୟାମ୍ପ, ଯେତେବେଳେ ଇଣ୍ଟିଗ୍ରେଟେଡ୍ ଉଜଖ ସହିତ ଲ୍ୟୁମିନେଟ୍ ଏଲଇଡି ହେଡଲ୍ୟାମ୍ପ ଏବଂ ଏକ ଚମତ୍କାର ୩ଡି ଗ୍ରୀଲ୍ ଏହାର ଅତ୍ୟାଧୁନିକ ସଡ଼କ ଉପସ୍ଥିତିରେ ଯୋଗ କରିଥାଏ।

ସାକ୍ଷାତକାର

ନୃତ୍ୟଶିଳ୍ପୀ ସହିତ କଣ୍ଠଶିଳ୍ପୀ ହେବାକୁ ସେ ସ୍ୱପ୍ନ ଦେଖୁଥିଲେ। ଅନେକ ଲାଇଭ୍ ଷ୍ଟେଜ୍‌ରେ ସେ ନୃତ୍ୟ ପରିବେଷଣ କରିଛନ୍ତି। ହେଲେ ୨୦୧୯ ମସିହା 'ରଜକୁଇନ୍' ଅଡିସନ୍ ତାଙ୍କ ଜୀବନରେ ଏକ ପରିବର୍ତ୍ତନ ନେଇ ଆସିଥିଲା। ଏହା ପରେ ସେ ମ୍ୟୁଜିକ୍ ଭିଡିଓ, ଟେଲି ଫିଲ୍ମ ଓ ଏକାଧିକ ଓଡ଼ିଆ ଧାରାବାହିକରେ କାମ କରିଛନ୍ତି। ସେ ହେଉଛନ୍ତି ଯାଜପୁରର ଲିପିକା ପରିଡ଼ା। ନାୟିକା ହେବାକୁ ଇଚ୍ଛା ରଖିଥିବା ଲିପିକା ଓଡ଼ିଆ ଧାରାବାହିକର ଖଳନାୟିକା ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅଭିନେତ୍ରୀ ଲିପିକାଙ୍କ ମୁହଁରୁ ଜାଣିବା ତାଙ୍କ ଅଭିନୟ କ୍ୟାରିଅର୍ ସଂପର୍କରେ।



# "ସବୁ ଚରିତ୍ରରେ ଅଭିନୟ କରିବାର କଳା ଜାଣିଛି"

**ଲିପିକା ପରିଡ଼ା**, ଅଭିନେତ୍ରୀ

**କ୍ୟାମେରା ଆଗରେ ପ୍ରଥମ ଦିନ ଅନୁଭୂତି କେମିତି ଥିଲା ?**

● ଇଣ୍ଡଷ୍ଟ୍ରିରେ ମୁଁ ପୂରା ନୂଆ ଥାଏ। ଅଭିନୟ ବାବଦରେ ମୋତେ କିଛି ଜଣା ନ ଥାଏ। ଯେହେତୁ ମୋ ବାପା ଜଣେ କ୍ଲାସିକାଲ ଡ୍ୟାନ୍ସର, ତାଙ୍କର କିଛି କଥାକୁ ଧ୍ୟାନରେ ରଖି କ୍ୟାମେରାକୁ ସାମ୍ନା କରିଥିଲି।

**ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

● ମୋ ବାପା ଜଣେ କ୍ଲାସିକାଲ୍ ନୃତ୍ୟଶିଳ୍ପୀ। ଭବିଷ୍ୟତରେ ମୁଁ ମଧ୍ୟ ନୃତ୍ୟଶିଳ୍ପୀ ଏବଂ କଣ୍ଠଶିଳ୍ପୀ ହେବାକୁ ସ୍ୱପ୍ନ ଦେଖି ନାଚ ଓ ଗୀତ ଶିଖୁଥିଲି। ହେଲେ ୨୦୧୯ ମସିହାରେ 'ରଜ କୁଇନ୍' ଅଡିସନ୍ ଦେଇ ଫାଇନାଲ୍ ରାଉଣ୍ଡ ଯାଏଁ ଯାଇଥିଲି। ଏହା ପରେ 'ସିନେ ଷ୍ଟାର୍‌କି ଖୋଜ୍'ରେ ଭାଗ ନେଇଥିଲି। କିଛି ଦିନ ବ୍ରେକ୍ ନେଇଥିବା ବେଳେ ଜି-ସାର୍ଥକରୁ ମୋତେ ଧାରାବାହିକରେ ଅଡିସନ୍ ଦେବାକୁ ଯୋଗାଯୋଗ କରାଯାଇଥିଲା। ମୁଖ୍ୟ ଚରିତ୍ର କରିବି ଭାବିଥିଲି; ହେଲେ 'ରହିଛି ରହିବି ତୋରି ପାଇଁ' ମୋର ପ୍ରଥମ ଧାରାବାହିକରୁ ଖଳନାୟିକା ଭାବେ ଅଭିନୟ କରିବାର ସୁଯୋଗ ମିଳିଲା। 'ତୋ ପାଇଁ ମୁଁ ମୋ ପାଇଁ ତୁ', 'ମୋ ଅଗଣାର ତୁଳସୀ ତୁ', 'ଝିଲି', 'ତୁ ରାଜା ମୁଁ ରାଣୀ' ଧାରାବାହିକରେ 'ଖଳନାୟିକା' ଭାବେ କାମ କରିଛି। 'ଟିଙ୍ଗା ରାଜୁ', 'ମୋ ଜେଜେଙ୍କ ଲଭ୍ ଷ୍ଟୋରୀ', 'ହାପି ଏଣ୍ଡିଂ' ଆଦି ଟେଲି ଫିଲ୍ମ ଓ କିଛି ମ୍ୟୁଜିକ୍ ଭିଡ଼ିଓ କରିବାକୁ ସୁଯୋଗ ପାଇଛି।

**ଖଳନାୟିକାରୁ ନାୟିକା ହେବାକୁ ଇଚ୍ଛା ରଖିଛନ୍ତି ?**


● ଧାରାବାହିକ ହେଉ କି ଫିଲ୍ମ, ସବୁଥିରେ ନାୟିକା ପରି ଖଳନାୟିକାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଯେହେତୁ ମୁଁ କଳାକୁ ଗୁରୁତ୍ୱ ଦିଏ, ତେଣୁ ମୋତେ ଯାହା ଚରିତ୍ର ମିଳିଥିଲା, ମୁଁ କରିଥିଲି। ମୁଁ କେବଳ ଖଳନାୟିକା ନୁହେଁ, ସମସ୍ତ ପ୍ରକାର ଚରିତ୍ରକୁ ନିଖୁଣ ଭାବେ ଫୁଟାଇ ପାରିବି। ତେବେ ଗୋଟେ ପରେ ଗୋଟେ ଧାରାବାହିକରେ ଖଳନାୟିକା ଭାବେ ଦେଖି ଦର୍ଶକ ମଧ୍ୟ ମୋ ଚରିତ୍ରକୁ ଭଲ ପାଇବା ଦେଲେ। ଏ ସବୁ ମଧ୍ୟରୁ 'ଝିଲି'ର ମାୟା ଚରିତ୍ର ମୋ ପାଇଁ ଏକ ଟର୍ଣ୍ଣିଂ ପଏଣ୍ଟ। ଆଗକୁ କେବଳ ଖଳନାୟିକା ହେବି ତାହା ନୁହେଁ, ସବୁ ପ୍ରକାର ଚରିତ୍ରକୁ ଭଲ ଭାବେ କରିପାରିବାର କଳା ମୁଁ ଜାଣିଛି।

**ଚରିତ୍ରକୁ ଦମ୍‌ଦାର କରିବାକୁ କେତେ ପରିଶ୍ରମ କରନ୍ତି?**

● ପ୍ରତିଦିନ ଦର୍ପଣ ସାମ୍ନାରେ ସଂଳାପ କହେ। ଧାରାବାହିକ ସୁଟିଂ ପରେ ବି ମୁଁ ସେହି ସଂଳାପକୁ ଅଭ୍ୟାସ କରୁଥାଏ। ସିନିୟର୍ କଳାକାରଙ୍କ ଅଭିନୟ, ସେମାନଙ୍କ ଭାବଭଙ୍ଗୀକୁ ଗୁରୁତ୍ୱ ଦିଏ। ସେହିପରି ଅନୁପମ ଖେରଙ୍କ ଶୋ'ରେ ଅନେକ ବଲିଉଡ୍ କଳାକାରଙ୍କ ଜୀବନୀ ବିଷୟରେ ଜାଣେ। ସବୁପରେ ନିଜ ହିସାବରେ କେମିତି ଆଗକୁ ବଢ଼ିବି ତାହାକୁ ଗୁରୁତ୍ୱ ଦିଏ। ଏବେ ମୁଁ ଅଭିନୟ ସହିତ ପୁଣି ଓଡ଼ିଶୀ ନୃତ୍ୟ ଶିଖୁଛି।

**ଆଗାମୀ ଯୋଜନା?**

● ଭଲ କଳାକାରଟିଏ ସହ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବାକୁ ଗୁରୁତ୍ୱ ଦେବି। ବଡ଼ ପ୍ରୋଜେକ୍ଟରେ କାମ କରିବାକୁ ଇଚ୍ଛା ଅଛି। ଭଗବାନଙ୍କ ଆଶୀର୍ବାଦରେ ଆଗକୁ ନିଜ ପାଇଁ ପ୍ରଡକ୍ସନ୍ ହାଉସ୍ ଖୋଲିବି। ଯେଉଁମାନେ ପରିଶ୍ରମ କରି କାମ ପାଉନାହାଁନ୍ତି, ସେମାନଙ୍କ ପାଇଁ କିଛି କରିବାକୁ ଯୋଜନା ରଖିଛି। ■



# ୨୦୨୬ରେ 'ଲ୍ୟାଣ୍ଡଫଲ୍'

ପିକ୍ସେଲ ମୁଭି ନିବେଦିତ ନୂଆ ଓଡ଼ିଆ ସିନେମା 'ଲ୍ୟାଣ୍ଡଫଲ' ଖୁବ୍‌ଶୀଘ୍ର ଆସିବ। ଇତି ମଧ୍ୟରେ ଏହାର ମୋସନ୍ ପୋଷ୍ଟର ଲଞ୍ଚ କରାଯାଇଛି। ଯାହାକୁ ଦର୍ଶକେ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ଲୋକେ ଏହି ସିନେମା ମାଧ୍ୟମରେ ବାତ୍ୟାର କରାଳ ରୂପ ଦେଖିବେ। ବିଶେଷକରି ଏଥିରେ ୧୯୯୯ ମହାବାତ୍ୟାଠୁ ଆରମ୍ଭ କରି ଫାଇଲିନ୍ ପର୍ଯ୍ୟନ୍ତ ବାତ୍ୟାଗୁଡ଼ିକକୁ ଦେଖାଇବାକୁ ପ୍ରୟାସ କରାଯାଇଛି। ପ୍ରଭାତ କୁମାର ପ୍ରଧାନଙ୍କ ପ୍ରଯୋଜିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ସବ୍ୟସାଚୀ। ସିନେମାଟିର କାହାଣୀ ବିଶାଲ ମୌର୍ଯ୍ୟ ଲେଖିଥିବା ବେଳେ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଦେବୀ ପ୍ରସାଦ ଲେଙ୍କା। ତେବେ ଏହା ହେବ ଓଡ଼ିଶାର ସବୁଠାରୁ ବ୍ୟୟ ବହୁଳ ସିନେମା। ଏହାର ବିଶାଳ ସେଟ୍ ୧୦ କୋଟି ଟଙ୍କା ବ୍ୟୟରେ କରାଯିବ। ସେହିପରି ଏହା ଓଡ଼ିଆ ଓ ହିନ୍ଦୀ ଭାଷାରେ ନିର୍ମିତ ହେବ। ତେବେ ସିନେମାଟି ୨୦୨୬ ମସିହାରେ ପ୍ରେକ୍ଷାଳୟକୁ ଆସିବ। ଅନ୍ୟପଟେ ଏହି ସିନେମା ମାଧ୍ୟମରେ ସବ୍ୟସାଚୀ ଦର୍ଶକଙ୍କ ମନ ଜିଣିବେ ବୋଲି ସେ ନିଜ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ■

# ଓଲିଉଡ଼ରେ ପୀୟୂଷଙ୍କ ଏଣ୍ଟ୍ରି

ଯାତ୍ରାରେ ନିଜର ଦମ୍‌ଦାର୍ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିଛନ୍ତି ଅଭିନେତା ପୀୟୂଷ। ତେବେ ଏବେ ସେ ରୁପେଲିରେ ପରଦାରେ ପାଦ ଥାପିବେ। ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଶମ୍ଭୁ'ରେ ପୀୟୂଷଙ୍କୁ ଦେଖିବାକୁ ମିଳିବ। ସିନେମାର ନିର୍ଦ୍ଦେଶନା ଏବଂ ଚିତ୍ରନାଟ୍ୟରେ ଅଛନ୍ତି ଏସ୍. ଦିଲୀପ ପଣ୍ଡା। ସେହିପରି ସିନେମାର ସଂଳାପ ରଚନା କରିଛନ୍ତି ଡକ୍ଟର ରଜନୀ ରଞ୍ଜନ। ଏହାର କାହାଣୀ ମନୋରମା ଜେନା ରଚନା କରିଥିବା ବେଳେ ସହ ପ୍ରଯୋଜନାରେ ଅଛନ୍ତି ବିବେକ ଜେନା ଏବଂ ଅଭିଷେକ ଜେନା। ସେହିପରି ସଂଗୀତରେ ଅଛନ୍ତି ଦୀପକ କୁମାର। ତେବେ ଯାତ୍ରା ଭଳି ସିନେମାରେ ପୀୟୂଷଙ୍କୁ ସଫଳତା ମିଳୁଛି କି ନାହିଁ, ସେକଥା ସିନେମା ରିଲିଜ୍ ହେଲେ ଜଣାପଡ଼ିବ। ■





# 'ୱାର୍ -୨'ର ଟିଜର ରିଲିଜ୍

ବଲିଉଡ୍‌ର ବହୁ ପ୍ରତିକ୍ଷୀତ ଫିଲ୍ମ 'ୱାର୍-୨'ର ଟିଜର୍ ଇତିମଧ୍ୟରେ ରିଲିଜ୍ ହୋଇଛି। ଏହି ସିନେମାରେ ହ୍ରିତିକ୍ ରୋଶନ ଏବଂ ଜୁନିୟର ଏନ୍‌ଟିଆର୍‌ଙ୍କ ଦମଦାର ଆକ୍ସନ ଦେଖିବାକୁ ମିଳିବ। ଏହା ହେଉଛି ଏକ ଆକ୍ସନ୍ ଓ ଥ୍ରିଲରଧର୍ମୀ ସିନେମା। ତେବେ ଟିଜର୍‌ର ଆକ୍ସନ ଦୃଶ୍ୟ ମଝିରେ କିୟାରାଙ୍କ ବୋଲ୍ଡ ଲୁକ୍ ଦେଖିବାକୁ ମିଳିଛି। ଟିଜର୍‌କୁ ଦେଖି ଦର୍ଶକେ ଏହାକୁ ୫୦୦ କୋଟିର ଫିଲ୍ମ ବୋଲି କହିଛନ୍ତି। ତା'ସହ ସିନେମାକୁ ନେଇ ଅଧିକ ଉତ୍ସାହିତ ହୋଇଛନ୍ତି। ଅୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ସିନେମା ମାଧ୍ୟମରେ ସାଉଥ୍ ସୁପରଷ୍ଟାର୍ ଜୁନିୟର ଏନ୍‌ଟିଆର୍ ବଲିଉଡ୍‌ରେ ଡେବ୍ୟୁ କରିଛନ୍ତି। ଅନ୍ୟପଟେ 'ୱାର୍-୨'ର ପ୍ରଥମ ଭାଗ ୨୦୧୯ ମସିହାରେ ଆସିଥିଲା। ସିନେମାଟି ବକ୍ସ ଅଫିସ୍‌ରେ ୩୪୪ କୋଟି ଟଙ୍କା ଆୟ କରିଥିଲା। ■

# ମୁହଁ ଲୁଚାଇଲେ ବାଣୀ

ବଲିଉଡ୍ ଅଭିନେତ୍ରୀ ବାଣୀ କପୁରଙ୍କ ଅଭିନୀତ 'ରେଡ୍-୨' ସିନେମାକୁ ଦର୍ଶକୀୟ ଆଦୃତି ମିଳିଛି। ଏଥିରେ ସେ ଅଜୟ ଦେବଗନଙ୍କ ସ୍ତ୍ରୀ ଚରିତ୍ରରେ ଅଭିନୟ କରିଛନ୍ତି। ଏହାରି ଭିତରେ ବାଣୀଙ୍କ ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି। ଯାହାକି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଉଁଟୁଛି। ତେବେ ଏ ଭିଡିଓରେ ସେ ପାପାରାଜିଙ୍କଠାରୁ ନିଜକୁ ଲୁଚାଇଥିବା ଦେଖିବାକୁ ମିଳିଛି। ସେହିପରି ଏହି ଭିଡିଓ ସାମ୍ନାକୁ ଆସିବା ପରେ ଲୋକେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି। ତେବେ ବାଣୀ ଡ୍ୟାନ୍ସ ପୋଷାକରେ ନଜର ଆସିଛନ୍ତି। ସେଟ୍ ବାହାରେ ସେ ଜଣେ ତାଙ୍କ ଟିମ୍ ସଦସ୍ୟଙ୍କ ସହ ନଜର ଆସିଛନ୍ତି। ସେମାନଙ୍କ ସହ କଥାବାର୍ତ୍ତା କରୁଥିବା ବେଳେ ପାପାରାଜିଙ୍କୁ ଦେଖି ତାଙ୍କୁ ଫଟୋ ଉଠାଇବାକୁ ତାଙ୍କ ଟିମ୍ ସଦସ୍ୟ ମନା କଲେ। ଫଳରେ ସେ ତାଙ୍କ ମୁହଁ ଲୁଚାଇ ଚାଲି ଯାଇଛନ୍ତି। ଯାହାକୁ ନେଇ ତାଙ୍କୁ ଏବେ ଟ୍ରୋଲ୍ ହେବାକୁ ପଡ଼ିଛି। ତେବେ ବାଣୀ କ'ଣ ପାଇଁ ଏମିତି କଲେ, ତାହାକୁ ନେଇ ଲୋକେ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି। ■



# ଆସିବ 'ଓଃ ମାଇଁ ଗଡ୍-୩'

୨୦୧୨ ମସିହାରେ ପ୍ରେକ୍ଷାଳୟକୁ ଆସିଥିଲା 'ଓଃ ମାଇଁ ଗଡ୍'। ଏହାର ସଫଳତାକୁ ଦେଖି ପୁଣି ଥରେ ଏହାର ଦ୍ୱିତୀୟ ଭାଗ ୨୦୨୩ ମସିହାରେ ଆସିଥିଲା। ଏହାର ଉଭୟ ପ୍ରଥମ ଓ ଦ୍ୱିତୀୟ ଭାଗରେ ଅକ୍ଷୟ କୁମାର ନଜର ଆସିଥିଲେ। ତା'ସହ ଏଥିରେ ଅକ୍ଷୟଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ ମଧ୍ୟ କରିଥିଲେ। ଏହି କ୍ରମରେ ଏବେ ଆସିବାକୁ ଯାଉଛି ଏହାର ତୃତୀୟ ଭାଗ। ଏ ନେଇ ଅକ୍ଷୟ ଓ ନିର୍ଦ୍ଦେଶକ ଅମିତ ରାୟ ଏହାର ତୃତୀୟ ଭାଗ ନିର୍ମାଣ ଉପରେ ଚିନ୍ତା କରୁଛନ୍ତି। ଖୁବ୍‌ଶୀଘ୍ର ଏହାର କାହାଣୀ ଉପରେ କାମ ଆରମ୍ଭ ହେବା କୁହାଯାଉଛି। ତେବେ କାହାଣୀ ତିଆରି ହେବା ପରେ କାଷ୍ଟିଂ କଥା ଚିନ୍ତା କରାଯିବ ବୋଲି କୁହାଯାଇଛି। ସେହିପରି ଯଦି ସବୁକିଛି ଠିକ୍‌ଠାକ୍ ରୁହେ, ତେବେ ଏହାର ସୁଟିଂ ୨୦୨୬ରେ ଆରମ୍ଭ ହେବ ଏବଂ ୨୦୨୭ରେ ସିନେମାଟି ପ୍ରେକ୍ଷାଳୟକୁ ଆସିବ। ■



ପରଦା ପଛର କାହାଣୀ

# ବାଇକ୍‌ରୁ ଖସି ପଡ଼ିଥିଲେ ଶାହାରୁଖ୍



ବଲିଉଡ୍ ସୁପର୍‌ଷ୍ଟାର୍ ଶାହରୁଖ୍ ଖାନ୍‌ଙ୍କ ଅଭିନୀତ ଫିଲ୍ମ 'ସ୍ୱଦେଶ' ୨୦୦୪ ମସିହାରେ ମୁକ୍ତିଲାଭ କରିଥିଲା। ଆଶୁତୋଷ ଗୋବାରିକରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସେ ମୋହନ ଭାର୍ଗବ ଚରିତ୍ରରେ ଅଭିନୟ କରିଥିଲେ। ଏଥିପାଇଁ ଶାହରୁଖ୍ ବେଷ୍ଟ ଆକ୍ଟର ଭାବେ ଫିଲ୍ମ ଫେୟାର୍ ଆୱାର୍ଡ ପାଇଥିଲେ। ଏହି ଫିଲ୍ମରେ ଶାହାରୁଖ୍‌ଙ୍କ ସହ ମେଲା ରାମ ଚରିତ୍ରରେ ଦୟା ଶଙ୍କର ପାଣ୍ଡେ ଅଭିନୟ କରିଥିଲେ। ନିକଟରେ ଦୟା ଶଙ୍କର ପାଣ୍ଡେ ଫିଲ୍ମ 'ସ୍ୱଦେଶ'କୁ ନେଇ ଏକ ରୋଚକୀୟ କଥା ସେୟାର୍ କରିଛନ୍ତି। ଏହି ଫିଲ୍ମର ଏକ ଦୃଶ୍ୟ ସୁଟିଂ ସମୟରେ ଶାହରୁଖ୍ ଖାନ୍ କିପରି ବାଇକ୍‌ରୁ ସତରେ ଖସି ପଡ଼ିଥିଲେ ସେ ବିଷୟରେ କହିଛନ୍ତି। ଫ୍ରାଇଡେ ଟକିଜ୍‌ରେ ବାର୍ତ୍ତାଳାପ କରି ଦୟା କହିଛନ୍ତି, ଫିଲ୍ମରେ ଗୋଟିଏ ସିନ୍ ଥିଲା ଯେଉଁଥିରେ ସେ ସ୍କୁଟର୍ ଚଲାଉଥିଲେ। ତାଙ୍କ ପଛରେ ଶାହରୁଖ୍ ଖାନ୍ ବସିଥିଲେ। ତାଙ୍କୁ ଗାଡ଼ି ଚଲାଇବା ଆସୁନଥିଲେ ମଧ୍ୟ ସେ ଗାଡ଼ି ଚଲାଇ ପାରନ୍ତି ବୋଲି କହିଥିଲେ। ସେଟ୍‌ରେ ସେହି ସିନ୍‌ର ଅଭ୍ୟାସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୟାଙ୍କୁ ଶାହରୁଖ୍ ଚାହିଁଥିଲେ ଏବଂ ପାଖକୁ ଡାକି ସେ ଗାଡ଼ି ଚାଳନା ଜାଣିଛନ୍ତି କି ନାହିଁ ପ୍ରଶ୍ନ କରିଥିଲେ। ଦୟା ମିଛରେ ହଁ କହିଥିଲେ। ଫଳରେ ଶାହରୁଖ୍ ଆଗପଛ ବିଚାର ନ କରି ତାଙ୍କ ବାଇକ୍‌ରେ ବସିଥିଲେ। ସେତେବେଳେ ସତକୁ ସତ ପବନରେ ବାଇକ୍‌ଟି ଉପରକୁ ଉଠିଗଲା। ଫଳରେ ଶାହରୁଖ୍ ଖାନ ତଳେ ପଡ଼ିଗଲେ। ଦୟା ସଙ୍ଗେ ସଙ୍ଗେ ବାଇକ୍ ଛାଡ଼ି ସେହି ସ୍ଥାନରେ ଛିଡ଼ା ହୋଇ ଭୟରେ ଥରିବାକୁ ଲାଗିଲେ। ଏସବୁ ହେବା ପରେ ସେ ଶାହରୁଖ୍‌ଙ୍କୁ ଖାଲି ଚାହୁଁଥିଲେ, ତାଙ୍କୁ ଉଠାଇବାକୁ ସାହସ କରୁ ନଥିଲେ। ଶାହରୁଖ୍ ଖାନ୍ ଆପେ ଆପେ ଉଠିଲେ। ଦୟାଙ୍କ ପାଖକୁ ଆସି ତାଙ୍କ କାନ୍ଧରେ ହାତ ରଖି, କହିଲେ, ମୁଁ ଜାଣିଥିଲି ତମକୁ ଗାଡ଼ି ଚଳାଇବା ଆସେନି। ଏହାପରେ ସେ ଆଶୁତୋଷ ଗୋବାରିକରଙ୍କୁ ଚାହିଁ ଟାଲ ସଟ୍ ନେବା ବୋଲି କହିଥିଲେ। ଏହାପରେ ଆଶୁତୋଷ ଦୟାଙ୍କୁ ବଡ଼ ଆଖିରେ ଚାହୁଁଥିଲେ। କିନ୍ତୁ ଶାହରୁଖ୍ ତାଙ୍କୁ କହିଥିଲେ "ଏମିତି କାଇଁ ଚାହୁଁଛ। ଭୁଲ ମୋର ଥିଲା। ମୁଁ ତାଙ୍କ ଭାରସାମ୍ୟ ବିଗାଡ଼ି ଦେଇଥିଲି।" ■

**ଆଇପିଏଲ୍-୧୮** | **ରୋମାଞ୍ଚକ ହେବ ପ୍ଲେ ଅଫ୍ ମୁକାବିଲା**

## କ୍ୱାଲିଫାୟର-୧ ମୁକାବିଲା ଆଜି

# ପଞ୍ଜାବ-ବେଙ୍ଗାଲୁରୁ ଲଢ଼େଇ

ମୁଲାନପୁର, ଚଣ୍ଡିଗଡ଼,୨୮।୫ (ଏଜେନ୍ସି):



ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ୬ ୱିକେଟରେ ହରାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଉତ୍କଣ୍ଠାପୂର୍ଣ୍ଣ ବିଜୟ ହାସଲ କରିବା ସହ ଆଇପିଏଲ୍-୧୮'ର ଲିଗ ପର୍ଯ୍ୟାୟ ମୁକାବିଲା ଶେଷ ହୋଇଛି। ଏହା ମଧ୍ୟରୁ ପଏଣ୍ଟ ଟେବଲରେ ଥିବା ପ୍ରଥମ ୪ଟି ଦଳ ଯଥା ପଞ୍ଜାବ କିଙ୍ଗ୍‌ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ ଅଫ୍‌ରେ ପ୍ରବେଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଅନ୍ୟ ୬ଟି ଦଳ ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ଆସନ୍ତାକାଲି ବା ମେ ୨୯ ତାରିଖ ଗୁରୁବାର ନଂ-୧ ଟିମ୍ ପଞ୍ଜାମ ସହ ନଂ-୨ ଟିମ୍ ବେଙ୍ଗାଲୁରୁ ସହ କ୍ୱାଲିଫାୟର-୧ ମୁକାବିଲା ହେବ। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ସିଧାସଳଖ ଫାଇନାଲ ଖେଳିବ। ସେହିପରି ମେ ୩୦ରେ ଗୁଜରାଟ ଟାଇଟନ୍ସ ଓ ୫ ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଏଲିମିନେଟର ଖେଳାଯିବ। ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ କ୍ୱାଲିଫାୟର-୨କୁ ଯୋଗ୍ୟତା ଅର୍ଜନ କରିବ। ଏହି ମ୍ୟାଚ୍‌ର ବିଜେତା ଦଳ ଓ କ୍ୱାଲିଫାୟର-୧'ରେ ପରାଜିତ ଦଳ ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟର ଜୁନ୍-୧ରେ ଖେଳାଯିବ। ଦୁଇ କ୍ୱାଲିଫାୟରର ବିଜେତାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ୍ ଜୁନ୍-୩ରେ ଖେଳାଯିବ।

### ନଂ-୧ ଓ ୨ ମଧ୍ୟରେ ପ୍ରଥମ ଲଢ଼େଇ

ପଏଣ୍ଟ ଟେବଲର ପ୍ରଥମ ଦୁଇଟି ସ୍ଥାନରେ ଥିବା ପଞ୍ଜାବ ଓ ବେଙ୍ଗାଲୁରୁ ମଧ୍ୟରେ ଆସନ୍ତାକାଲି କ୍ୱାଲିଫାୟର-୧ ମୁକାବିଲା ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ସ୍ଥିର ଖେଳ ପ୍ରଦର୍ଶନ କରି ୧୯ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଏହା ମଧ୍ୟରୁ ବେଙ୍ଗାଲୁରୁ ୧୦ମ ଓ ପଞ୍ଜାବ ଚତୁର୍ଥଥର ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ମଧ୍ୟରୁ ବେଙ୍ଗାଲୁରୁ ୩ଥର ଓ ପଞ୍ଜାବ ଥରେ ଫାଇନାଲ ଖେଳିଛି। କିନ୍ତୁ ଉଭୟ ଦଳ ଏଯାଏ ଟାଇଟଲ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି। ୨୦୧୪ରେ ପଞ୍ଜାବ ଶେଷଥର ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା ଓ ଏହି ବର୍ଷ ମଧ୍ୟ ଦଳ ଫାଇନାଲ ଖେଳି କୋଲକାତା ନାଇଟ୍ ରାଇଡର୍ସ ନିକଟରୁ ପରାଜିତ ହୋଇଥିଲା। ୨୦୨୪ରେ ବେଙ୍ଗାଲୁରୁ ପ୍ଲେ ଅଫ୍ ଖେଳିଥିଲେ ମଧ୍ୟ ଫାଇନାଲକୁ ଯାଇ ପାରି ନ ଥିଲା। ଏହି ମୁକାବିଲାରେ ବେଙ୍ଗାଲୁରୁ ଦଳରେ ଅଧିକ ଅଭିଜ୍ଞ ଓ ଅନ୍ତର୍ଜାତୀୟ ଅଭିଜ୍ଞତା ସମ୍ପନ୍ନ ଖେଳାଳି ରହିଛନ୍ତି। ଅନ୍ୟ ପକ୍ଷରେ ପଞ୍ଜାବ ଅନ୍‌କ୍ୟାପ୍‌ଡ ବା ଅନ୍ତର୍ଜାତୀୟ ଅଭିଜ୍ଞତା ନ ଥିବା ଖେଳାଳିଙ୍କ ଉପରେ ନିର୍ଭର କରିଛି। ଆସନ୍ତାକାଲି ମୁକାବିଲାରେ ଉଭୟ ଦଳ ସେମାନଙ୍କ ଶ୍ରେଷ୍ଠ ବୋଲର ପଞ୍ଜାବ ଯୁଜବେନ୍ଦ୍ର ଚହଲ ଓ ବେଙ୍ଗାଲୁରୁ ଜୋଶ ହାଜ୍‌ଲେଉଡ୍‌ଙ୍କୁ ଦଳରେ ସାମିଲ କରିବ ବୋଲି ଆଶା କରାଯାଉଛି। ଉଭୟ ଆଘାତ ଜନିତ କାରଣରୁ ଶେଷ ଦୁଇଟି ମ୍ୟାଚ୍ ନିଜ ଟିମ୍ ପକ୍ଷରୁ ଖେଳି ପାରି ନ ଥିଲେ। ଦୁଇ ବିଦେଶୀ ଖେଳାଳି ପଞ୍ଜାବର ମାର୍କୋ ଜାନ୍‌ସେନ ଓ ବେଙ୍ଗାଲୁରୁର ଟିମ୍ ଡେଭିଡ୍ ଭିନ୍ନ କାରଣରୁ ଏହି ମ୍ୟାଚ୍ ଖେଳିବେ ନାହିଁ।

### କୋହଲି ବନାମ ଆୟର

ଏହି ଟୁର୍ଣ୍ଣାମେଣ୍ଟରେ ବେଙ୍ଗାଲୁରୁ ପକ୍ଷରୁ ତାରକା ଖେଳାଳି ବିରାଟ କୋହଲି ଓ ପଞ୍ଜାବ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ଶ୍ରେଷ୍ଠ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। କୋହଲି ୧୩ଟି ମ୍ୟାଚ୍‌ରୁ ୬୦.୨୦ ହାରରେ ସର୍ବାଧିକ ୬୦୨ ରନ୍ କରିଛନ୍ତି। ଏହା ମଧ୍ୟରେ ୮ଟି ଅର୍ଦ୍ଧଶତକ ରହିଛି। ଅନ୍ୟପକ୍ଷରେ ଆୟର ୧୪ଟି ମ୍ୟାଚ୍‌ରୁ ୫୧.୪୦ ହାରରେ ୫୧୪ ରନ୍ ସଂଗ୍ରହ କରିଛନ୍ତି। କିନ୍ତୁ ମ୍ୟାଚ୍ ଖେଳାଯିବାକୁ ଥିବା ମୁଲାନପୁରରେ ଆୟରଙ୍କ ଅପେକ୍ଷା କୋହଲି ଆଗରେ ରହିଛନ୍ତି। ଉଭୟଙ୍କ ମଧ୍ୟରେ ଏଠାରେ ଅନୁଷ୍ଠିତ ମୁକାବିଲାରେ ବେଙ୍ଗାଲୁରୁ ବିଜୟୀ ହୋଇଥିଲା। ଏଥିରେ କୋହଲି ୫୪ ବଲ୍‌ରୁ ଅପରାଜିତ ୭୩ ରନ୍ କରିଥିଲେ। କିନ୍ତୁ ଏଠାରେ ଆୟର ୪ଟି ମ୍ୟାଚ୍ ଖେଳି ମାତ୍ର ୨୫ ରନ୍ ସଂଗ୍ରହ କରିଛନ୍ତି।

ବ୍ୟାଟିଂରେ ବେଙ୍ଗାଲୁରୁ ପକ୍ଷରୁ ଫିଲ ସଲ୍ଟ ୩୧୧, ରଜତ ପାଟିଦାର ୨୭୧, ଜିତେଶ ଶର୍ମା ୨୩୭, କ୍ରୁନାଲ ପାଣ୍ଡ୍ୟା ୧୦୫ ରନ୍ କରିଛନ୍ତି। ପାଡିକଲ ୨୪୭ ଓ ଡେଭିଡ ୧୮୭ ରନ୍ କରିଥିଲେ ମଧ୍ୟ ଏହି ମ୍ୟାଚ୍ ଖେଳିବେ ନାହିଁ। ଅନ୍ୟପକ୍ଷରେ ପଞ୍ଜାବ ପକ୍ଷରୁ ଅନ୍‌କ୍ୟାପ୍‌ଡ ଖେଳାଳି ପ୍ରଭସିମରନ ସିଂହ ୪୯୯, ଡେବ୍ୟୁଟାଣ୍ଟ ପ୍ରିୟାଂଶ ଆର୍ଯ୍ୟ ୪୨୪, ନେହାଲ ୱାଧେରା ୨୯୮, ଶଶାଙ୍କ ସିଂ ୨୮୪ ରନ୍ କରିଛନ୍ତି। କିନ୍ତୁ ଜୋଶ ଇଂଲିଶ ୧୬୪.୧୬ ଷ୍ଟ୍ରାଇକ୍‌ରେଟ୍‌ରେ ୧୯୭ ଓ ମାର୍କସ ଷ୍ଟୋଇନିସ ୧୯୩.୮୪ ହାରରେ ୧୨୬ ରନ୍ କରି ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛନ୍ତି।

### ଅର୍ଶଦୀପ ବନାମ ହାଜ୍‌ଲେଉଡ୍

ବୋଲିଂରେ ଉଭୟ ଦଳର ସ୍ଥିତି ପ୍ରାୟ ସମାନ। ପେସ୍ ବୋଲିଂରେ ଜୋଶ ହାଜ୍‌ଲେଉଡ୍ (୧୮ ୱିକେଟ) ଙ୍କ ନେତୃତ୍ୱରେ ଭୁବନେଶ୍ୱର କୁମାର (୧୪), ଯଶ ଦୟାଲ (୧୦) ବେଶ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ରୋମାରିଓ ସେଫର୍ଡ ଓ ନୁୱାନ ତୁଷାରା ବେଶ ଚତୁର ବୋଲିଂ ପ୍ରଦର୍ଶନ କରିଛନ୍ତି। ସ୍ପିନ୍‌ର ଭାବେ କ୍ରୁନାଲ ପାଣ୍ଡ୍ୟା (୧୫ ୱିକେଟ)ଙ୍କୁ ଦ୍ୱିତୀୟ ଶ୍ରେଷ୍ଠ ସଫଳତା ମିଳିଛି। ଅନ୍ୟ ପକ୍ଷରେ ଭାରତର ନଂ-୧ ବୋଲର ଅର୍ଶଦୀପ ସିଂ ପଞ୍ଜାବ ପକ୍ଷରୁ ଶ୍ରେଷ୍ଠ ସଫଳତା ପାଇ ୧୮ ୱିକେଟ ପାଇଛନ୍ତି। ୧୬ଟି ୱିକେଟ ନେଇଥିବା ଜାନ୍‌ସେନ ଏହି ମ୍ୟାଚ୍ ଖେଳିବେନି। ଦଳର ପେସ୍ ବୋଲିଂ ଦୁର୍ବଳ। ଆଫଗାନିସ୍ତାନର ଆଜମତୁଲ୍ଲା ଓମରଜାଇ, ଜାଭିୟର ବାର୍ଟଲେଟ୍, ବିଜୟ କୁମାର ବ୍ୟାସକ ପେସ ସ୍ଥାନ ପୂରଣ କରିବେ। ଦଳ ନିକଟରେ କିନ୍ତୁ ଦୁଇ ଜଣ ପ୍ରଭାବୀ ସ୍ପିନର ଅଛନ୍ତି। ୧୪ଟି ୱିକେଟ ନେଇଥିବା ଯୁଜବେନ୍ଦ୍ର ଚହଲ ଓ ୧୦ଟି ୱିକେଟ ନେଇଥିବା ହରପ୍ରୀତ ବ୍ରାର ସଫଳ ହେବେ ବୋଲି ଆଶା କରାଯାଉଛି।

### ବ୍ୟାଟିଂରେ ପଞ୍ଜାବ ଆଗୁଆ

ବେଙ୍ଗାଲୁରୁ ନିକଟରେ ଅଧିକ ଅଭିଜ୍ଞ ବ୍ୟାଟର ରହିଛନ୍ତି, କିନ୍ତୁ ପଞ୍ଜାବ କିଙ୍ଗ୍‌ସ ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ମ୍ୟାଚ୍‌ରୁ ୭ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛି। ହାଇଦରାବାଦ୍ ବିପକ୍ଷରେ ୬ ୱିକେଟରେ ୨୪୫ ରନ୍ ଦଳର ସର୍ବାଧିକ ଦଳଗତ ସ୍କୋର। ସେହିପରି ବେଙ୍ଗାଲୁରୁ ୪ଥର ୨୦୦ରୁ ଅଧିକ ରନ୍ କରିଥିଲାବେଳେ ଏଲ୍‌ଏସ୍‌ଜି ବିପକ୍ଷରେ ୪ ୱିକେଟରେ ୨୩୦ ରନ୍‌ର ସର୍ବାଧିକ ସ୍କୋର ସଂଗ୍ରହ କରିଛି। ପଞ୍ଜାବ ପକ୍ଷରୁ ପ୍ରିୟାଂଶ ଆର୍ଯ୍ୟ ଏକମାତ୍ର ଶତକ ହାସଲ କରିଛନ୍ତି। ଶ୍ରେୟସ ଆୟର ଅପରାଜିତ ୯୭, ୮୨, ୭୨ ରନ୍‌ର ପାଳି ଖେଳିଛନ୍ତି। ପ୍ରଭସିମରନ ୯୧, ୮୩ ଓ ୬୯ ରନ୍‌ର ପାଳି ଖେଳିଛନ୍ତି। ବେଙ୍ଗାଲୁରୁ ପକ୍ଷରୁ ଶେଷ ଲିଗ୍‌ରେ ଜିତେଶ ଶର୍ମାଙ୍କ ଅପରାଜିତ ୮୫ ରନ୍ ସର୍ବାଧିକ। ୮ଟି ଅର୍ଦ୍ଧଶତକ ହାସଲ କରି କୋହଲି ସ୍ଥିର ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ଫିଲିପ୍ ସଲ୍ଟ ୬୫ ଓ ୬୨ ରନ୍ କରି ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି।

### ସମ୍ଭାବ୍ୟ ଖେଳାଳି ଦଳ

**ପଞ୍ଜାବ କିଙ୍ଗ୍‌ସ:** ପ୍ରିୟାଂଶ ଆର୍ଯ୍ୟ, ପ୍ରଭସିମରନ ସିଂହ, ଜୋଶ ଇଂଲିଶ (ୱିକେଟରକ୍ଷକ), ଶ୍ରେୟସ ଆୟର (ଅଧିନାୟକ), ନେହାଲ ୱାଧେରା, ଶଶାଙ୍କ ସିଂ, ମାର୍କସ ଷ୍ଟୋଇନିସ୍, ଆଜମତୁଲ୍ଲା ଓମରଜାଇ, କାଏଲ ଜାମିସନ, ହରପ୍ରୀତ୍ ବ୍ରାର୍, ଅର୍ଶଦୀପ ସିଂହ ଓ ଯୁଜବେନ୍ଦ୍ର ଚହଲ।

**ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ:** ବିରାଟ କୋହଲି, ଫିଲ ସଲ୍ଟ, ମୟଙ୍କ ଅଗରୱାଲ, ରଜତ ପାଟିଦାର (ଅଧିନାୟକ), ଜିତେଶ ଶର୍ମା (ୱିକେଟରକ୍ଷକ), କ୍ରୁନାଲ ପାଣ୍ଡ୍ୟା, ଲିଆମ ଲିଭିଙ୍ଗଷ୍ଟୋନ୍, ରୋମାରିଓ ସେଫର୍ଡ, ଭୁବନେଶ୍ୱର କୁମାର, ଯଶ ଦୟାଲ, ଜୋଶ ହାଜ୍‌ଲେଉଡ୍ ଓ ସୂୟାଶ ଶର୍ମା।

## ଟିମ୍ ଇଣ୍ଡିଆ ଫିଲ୍ଡିଂ କୋଚ୍ ପଦକୁ ଫେରିଲେ ଟି ଦିଲୀପ

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ଟି ଦିଲୀପ ପୁଣି ଥରେ ଭାରତୀୟ କ୍ରିକେଟ ଦଳରେ ଫିଲ୍ଡିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାଙ୍କ ଗୋଟିଏ ବର୍ଷ ପାଇଁ ଚୁକ୍ତି କରିଛି। ସେ ଆସନ୍ତା ମାସରେ ଭାରତୀୟ ଦଳ ସହ ଇଂଲଣ୍ଡ ଗସ୍ତରେ ଯିବେ। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଖରାପ ପ୍ରଦର୍ଶନ ପରେ



ଦଳର କୋଚିଂ ଷ୍ଟାଫ୍‌ରେ ପରିବର୍ତ୍ତନ କରାଯାଇଥିଲା। ଫଳରେ ଦିଲୀପ୍‌ଙ୍କୁ ପଦରୁ ହଟାଇ ଦିଆଯାଇଥିଲା। ତାଙ୍କ ଅନୁପସ୍ଥିତିରେ ସହାୟକ କୋଚ୍ ରିଆନ ଟେନ ଡୋଶ୍ଚେଟ ଦାୟିତ୍ୱ ସମ୍ଭାଳିଥାନ୍ତେ। ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ପରାମର୍ଶ କ୍ରମେ ଦିଲୀପ୍‌ଙ୍କୁ ପୁଣି ଥରେ ଏହି ଗୁରୁ ଦାୟିତ୍ୱ ଦେବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ଟେଷ୍ଟରୁ ଅବସର ଘୋଷଣା କରିସାରିଥିଲେ ମଧ୍ୟ ରୋହିତ କୋଚ୍ ଗୌତମ ଗମ୍ଭୀରଙ୍କୁ ଫେରାଇଆଣିବାକୁ ଅନୁରୋଧ କରିଥିଲେ। ଦିଲୀପଙ୍କୁ ୨୦୨୧ରେ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ନିଯୁକ୍ତ ହୋଇଥିଲେ। ସେ ଆର ଶ୍ରୀଧରଙ୍କ ସ୍ଥାନରେ ଏହି ଦାୟିତ୍ୱ ସମ୍ଭାଳିଥିଲେ। ୨୦୨୪ ଟି-୨୦ ବିଶ୍ୱକପ୍ ପରେ ତାଙ୍କ ଚୁକ୍ତି ଶେଷ ହୋଇଥିଲା। ଫଳରେ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ତାଙ୍କୁ ଚୁକ୍ତିକୁ ବୃଦ୍ଧି କରାଯାଇଥିଲା। କିନ୍ତୁ ତାଙ୍କୁ ପରେ ହଟାଇ ଦିଆଯାଇଥିଲା। କିନ୍ତୁ ବିକଳ୍ପ ନ ମିଳିବା ଫଳରେ ଦିଲୀପଙ୍କୁ ପୁଣି ଦାୟିତ୍ୱ ମିଳିଛି। ଦିଲୀପ୍ ୨୦୦୭ରୁ ୨୦୧୯ ପର୍ଯ୍ୟନ୍ତ ହାଇଦରାବାଦ କ୍ରିକେଟ ଆସୋସିଏସନ (ଏଚ୍‌ସିଏ) ସହିତ କୋଚିଂ ଦେବା ଆରମ୍ଭ କରିଥିଲେ।

## ଅନିରୁଦ୍ଧଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ; ଗଞ୍ଜାମ ବିଜୟୀ

କଟକ,୨୮।୫(ସମିସ): କଟକରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଗଞ୍ଜାମ ୫୪ରନରେ ନୂଆପଡାକୁ ପରାସ୍ତ କରିଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ଅନିରୁଦ୍ଧ ପଟ୍ଟନାୟକ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ନୂଆପଡା ଟସ୍ ଜିତି ଗଞ୍ଜାମକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ଅନିରୁଦ୍ଧଙ୍କ ୨୯ରନ ସହାୟତାରେ ଦଳ ସମସ୍ତ ୱିକେଟ ହରାଇ ୧୦୮ରନ ସଂଗ୍ରହ କରିଥିଲା। ନୂଆପଡାର ଅର୍ମାନ ପତି ୫ଟି ୱିକେଟ ଦଖଲ କରିଥିଲେ। ୧୦୯ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ନୂଆପଡା ମାତ୍ର ୫୪ରନରେ ଅଲଆଉଟ ହୋଇଥିଲା। ଅଭିରୂପ ଦାସ ସର୍ବାଧିକ ୧୬ରନ କରିଥିଲେ। ଅନିରୁଦ୍ଧ ୧୩ରନ ବିନିମୟରେ ୫ଟି ୱିକେଟ ଦଖଲ କରିଥିଲେ।



ରେଭେନ୍ସା ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୧୫ରନରେ ବରଗଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର-ଏ ୧୩୮ ରନରେ ଅଲଆଉଟ ହୋଇଥିଲା। ଆୟୁଷ ଚାନ୍ଦ ସର୍ବାଧିକ ୪୭ରନ କରିଥିଲେ। ବରଗଡର ସେଖ ହାୟତ ଏବଂ କ୍ରୀଷ୍ଣା ସାମଲ ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। ୨୩.୪ ଓଭରରେ ବରଗଡ ସମସ୍ତ ୱିକେଟ ହରାଇ ୧୨୩ରନ କରିଥିଲା। ଭୁବନେଶ୍ୱରର ଅର୍ଣ୍ଣଭ ଶତପଥୀ ୩ଟି ୱିକେଟ ଅକ୍ତିଆର କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ବାଲେଶ୍ୱର ୭ ୱିକେଟରେ ପୁରୀକୁ ହରାଇଛି। ଓଦା ଗ୍ରାଉଣ୍ଡ ଯୋଗୁଁ ୨୪ଓଭର ବିଶିଷ୍ଟ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୭ ୱିକେଟ ହରାଇ ୮୫ରନ ସଂଗ୍ରହ କରିଥିଲା। ରୋହନ ସାହୁ ସର୍ବାଧିକ ୩୬ରନ କରିଥିଲେ। ବାଲେଶ୍ୱରର ଶୁଶୋଭନ ଦାସ ଏବଂ ଶୁଭମ ପଲାଇ ଯଥାକ୍ରମେ ୨ଟି ଏବଂ ଗୋଟିଏ ୱିକେଟ ହାସଲ କରିଥିଲେ। ଶୁଭମଙ୍କ ଅପରାଜିତ ୧୯ରନ ସହାୟତାରେ ୩ ୱିକେଟ ହରାଇ ବାଲେଶ୍ୱର ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଶୁଭମ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ବିଡାନାସୀ ଗ୍ରାଉଣ୍ଡରେ କେନ୍ଦୁଝର ୪୬ରନରେ କନ୍ଧମାଳକୁ ହରାଇଥିଲା। ୩ରନ ବ୍ୟୟରେ ୩ ୱିକେଟ ଦଖଲ କରିଥିବା କେନ୍ଦୁଝରର ସରୱନ ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ଉତ୍ତର ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟବଲ**

## ମେଘାଳୟ ଚାମ୍ପିଅନ, ଓଡ଼ିଶା ତୃତୀୟ

ଭୁବନେଶ୍ୱର,୨୮।୫(ସମିସ): ଆସାମ ରାଜଧାନୀ ଗୌହାଟୀରେ ଅନୁଷ୍ଠିତ ଉତ୍ତର ପୂର୍ବାଞ୍ଚଳି ଦୃଷ୍ଟିବାଧିକ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁରୁଷ ଦଳ ତୃତୀୟ ସ୍ଥାନରେ ରହି ଜାତୀୟସ୍ତର ଟୁର୍ଣ୍ଣାମେଣ୍ଟ ଖେଳିବାକୁ ମନୋନୀତ ହୋଇଛି। କିନ୍ତୁ ଓଡ଼ିଶା ମହିଳା ଦଳ ଜାତୀୟସ୍ତରକୁ ମନୋନୀତ ହେବାରେ ବିଫଳ ହୋଇଛି। ଏ ଗ୍ରୁପ୍‌ର ବିଜେତା ମେଘାଳୟ ଫାଇନାଲ ମୁକାବିଲାରେ ବି ଗ୍ରୁପ୍‌ର ବିଜେତା ଅରୁଣାଚଳକୁ ୯-୧ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏ ଗ୍ରୁପ୍‌ରେ ଓଡ଼ିଶା ୪-୦ ଗୋଲରେ ଆସାମକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଏବଂ ବି ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ ନାଗାଲାଣ୍ଡକୁ ୧-୦ ଗୋଲରେ



ପରାସ୍ତ କରିଥିଲା। ଏଥିରେ ଓଡ଼ିଶା ଅଧିନାୟକ ଆଶିଷ ସାହୁ ମ୍ୟାଚ୍‌ର ଏକାମାତ୍ର ଗୋଲ ସ୍କୋର କରିଥିଲେ। ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ପ୍ରଦର୍ଶନକୁ ଭିତ୍ତିକରି ଓଡ଼ିଶା ପୁରୁଷ ଦଳ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

## ଜାତୀୟ କନିଷ୍ଠ ସଫ୍ଟବଲ: ରାଜ୍ୟ ଦଳର ଚଣ୍ଡିଗଡ ଯାତ୍ରା

କଟକ,୨୮।୫(ସମିସ): ଗୁରୁବାର ଠାରୁ ଚଣ୍ଡୀଗଡରେ ୪୫ତମ କନିଷ୍ଠ ଜାତୀୟ ସଫ୍ଟବଲ ଚାମ୍ପିଅନସିପ୍ ଆରମ୍ଭ ହେବ। ଏଥି ନିମନ୍ତେ ଆଜି ରାଜ୍ୟ ସଂଘ ପକ୍ଷରୁ ଘୋଷିତ ଉଭୟ ବାଳକ ଏବଂ ବାଳିକା ଦଳ ଚଣ୍ଡୀଗଡ ଯାତ୍ରା କରିଛନ୍ତି। ବାଳକ ଦଳରେ ଅମରନାଥ ଭୋଳ, ମୁକ୍ତିକାନ୍ତ ପ୍ରଧାନ, ଶିବ କିରସାନି, କୁମାର ଶୁଭଙ୍କର, ଅନୀଲ କଦରକା, ମିଥୁନ କୁମାର ମଲ୍ଲିକ, ଗଡ୍ଡୁ ବଡନାୟକ, ରାଜୁ ପିଡିସିକା, ସଂଗ୍ରାମ ସୋରେନ, ସୋନାଲ ସଞ୍ଜୀବ ବେହେରା, ସତ୍ୟ ନାରାୟଣ ଦାସ, ସରୋଜ ମାଝୀ, ସୁବ୍ରତ ସାହୁ, ନିହାର ରଞ୍ଜନ ନାୟକ, ଶାନ୍ତନୁ କୁମାର ମଲ୍ଲିକ, ହେମନ୍ତ କୁମାର କର ସ୍ଥାନ ପାଇଛନ୍ତି। ମନୋଜ କୁମାର ପ୍ରଧାନ ପ୍ରଶିକ୍ଷକ ଏବଂ ପ୍ରଭାତ କୁମାର ସାହୁ ମ୍ୟାନେଜର ଭାବେ ଦଳରେ ରହିଛନ୍ତି।

**ଫ୍ରେଞ୍ଚ ଓପନ୍ ଟେନିସ**

## ତୃତୀୟ ରାଉଣ୍ଡରେ ଆଲ୍‌କାରାଜ୍, ମୁସେଟ୍ଟି, ସେଲ୍‌ଟନ୍

ପ୍ୟାରିସ୍,୨୮।୫(ଏଜେନ୍ସି):

ଚଳିତ ଫ୍ରେଞ୍ଚ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜ, ଅଷ୍ଟମ ସିଡ୍ ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି, ୧୩ତମ ସିଡ୍ ଆମେରିକାର ବେନ୍ ସେଲଟନ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ସପ୍ତମ ସିଡ୍ ନରୱେର କାସ୍ପେର ରୁଡ୍ ଦ୍ୱିତୀୟ ରାଉଣ୍ଡରେ ପର୍ତ୍ତୁଗାଲର ନୁନୋ ବୋର୍ଗେସ୍‌ଙ୍କଠାରୁ ୬-୨, ୪-୬, ୧-୬, ୦-୬ ସେଟ୍‌ରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଆଲକାରାଜ ୬-୧, ୪-୬, ୬-୧, ୬-୨ ସେଟ୍‌ରେ ହଙ୍ଗେରୀର ଫାବିଆନ ମାରୋଜସାନଙ୍କୁ, ମୁସେଟ୍ଟି ୬-୪, ୬-୦, ୬-୪ ସେଟ୍‌ରେ କଲମ୍ବିଆର ଡାନିଏଲ୍ ଗଲାନଙ୍କୁ, ୨୫ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସେଇ ପପିରିନ୍ ୭-୫, ୬-୩, ୬-୪ ସେଟ୍‌ରେ ଚିଲିର ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେଲଟନ ଫ୍ରାନ୍ସର ହୁଗୋ ଗାଷ୍ଟନଙ୍କ ବିପକ୍ଷରେ ୱାକ୍‌ଓଭର ପାଇଁ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।



### ଭିଟୋଲିନା, ପାଓଲିନି, ଝେଙ୍ଗ୍‌ଙ୍କ ଅଗ୍ରଗତି

ମହିଳା ଏକକରେ ମଧ୍ୟ ସିଡେଡ ଖେଳାଳିମାନେ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଚତୁର୍ଥ ସିଡ୍ ଇଟାଲୀର ଜସ୍ମିନ ପାଓଲିନି ୬-୩, ୬-୩ ସେଟ୍‌ରେ ଅଷ୍ଟ୍ରେଲିଆର ଅଜଲା ଟୋମଲଜାନୋଭିକଙ୍କୁ, ୫ମ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍ ୬-୧, ୬-୨ ସେଟ୍‌ରେ ବ୍ରିଟେନର ଇମ୍ମା ରାଡୁକାନୁଙ୍କୁ, ଅଷ୍ଟମ ସିଡ୍ ଚୀନ୍‌ର କିନୱେନ ଝେଙ୍ଗ ୬-୨, ୬-୩ ସେଟ୍‌ରେ କଲମ୍ବିଆର ଏମିଲିଆନୋ ଅରାଙ୍ଗୋଙ୍କୁ, ୧୬ତମ ସିଡ୍ ଆମେରିକାର ଅମଣ୍ଡା ଅନିସିମୋଭା ୬-୦, ୬-୨ ସେଟ୍‌ରେ ସ୍ୱିଜରଲାଣ୍ଡର ଭିକ୍ଟୋରିଆ ଗୋଲୁବିକଙ୍କୁ, ୧୩ତମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା ୬-୧, ୬-୧ ସେଟ୍‌ରେ ତୁର୍କୀର ଜେନେପ ସୋନମେଜଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୪ତମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନ୍ ମୁଚୋଭା ୩-୬, ୬-୨, ୧-୬ ସେଟ୍‌ରେ ଆମେରିକାର ଆଲିସିଆ ପାର୍କଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି।

### ଯୁଗଳରେ ହାରିଲେ ବୋଲିପାଲ୍ଲି

ଫ୍ରେଞ୍ଚ ଓପନ ପୁରୁଷ ଯୁଗଳରେ ଭାରତର ଋତଭିକ ଚୌଧୁରୀ ବୋଲିପାଲ୍ଲି ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୋଲିପାଲ୍ଲି ଓ କଲମ୍ବିଆ ପାର୍ଟନର ନିକୋଲାସ ବାରିଏଣ୍ଟୋସ୍ ୦-୬, ୨-୬ ସିଧାସଳଖ ସେଟ୍‌ରେ ବ୍ରିଟେନର ଜ୍ୟାକବ ଫିୟର୍ଣ୍ଣଲି ଓ କାନାଡାର ଗାବ୍ରିଏଲ୍ ଡିଆଲୋଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ଚେକ ଗଣରାଜ୍ୟ ପାର୍ଟନର ଆଡାମ ପାଭଲାସେକ ଏବଂ ୟୁକି ଭାମ୍ବ୍ରି ଓ ତାଙ୍କ ଆମେରିକୀୟ ପାର୍ଟନର ରୋବର୍ଟ ଗାଲୋୱେ ପ୍ରଥମ ରାଉଣ୍ଡରେ ଅଭିଯାନ ଆରମ୍ଭ କରିବେ।

**■ ଏସିଆନ ଆଥ୍‌ଲେଟିକ୍ ଚାମ୍ପିଅନସିପ୍**

## ୪ ଗୁଣା ୪୦୦ମି ମିକ୍ସଡ୍ ରିଲେରେ ଭାରତକୁ ସ୍ୱର୍ଣ୍ଣ

ଗୁମି,୨୮।୫(ଏଜେନ୍ସି): କୋରିଆର ଗୁମିଠାରେ ଚାଲିଥିବା ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୨୬ତମ ସଂସ୍କରଣରେ ବୁଧବାର ତୃତୀୟ ଦିବସରେ ଭାରତୀୟ ଖେଳାଳିମାନେ ଏକାଧିକ ପଦକ ହାସଲ କରିଛନ୍ତି। ୪ ଗୁଣା ୪୦୦ମିଟର ମିକ୍ସଡ ରିଲେ ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ପ୍ରଥମସ୍ଥାନରେ ରହି ଦେଶ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତୀୟ ଆଥଲେଟ୍‌ମାନେ ଏହି ଇଭେଣ୍ଟରେ ୩ ମିନିଟ୍ ୧୮.୧୨ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଥିଲେ। ଏଥିରେ ଚୀନ ରୌପ୍ୟ ଓ ଶ୍ରୀଲଙ୍କା କାଂସ୍ୟ ପଦକ ହାସଲ କରିଥିଲା। ସେହିପରି ତେଜସ୍ୱିନ ଶଙ୍କର ଡେକାଥଲନ୍‌ରେ, ପ୍ରବୀଣ ଚିତ୍ରାଭେଲ୍ ପୁରୁଷ ଟ୍ରିପଲ ଜମ୍ପରେ, ପାରୁଲ ଚୌଧୁରୀ ମହିଳା ୪୦୦ମିଟରରେ, ପୂଜା ମହିଳା ୧୫୦୦ ମିଟର ରେସ୍‌ରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛନ୍ତି। କିନ୍ତୁ ପୁରୁଷ ୧୫୦୦ମି ରେସ୍‌ରେ ୟୁନୁସ ଶାହା କାଂସ୍ୟ ପଦକ ହାସଲ କରିଛନ୍ତି। ଭାରତ ଏବେ ୨ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ କାଂସ୍ୟ ପଦକ ସହ ମୋଟ୍ ୮ ପଦକ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି। ଚୀନ୍ ୧୧ ସ୍ୱର୍ଣ୍ଣ ସହ ମୋଟ୍ ୧୩ ପଦକ ଏବଂ ଜାପାନ ୩ ସ୍ୱର୍ଣ୍ଣ ସହ ୧୪ ପଦକ ପାଇଁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS